BOD-3
Block-3

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University
Sambalpur

# ସ୍ନାତକ କାର୍ଯ୍ୟକ୍ରମ

## ଓଡ଼ିଆ (ସମ୍ମାନ)

### ନବଚେତନା ଓଡ଼ିଆ ସାହିତ୍ୟ

### ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଧାରା

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

ପାଠ୍ୟକ୍ରମ - ୩
ନବଚେତନା ଓଡ଼ିଆ ସାହିତ୍ୟ

ବ୍ଲକ୍

## ୩ ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଧାରା

ପ୍ରଥମ ଏକକ
ସତ୍ୟବାଦୀ ସାହିତ୍ୟ ଓ ତାହାର ପୃଷ୍ଠଭୂମି

ଦ୍ୱିତୀୟ ଏକକ
ସତ୍ୟବାଦୀ ସାହିତ୍ୟର ସ୍ରଷ୍ଟାଗଣ

ତୃତୀୟ ଏକକ
ସତ୍ୟବାଦୀ ଯୁଗର ଗଦ୍ୟସାହିତ୍ୟ

ଚତୁର୍ଥ ଏକକ
ଆତ୍ମିକ ଓ ଆଙ୍ଗିକ ବିଭବ

## ପାଠ୍ୟକ୍ରମ : ୩

## ବ୍ଲକ୍ : ୩

**ପ୍ରଥମ ସଂସ୍କରଣ : ୨୦୨୦**

**ଲେଖକ : ଡକ୍ଟର ଦେବାଶିଷ ପାଣ୍ଡିଆ**
ଅଧ୍ୟକ୍ଷ, ପଞ୍ଚାୟତ ସମିତି ଡିଗ୍ରୀ କଲେଜ, ଉଲୁଣ୍ଡା, ସୁବର୍ଣ୍ଣପୁର ।

**ସମୀକ୍ଷକ : ଡକ୍ଟର ସନ୍ତୋଷ କୁମାର ରଥ**
ଭୀମଭୋଇ ଚେୟାର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଅଳଙ୍କରଣ : ଲିପିନା ସାହୁ**
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଡିଟିପି : ଡକ୍ଟର ଦେବାଶିଷ ପାଣ୍ଡିଆ**

## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

© OSOU, 2020."**Nabachetana Odia Sahitya**" is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ସତ୍ୟବାଦୀ ସାହିତ୍ୟ ଓ ତାହାର ପୃଷ୍ଠଭୂମି

**ବିଷୟ ଗଠନ :**

୧.୧ ପଠନର ଉଦ୍ଦେଶ୍ୟ
୧.୨ ଶିକ୍ଷଣୀୟ ବିଷୟ
୧.୩ ବିଷୟ ପ୍ରବେଶ
୧.୪ ଭାରତରେ ଜାତୀୟତାବାଦୀ ଆନ୍ଦୋଳନ
୧.୫ ଓଡିଶାରେ ଜାତୀୟତାବାଦୀ ଆନ୍ଦୋଳନ
୧.୬ ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନ
୧.୭ ସତ୍ୟବାଦୀ ବନବିଦ୍ୟାଳୟ
୧.୮ ସାଂସ୍କୃତିକ ପୃଷ୍ଠଭୂମି
୧.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୧.୧୦ ସହାୟକ ଗ୍ରନ୍ଥସୂଚୀ

## ୧.୧ ପଠନର ଉଦ୍ଦେଶ୍ୟ

ସତ୍ୟବାଦୀ ସାହିତ୍ୟ ଓଡ଼ିଆଭାଷାର ସଫଳ ସାରସ୍ୱତ ବିଭବ । ଏହିଯୁଗର ସାହିତ୍ୟସ୍ରଷ୍ଟାଗଣ ଦୃଢ଼ ଜାତୀୟତାବାଦୀ ତଥା ମାନବବାଦୀ ଚିନ୍ତାଧାରାର ଆଧାରରେ ସାହିତ୍ୟ ସର୍ଜନା କରିଥିଲେ । ନିଜ ଦେଶକୁ ଓ ଜାତିକୁ ଅତି ନିବିଡ ଭାବରେ ଭଲପାଇବା ଏବଂ ଜାତିର ଦୁର୍ଦ୍ଦିନରେ ତାହାକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା ହେଉଛି ସତ୍ୟବାଦୀ ସାହିତ୍ୟର ଆଭିମୁଖ୍ୟ । ଏହି ଯୁଗର ସାହିତ୍ୟରେ ତେଣୁ ଦେଶ ଓ ଜାତି ପ୍ରତି ଗଭୀର ମମତା ପ୍ରତିଫଳିତ ହୋଇଅଛି । ଊନବିଂଶ ଶତାବ୍ଦୀରେ ଘଟିଥିବା ନବଜାଗରଣ, ଭାରତର ଜାତୀୟତାବାଦୀ ଚେତନାର ପ୍ରଚାର ପ୍ରସାର ଓ ଓଡିଶାରେ ତାର ପ୍ରଭାବ, ଓଡିଆ ପ୍ରାଣରେ ଯେଉଁ ସଚେତନତା ସୃଷ୍ଟି କରିଥିଲା, ତାହା ସତ୍ୟବାଦୀ ସାହିତ୍ୟ ସୃଷ୍ଟିର ପ୍ରେରଣା ଥିଲା । ଏହି ଯୁଗର ସାହିତ୍ୟର ସଠିକ ଆକଳନ ପାଇଁ ତାହାର ପୃଷ୍ଠଭୂମି ସଂପର୍କରେ ବିଦ୍ୟାର୍ଥୀଗଣ ଅବଗତ ହେବା ଆବଶ୍ୟକ ଅଟେ । ସୁତରାଂ, ସତ୍ୟବାଦୀ ସାହିତ୍ୟର ପୃଷ୍ଠଭୂମି ଭାବରେ ଯେଉଁ ମହତ୍ୱପୂର୍ଣ୍ଣ ଘଟଣା ଓ ବିଷୟ ସବୁ ରହିଅଛି ସେ ସଂପର୍କରେ ସୂଚନା ପ୍ରଦାନ କରିବା ହେଉଛି ଏହି ଏକକର ପ୍ରମୁଖ ଉଦ୍ଦେଶ୍ୟ ।

## ୧.୨ ଶିକ୍ଷଣୀୟ ବିଷୟ

ସତ୍ୟବାଦୀଯୁଗର ପୃଷ୍ଠଭୂମି ଅଧ୍ୟୟନ ଦ୍ୱାରା ଏହି ସାହିତ୍ୟର ସଠିକ ଆକଳନ କରାଯାଇ ପାରିବ ।

- ଭାରତୀୟ ନବଜାଗରଣ ଓ ଜାତୀୟତାବାଦୀ ଚେତନାର ବିକାଶ ସଂପର୍କରେ ଜାଣିହେବ ।
- ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସଂପର୍କରେ ବିଭିନ୍ନ ତଥ୍ୟ ଓ ସୂଚନା ଜାଣିହେବ ।
- ଓଡିଆସାହିତ୍ୟକୁ ସତ୍ୟବାଦୀ ବନବିଦ୍ୟାଳୟର ଅବଦାନ ସଂପର୍କରେ ବିଦ୍ୟାର୍ଥୀମାନେ ଅବଗତ ହୋଇପାରିବେ ।

## ୧.୩ ବିଷୟ ପ୍ରବେଶ

ଓଡିଆ ସାହିତ୍ୟର ଇତିହାସରେ ଜାତୀୟତାବାଦୀ ସାହିତ୍ୟସ୍ରଷ୍ଟାଙ୍କ ଦ୍ୱାରା ଲିଖିତ ଉଦ୍‌ବୋଧନଧର୍ମୀ ସାହିତ୍ୟକୁ ସତ୍ୟବାଦୀସାହିତ୍ୟ ଭାବରେ ଚିହ୍ନିତ କରାଯାଇଛି। ସାହିତ୍ୟର ଏହି ଧାରାଟି ୧୯୧୦ ରୁ ୧୯୨୧ ପର୍ଯ୍ୟନ୍ତ ଓଡ଼ିଆ ଜନଜୀବନକୁ ଜାତୀୟତାର ମହାସ୍ରୋତରେ ସାମିଲ ହେବା ପାଇଁ ଆହ୍ୱାନ ଦେବା ସହିତ ସାହିତ୍ୟର ବିକାଶଧାରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଉତ୍କଳମଣି ଗୋପବନ୍ଧୁ ଦାସ,ପଣ୍ଡିତ ନୀଳକଣ୍ଠ, ଗୋଦାବରୀଶ ମିଶ୍ର ପ୍ରମୁଖଙ୍କ ପରି ଓଡ଼ିଶାର କେତେଜଣ ଉଚ୍ଚଶିକ୍ଷିତ, ଆଦର୍ଶବାଦୀ ତଥା ସମଭାବାପନ୍ନ କବି ଲେଖକ ମାନେ ଏହିଯୁଗର ସାହିତ୍ୟକୁ ସମୃଦ୍ଧ କରିଥିଲେ। ନିଜ ନିଜର ବଳିଷ୍ଠ ରଚନା ମାଧ୍ୟମରେ ଓଡ଼ିଶାରେ ଜାତୀୟତାବୋଧ, ଦେଶପ୍ରେମ, ଉଚ୍ଚମାନବୀୟ ମୂଲ୍ୟବୋଧ ଉଦ୍ରେକ କରାଇବାର ଆଭିମୂଖ୍ୟ ନେଇ ଏହି ସାହିତ୍ୟସ୍ରଷ୍ଟାମାନେ ସୃଜନକର୍ମରେ ନିୟୋଜିତ ଥିଲେ। ଆଲୋଚ୍ୟ ସମୟରେ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ ସହ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଅନ୍ଦୋଳନ ଜାରି ରହିଥିଲା। ଏହି ପରିସ୍ଥିତିରେ ସତ୍ୟବାଦୀ ସାହିତ୍ୟ ତାର ଆଭିମୂଖ୍ୟକୁ ସଠିକ ରୂପରେ ଉପସ୍ଥାପିତ କରିଥିଲା। ଓଡ଼ିଶାରେ ସମାଜ ସଂସ୍କାର ଓ ଜାତୀୟତାବାଦୀ ଆନ୍ଦୋଳନର ବହ୍ନି ପ୍ରଜ୍ୱଳିତ କରି ଓ ତାହାକୁ ସାହିତ୍ୟର ଆଙ୍ଗିକ ଓ ଆତ୍ମିକ ରୂପ ବିଭବରେ ପରିପୂର୍ଣ୍ଣ କରି ସତ୍ୟବାଦୀ ସାହିତ୍ୟ ଓଡିଆ ସାହିତ୍ୟରେ ନୂତନ ଦିଗନ୍ତ ଆବିଷ୍କାର କରିଥିଲା।

ସାହିତ୍ୟ ଓ ସଂସ୍କୃତି ମାଧ୍ୟମରେ ମଣିଷ ମନରେ ପରିବର୍ତ୍ତନ ଆଣିବାପାଇଁ ଏ ଯୁଗର ସାଧକମାନେ ବହୁତ ଉଦ୍ୟମ କରିଥିଲେ। ସାହିତ୍ୟ କେବଳ ଶବ୍ଦସମ୍ଭାରରେ ଅନୁରଣିତ ହେଲା ନାହିଁ। ଓଡ଼ିଆ ଜାତିର ପ୍ରାଣରେ ନୂତନ ଚିନ୍ତା ଓ ଚେତନା ଜାଗୃତି ପାଇଁ ଏ ଯୁଗର ସାହିତ୍ୟ ରେ ନୂତନସ୍ପନ୍ଦନ ସୃଷ୍ଟି ହେଲା। କାବ୍ୟ, କବିତା, ନାଟକ, ଏବଂ ଗଦ୍ୟ ରଚନା ମାଧ୍ୟମରେ ଓଡ଼ିଆ ଜାତିକୁ ସଚେତନ କରାଇ ଏକ ସମୁନ୍ନତ ସମାଜ ଗଠନ କରିବାର ଉଦ୍ଦେଶ୍ୟ ବହନ କରି ଏହି ଯୁଗର ସ୍ରଷ୍ଟାମାନେ ଲେଖନୀ ଚାଳନା କରିଥିଲେ। ସତ୍ୟବାଦୀ ଯୁଗର ସାହିତ୍ୟକୁ ଯଥାର୍ଥରେ ଜାତୀୟ ସାହିତ୍ୟ ବୋଲି କୁହାଯାଇ ପାରେ। ଖୁବ୍ ସୀମିତ ସମୟ ଭିତରେ (୧୯୧୦ ରୁ ୧୯୨୧) ସାହିତ୍ୟ ସାଧନାର ଯେଉଁ କ୍ଷେତ୍ରଟିଏ ପ୍ରସ୍ତୁତ ହୋଇଥିଲା, ତାହା ଓଡ଼ିଆସାହିତ୍ୟ ଇତିହାସରେ ଏକ ସ୍ୱତନ୍ତ୍ର ଯୁଗ ସୃଷ୍ଟି କରିଛି। ସତ୍ୟବାଦୀ ସାହିତ୍ୟ, ମାନବିକ ଓ ଜାତୀୟ ମୂଲ୍ୟବୋଧ ଦୃଷ୍ଟିରୁ ଓଡ଼ିଆ ଜନଜୀବନରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବାରେ ସମର୍ଥ ହୋଇଛି। ଏହି ସାହିତ୍ୟ ଓଡ଼ିଆ ଭାଷା ଓ ଓଡ଼ିଆଜାତି ପାଇଁ ଆଲୋକବର୍ତ୍ତିକା ତୁଲ୍ୟ ଦୀପ୍ତିବାନ ହୋଇ ଚିରକାଳ ପାଇଁ ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ। ସତ୍ୟବାଦୀ ଯୁଗର ସାହିତ୍ୟ କୃତିରେ ଯେପରି ଦୀପ୍ତି ଅଛି ସେମିତି ବ୍ୟାପ୍ତି ବି ରହିଛି। ଏହିଯୁଗର ସାହିତ୍ୟସୃଷ୍ଟି ପଛରେ ରହିଥିବା ବଳିଷ୍ଠ ପୃଷ୍ଠଭୂମିକୁ ନିମ୍ନମତେ ଆଲୋଚନା କରାଯାଇଛି ।

## ୧.୪ ଭାରତରେ ଜାତୀୟତାବାଦୀ ଆନ୍ଦୋଳନ

'ଜାତୀୟତା'ର ଅର୍ଥ ହେଉଛି ସ୍ୱଜାତି ପ୍ରତି ଗଭୀର ଅନୁରକ୍ତି ଓ ସ୍ୱଦେଶ ପ୍ରୀତିମୂଳକ ଅନୁଭବ । ଦେଶ, ମାତୃଭାଷା ଓ ସ୍ୱକୀୟସଂସ୍କୃତି ପ୍ରତି ମଣିଷର ମମତା ଚିରନ୍ତନ । ଏହି ମମତା ହିଁ ଜାତୀୟତାବୋଧର ଜନନୀ । ଏହା ଏକ ଆଧୁନିକ ଆନ୍ଦୋଳନ । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ହିଁ ଜାତୀୟତା ସଂପର୍କିତ ଭାବଧାରାର ପ୍ରଭାବ

ଅନୁଭୂତ ହେଲା । ଫରାସୀ ବିପ୍ଲବ ଓ ଆମେରିକୀୟ  ବିପ୍ଲବ ଭିତରେ ଏହି ଭାବନାର ଶକ୍ତିଶାଳୀ ଅଭିବ୍ୟକ୍ତି ପ୍ରଥମେ ଅନୁରଣିତ ହୋଇଥିଲା । ରାଷ୍ଟ୍ରଭାବନା ଓ ଜାତିଭାବ, ଇଉରୋପୀୟ ନବଜାଗରଣର ଦାନ ।

ଭାରତବର୍ଷର ପ୍ରଖ୍ୟାତ ମନିଷୀ ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ରାଜା  ରାମମୋହନ ରାୟ, ସ୍ୱାମୀ ବିବେକାନନ୍ଦ ପ୍ରମୁଖଙ୍କ ଚିନ୍ତାଧାରା, ସମଗ୍ର ଭାରତରେ ଏକ ପରିବର୍ତ୍ତନର ପ୍ରବାହ ସୃଷ୍ଟି କରିଥିଲା । ଉନବିଂଶ ଶତାବ୍ଦୀର ଶେଷଭାଗକୁ ଏହା ନବଜାଗରଣର ମହାପ୍ଲାବନ ହୋଇ ଭାରତୀୟ ଜନଜୀବନକୁ ଉଦ୍‌ବୋଧିତ କରିଥିଲା । ଏହି ସମୟରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କର 'ଆର୍ଯ୍ୟସମାଜ' ଗଠନ (୧୮୭୫) ଓ 'ଭାରତୀୟ ଜାତୀୟ କଂଗ୍ରେସ' ଗଠନ (୧୮୮୫) ଭାରତର ଜାତୀୟତାବାଦୀ ଜାଗରଣ ଧାରାକୁ ବିଶେଷ ରୂପେ ଗତି ପ୍ରଦାନ କରିଥିଲା ।

ଭାରତର ଶେଷ ସ୍ୱାଧୀନ ହିନ୍ଦୁ ରାଜା ପୃଥ୍ୱୀରାଜ ଚୌହାନଙ୍କ ମୃତ୍ୟୁ ପରଠାରୁ( ୧୧୯୨) ଦୀର୍ଘ ସାତଶହ ବର୍ଷରୁ ଉର୍ଦ୍ଧ୍ୱକାଳ ଭାରତୀୟ ଜନ ଜୀବନ ପରାଧୀନତାର ଶୃଙ୍ଖଳରେ ଏମିତି ଭାବରେ ବାନ୍ଧି ହୋଇ ଯାଇଥିଲା ଯେ, ତହିଁରୁ ମୁକ୍ତିର ସ୍ୱପ୍ନ ମଧଦେଖିବା ଅସମ୍ଭବ ହୋଇ ପଡ଼ିଥିଲା । ଦୀର୍ଘ ସାତଶହ ବର୍ଷ ଧରି ଆଫ୍‌ଗାନ୍, ମୋଗଲ, ଫରାସୀ ଓ ଇଂରେଜ୍ ମାନଙ୍କର ଶାସନରେ ଆମେ ଭାରତୀୟମାନେ ଉତ୍ପୀଡ଼ିତ ହୋଇଥିଲେ ମଧ୍ୟଏହି ସମୟ ଭିତରେ କେବେ ଜାତୀୟତାଭାବର ଉଦ୍ରେକ ଘଟି ନାହିଁ । ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଭାରତରେ ଇଂରାଜୀ ଶିକ୍ଷାର ପ୍ରଚାର ପ୍ରସାର ଘଟିବାରୁ ଭାରତର ବିଭିନ୍ନ ଅଞ୍ଚଳର ସଚେତନ ବ୍ୟକ୍ତି ବିଶେଷ ରଷୋ, ଭଲ୍‌ଟେଆର୍, ପ୍ରମୁଖ ଦାର୍ଶନିକଙ୍କ ଉପାଦେୟ ରଚନା ଓ ଦର୍ଶନଦ୍ୱାରା ପ୍ରଭାବିତ ହୋଇଥିଲେ । ଏହା ଭାରତୀୟମାନଙ୍କୁ ନିଜର ଅଧିକାର ତଥା ସ୍ୱାଧୀନତା ପ୍ରତି ବେଶ୍ ସଚେତନ କରି ପାରିଥିଲା । ପୁଣି ଫରାସୀ ରାଷ୍ଟ୍ର ବିପ୍ଲବ, ଆମେରିକାର ସ୍ୱାଧୀନତା ସଂଗ୍ରାମ, ଋଷବିପ୍ଲବ ମଧ୍ୟଏ କ୍ଷେତ୍ରରେ ଯଥେଷ୍ଟ ପ୍ରେରଣା ଦେଇଅଛି । ଗମନାଗମନ ଓ ସମ୍ବାଦପତ୍ର ପ୍ରକାଶନର ବିକାଶ ସାଧିତ ହେବା ଦ୍ୱାରା ଦେଶ ବିଦେଶରେ ଘଟୁଥିବା ସାମାଜିକ ଓ ରାଜନୈତିକ ପରିବର୍ତ୍ତନ ଭାରତୀୟମାନଙ୍କର ନଜରକୁ ଆସିପାରିଥିଲା । ଧର୍ମୀୟ ସଂସ୍କାର ପାଇଁ ଭାରତୀୟ ମନିଷୀଗଣ ଦେଇଥିବା ଆହ୍ୱାନ, ସ୍କୁଲ୍, କଲେଜ ର ପ୍ରତିଷ୍ଠା ଆଦି, ଭାରତରେ ଜାତୀୟତାବାଦୀ ଆନ୍ଦୋଳନକୁ ପ୍ରୋତ୍ସାହିତ କରିଥିଲା । ଆଲୋଚ୍ୟ କାଳରେ ଆଉ ଗୋଟିଏ ବଡ଼ ସାମାଜିକ କାରଣ ଯାହା ଏହି ଆନ୍ଦୋଳନକୁ ଜନ ଗଣଙ୍କ ଭିତରେ ଉଦ୍ରେକ କରାଇଥିଲା, ତାହା ହେଉଛି ଇଂରେଜମାନଙ୍କର ବର୍ଣ୍ଣ ବୈଷମ୍ୟ ବା କଳା ଗୋରା ଭେଦଭାବ । ଇଂରେଜମାନଂକର ଶାସନବ୍ୟବସ୍ଥାରେ ଭାରତୀୟମାନେ ସବୁସ୍ତରରେ ଉପେକ୍ଷିତ ହେବାର ଅନୁଭବ ହିଁ ଭାରତୀୟମାନଂକୁ ଏକଯୁଟ ହୋଇ ଅନ୍ୟାୟ ଓ ପରାଧୀନତା ବିରୁଦ୍ଧରେ ସଂଗ୍ରାମ କରିବାକୁ ଅଦମ୍ୟ ପ୍ରେରଣା ଦେଇଥିଲା । ୧୮୫୭ ମସିହାରେ ସଂଘଟିତ ସିପାହୀବିଦ୍ରୋହ ଏହି ଜାତୀୟତାଭାବକୁ ଜାଗ୍ରତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । କହିବା ବାହୁଲ୍ୟ ଯେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାରତର ବିଭିନ୍ନ ଅଂଚଳର ଜନସାଧାରଣ ଏକଯୁଟ ହୋଇ ଏହି ବିଦ୍ରୋହରେ ସାମିଲ ହୋଇଥିଲେ । ୧୮୭୫ ମସିହାରେ ସୁରେନ୍ଦ୍ରନାଥ ବାନାର୍ଜିଙ୍କ ଦ୍ୱାରା 'ସର୍ବଭାରତୀୟ ସଂଘ' ପ୍ରତିଷ୍ଠା ଓ ୧୮୮୫ରେ 'ଭାରତୀୟ ଜାତୀୟ କଂଗ୍ରେସ' ପ୍ରତିଷ୍ଠା ପରେ ଭାରତରେ ଜାତୀୟତାବାଦର ବିଶେଷ ବିକାଶ ସାଧନ ହୋଇଥିଲା । ତେବେ ନୈତିକସ୍ତରରେ ଯଦିଓ ଭାରତୀୟ ଜାତୀୟତାର ବିକାଶ ଘଟିଥିଲା, ତଥାପି ସମାଜର ନିମ୍ନସ୍ତରରେ ଏହା ଥିଲା ପ୍ରଭାବହୀନ । ଅଜ୍ଞାନ, ଆଳସ୍ୟ, ଈର୍ଷା, ଦୂରାଚାର, ବିଳାସବାସନା,

ଏବଂ ବ୍ୟଭିଚାରରୁ ସମାଜ ମୁକୁଳି ପାରି ନଥିଲା । ବିଂଶ ଶତାବ୍ଦୀର ଆରମ୍ଭରୁ ଭାରତୀୟ ସମାଜରେ ଦେଖା ଦେଇଥିବା ଏହି ସବୁ ଭୟାନକ ରୋଗରୁ ସମାଜକୁ ମୁକ୍ତ କରିବା ଲାଗି ପ୍ରବଳ କାମନା ଜାଗ୍ରତ ହୋଇଥିଲା । ଉତ୍ତରଭାରତରେ ଆର୍ଯ୍ୟସମାଜ, ବଂଗଳାରେ ବ୍ରହ୍ମସମାଜ ଭଳି ଓଡିଶାରେ ସତ୍ୟବାଦୀ ବନବିଦ୍ୟାଳୟ ସମାଜସଂସ୍କାର ମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରିଥିଲା । ବିଂଶ ଶତାବ୍ଦୀର ସମାଜ ବହୁପରିମାଣରେ ଜାଗ୍ରତ ଥିବାରୁ ଏଭଳି ନୈତିକ ଓ ସମାଜ ସଂସ୍କାର ଆନ୍ଦୋଳନ ଅନେକ ଦୃଷ୍ଟିରୁ ସଫଳ ହୋଇ ପାରିଥିଲା ।

ଭାରତରେ ପାଶ୍ଚତ୍ୟ ଶିକ୍ଷା ଓ ସଂସ୍କୃତିର ପ୍ରସାର ମଧ୍ୟ ଜାତୀୟତାର ବିକାଶ ପାଇଁ ବିଶେଷ ସହାୟକ ହୋଇଥିଲା । ସେ ସମୟରେ ପାଶ୍ଚାତ୍ୟ ଚିନ୍ତାଧାରା ସହିତ ଭାରତୀୟ ସାମାଜିକ ଜୀବନ ଧାରା ର ଯେଉଁ ମିଳନ ଘଟିଥିଲା, ତାହା ଯୋଗୁ ଭାରତୀୟ ଜୀବନରୁ ଶହ ଶହ ବର୍ଷର ଜଡତା ଓ ଅବସାଦ ବିଲୁପ୍ତ ହୋଇ ସାମାଜିକ ସମତା, ଧାର୍ମିକ ଓ ରାଷ୍ଟ୍ରୀୟ ଏକତା ପ୍ରତିଷ୍ଠା ହେବାକୁ ଲାଗିଲା । ଦେଶର ସାମାଜିକ, ରାଜନୀତିକ, ଧାର୍ମିକ ଓ ଆର୍ଥିକ ଅବସ୍ଥା କ୍ରମେ ପରିବର୍ତ୍ତନ ହେଲା । ସମାଜଜୀବନରୁ ଅନ୍ଧବିଶ୍ୱାସ ଦୂରୀଭୂତ ହୋଇ ଏକ ନୂତନ କ୍ରାନ୍ତିକାରୀ ପରିବର୍ତ୍ତନ ଆସିଲା । ଆତ୍ମମର୍ଯ୍ୟାଦା ଓ ଆତ୍ମପ୍ରତିଷ୍ଠା ପାଇଁ ଭାରତୀୟ ଜାତି ଆପଣାର ଗନ୍ତବ୍ୟ ମାର୍ଗ ନିର୍ଣ୍ଣୟ କଲା । ଏହି ପରିବର୍ତ୍ତନ ହିଁ ସମଗ୍ର ଭାରତୀୟ ପ୍ରାନ୍ତୀୟ ସାହିତ୍ୟ, ସମାଜ ଓ ଜାତୀୟ ଜୀବନରେ ନବଜାଗରଣର ସୂତ୍ରପାତ ଘଟାଇଲା । ଫଳରେ ଦେଶ ଓ ଜାତି ଗଠନର ମାର୍ଗ ସହଜ ଓ ସୁଗମ ହୋଇପାରିଲା । ସମଗ୍ର ଭାରତରେ ମାନବୀୟ ସ୍ୱାଧୀନତା, ମର୍ଯ୍ୟାଦାବୋଧ ଓ ସ୍ୱାଧୀନଚିନ୍ତାର ସ୍ୱର ଅନୁରଣିତ ହେଲା । ୧୯୦୫ରେ ବଂଗଭଂଗ , ୧୯୧୬ରେ ବାଲ୍ ଗଂଗାଧର ତିଳକ ଓ ଆନିବେଶାନ୍ତଙ୍କ ଦ୍ୱାରା ହୋମ୍ ରୁଲ୍ ଲିଗ୍ ଗଠନ, ପୁଣି ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ବଳିଷ୍ଠ ନେତୃତ୍ୱ ଭାରତବର୍ଷରେ ଜାତୀୟତା ଭାବର ମହାସମୁଦ୍ରକୁ ଉଦ୍‌ବେଳିତ କରିଥିଲା । ଭାରତର ପ୍ରତ୍ୟେକ ପ୍ରଦେଶରେ ସ୍ୱାଧୀନତା ଲାଭ ପାଇଁ ଆଗ୍ରହ ଓ ଉନ୍ମାଦନା ଦେଖା ଦେଇଥିଲା । ବିଂଶଶତାବ୍ଦୀର ପ୍ରଥମ ଦଶକରେ ଭାରତରେ ଯେଉଁ ଜାତୀୟ ଚେତନା ଆତ୍ମପ୍ରକାଶ କରିଥିଲା ତାହା ସମକାଳୀନ ଭାରତୀୟ ସାହିତ୍ୟକୁ ବିପୁଳ ଭାବରେ ପ୍ରଭାବିତ କରିଥିଲା । ଜାତୀୟଚେତନାକୁ ଉପଜୀବ୍ୟକରି ଜାତୀୟ ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିବା ଏହିସମୟର ଜାତୀୟତାବାଦୀ କବି, ନାଟ୍ୟକାର, ପ୍ରାବନ୍ଧିକ ଓ କଥାକାରମାନଂକର ଜାତୀୟ କର୍ତ୍ତବ୍ୟ ରୂପେ ବିବେଚିତ ହୋଇଥିଲା । ସର୍ବଭାରତୀୟ ସ୍ତରରେ ଏହି ପରି ଏକ ଐତିହାସିକ ପରିବର୍ତ୍ତନ ବେଳେ ଓଡ଼ିଶା ମଧ୍ୟ ଏହି ପରିବର୍ତ୍ତନ ଧାରାରେ ନିଜକୁ ସାମିଲ କରିଥିଲା ।

## ୧.୫ ଓଡ଼ିଶାରେ ଜାତୀୟତାବାଦୀ ଆନ୍ଦୋଳନ

ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଓଡ଼ିଶାରେ ଶିକ୍ଷାର ପ୍ରଚାର ପ୍ରସାର, ଗମନାଗମନର ସୁବିଧା, ଛାପାଯନ୍ତ୍ରର ପ୍ରଚଳନ, ପତ୍ରପତ୍ରିକାର ବିକାଶ ଆଦି ଓଡ଼ିଆ ଜନଜୀବନକୁ ନୂତନ ଭାବରେ ପ୍ରଭାବିତ କରିଥିଲା । ତେବେ ନ'ଅଙ୍କ ଦୁର୍ଭିକ୍ଷ କାଳରେ ଇଂରେଜ ସରକାରଙ୍କ ପରିଚାଳନାଗତ ଅପାରଗତା, ବଙ୍ଗାଳୀମାନଙ୍କର ଓଡ଼ିଆଭାଷାକୁ ବିଲୋପ କରିବାର ହୀନ ଷଡଯନ୍ତ୍ର, ଓଡ଼ିଆମାନଂକ ଭିତରେ ଜାତୀୟତାର ବୀଜ ବପନ କରିଥିଲା । ୧୮୬୯ ମସିହାରେ ଓଡିଆ ଭାଷାବିଲୋପ ଆନ୍ଦୋଳନ ଓଡ଼ିଶାରେ ଯେଉଁ ଜାତୀୟଭାବନା ସୃଷ୍ଟି କରିଥିଲା,ତାର ପ୍ରଭାବ ପ୍ରତ୍ୟେକ ଅଞ୍ଚଳରେ ପଡିଥିଲା ।

ପୁଣି ସମ୍ବଲପୁର କୋର୍ଟ କଚେରୀରୁ ଓଡ଼ିଆଭାଷା ଲୋପ ବେଳେ ଓଡ଼ିଶାରେ ଅଧିକ ଭାବରେ ଜାତୀୟତାର ଭାବଧାରା ଖେଳିଯାଇଥିଲା । ସମ୍ବଲପୁରରେ ଓଡ଼ିଆଭାଷା ପରିବର୍ତ୍ତେ ହିନ୍ଦୀଭାଷା ପ୍ରଚଳନର ପ୍ରବଳ ବିରୋଧ କରିଥିଲେ ବାମଣ୍ଡାର ରାଜା ସ୍ୱଦେଶପ୍ରାଣ ସାର୍ ବାସୁଦେବ ସୁଢ଼ଳଦେବ । କଟକଠାରେ ଗୌରୀଶଂକର ରାୟ, ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରଭୃତି କର୍ମୀ  ଓଡ଼ିଆ ଭାଷା, ସଂସ୍କୃତି ଓ ଜାତୀୟତାର ପ୍ରଚାର ପ୍ରସାର ସହ ତାହାର ସୁରକ୍ଷା ପାଇଁ ଯେଉଁ ବିଶେଷ ଉଦ୍ୟମ କରିଥିଲେ ସୁଢ଼ଳଦେବ ତାହାର ପ୍ରମୁଖ ପୃଷ୍ଟପୋଷକ ଥିଲେ । ଓଡ଼ିଆଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଆୟୁଧ ସ୍ୱରୂପ ବାମଣ୍ଡାରେ ଜଗନ୍ନାଥବଲ୍ଲଭ ପ୍ରେସ୍ ମଧ୍ୟ ସ୍ଥାପନ କରି ସମ୍ବଲପୁର ହିତୈଷିଣୀ ପତ୍ରିକା ପ୍ରକାଶ କରିଥିଲେ । ସମାନ ଉଦ୍ଦେଶ୍ୟ ଥାଇ ତାଙ୍କ ପ୍ରଚେଷ୍ଟାରେ କଟକଠାରେ ମଧ୍ୟ ସୁଢ଼ଳପ୍ରେସ୍ ନାମକ ଏକ ଛାପାଖାନା ପ୍ରତିଷ୍ଠିତ ହୋଇଥିଲା । ସେହି ପ୍ରେସ୍‌ରୁ ସଂସ୍କାରକ ବୋଲି ପତ୍ରିକା ପ୍ରକାଶିତ ହୋଇଥିଲା । କବିଗଂଗାଧର ମେହେର ମଧ୍ୟ ଓଡିଶାର ଦୁଃସ୍ଥିତିରେ ତୀବ୍ର ମର୍ମବେଦନା ପାଇ ସୁପ୍ତ ଓଡିଆ ଜାତିକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ‘ସମ୍ବଲପୁର ହିତୈଷିଣୀ’ ପତ୍ରିକାରେ ‘ଭାରତୀରୋଦନ’ ନାମକ କବିତାଟିଏ ଲେଖି ଓଡିଆଜାତିକୁ ଉଦ୍‌ବୋଧିତ କରିଥିଲେ । ଏହି କବିତା ଭିତରେ ଦେଶ ଓ ଜାତି ପ୍ରତି ରହିଥିବା ମମତା ପାଠକର ହୃଦୟରେ ଆଲୋଡନ ସୃଷ୍ଟି କରିଥାଏ । ଗଂଗାଧର ଲେଖିଥିଲେ –

“ହିନ୍ଦୀ ସରସ୍ୱତୀ        ମୋ ଛାତିରେ ବସି
କରିବ ପରା ରାଜତ୍ୱ,
ମୋ ଆଶାକାନନ      ଭସ୍ମରାଶି ହେବ
ତା ନବ ଉଦ୍ୟାନେ ଖତ ।
ଉପମାତା ଆସି       ଗର୍ଭ ଧାରିଣୀର
ମସ୍ତକେ ଚରଣ ଦେବ,
ଏହି ଦଶା ଦେଖି       କେଉଁ ସନ୍ତାନର
ମନରେ ଦୁଃଖ ନ ହେବ ।
ତା କୁନ୍ତ ପ୍ରହାରେ ଜୀବନ ନ ଯିବ
ହେଉଥିବି କଲବଲ,
ମୋହ ରକ୍ଷା ପାଇଁ ବିକଳେ ମୋ ପୁଏ
ମୁଖେ ଦେଉଥିବେ ଜଳ ।”

ସମ୍ବଲପୁରର ଭାଷା ଉଚ୍ଛେଦ ସଂବଧୀୟ ହୀନଉଦ୍ୟମ, କେବଳ ସମ୍ବଲପୁରବାସୀଙ୍କୁ ନୁହେଁ ସମଗ୍ର ଓଡିଶାବାସୀଙ୍କୁ ଏକ ଅଭୁତପୂର୍ବ ଜାତୀୟ ଉଦ୍ଦୀପନା ଓ ପ୍ରେରଣାରେ ଏକତ୍ରୀତ ତଥା ସଂଗଠିତ କରିପାରିଥିଲା । ଏହି ହୀନଉଦ୍ୟମକୁ ପଣ୍ଡକରିବା ପାଇଁ ଜନସାଧରଣଙ୍କ ନିଷ୍ପାପର ସାଧନା ଓ ଅବ୍ୟାହତ ସଂଗ୍ରାମ ଓଡିଶାର ସାଂସ୍କୃତିକ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ।

ସେହିପରି ଦକ୍ଷିଣ ଓଡ଼ିଶାରେ ମଧ୍ୟ ଜନସାଧାରଣଙ୍କ ଆନ୍ଦୋଳନ ଓ ବ୍ୟାପକ ସଭା,ସମ୍ମିଳନୀଦ୍ୱାରା ପ୍ରତିବାଦ ହେତୁ ୧୮୭୨ ମସିହାରେ ଓଡ଼ିଆଭାଷା କଚେରୀଭାଷା ରୂପେ ସ୍ୱୀକୃତି ପାଇଥିଲା । ଓଡ଼ିଆ ଭାଷା ଉପରେ ବହୁଘାତ ପ୍ରତିଘାତ ଆସିଥିଲେ ମଧ୍ୟ ନିଜଭାଷା ରକ୍ଷା କରିବାକୁ ଓଡ଼ିଶାର ବିଭିନ୍ନ ଅଂଚଳରେ ଯେଉଁ ପ୍ରତିବାଦ ଓ ଆନ୍ଦୋଳନର ସୂତ୍ରପାତ ହୋଇଥିଲା, ତାହା ଅଭୂତପୂର୍ବ । ପୁନଶ୍ଚ ଓଡ଼ିଆ ସାହିତ୍ୟରେ ରାଧାନାଥଙ୍କ ଚିଲିକା(୧୮୯୧)ଠାରୁ ଜାତୀୟତାର ଯେଉଁ ମୃଦୁଧ୍ୱନି ଓଡ଼ିଶାର ଇତିହାସ ଓ ଭୂଗୋଳକୁ ଅବଲମ୍ବନ କରି ସୃଷ୍ଟି ହୋଇଥିଲା ତାହା କ୍ରମେ ସର୍ବଭାରତୀୟ ଭାବଧାରାରେ ଉଦ୍‌ବୁଦ୍ଧ ହୋଇଛି ଓ ସତ୍ୟବାଦୀ ସାହିତ୍ୟରେ ଏହା ସ୍ପଷ୍ଟଭାବରେ ପ୍ରକାଶ ପାଇଛି ।

## ୧.୬ ସ୍ୱତନ୍ତ୍ର ପ୍ରଦେଶଗଠନ ଆନ୍ଦୋଳନ

୧୮୦୩ ମସିହାରୁ ଇଂରେଜ ସରକାର ସମଗ୍ର ଓଡ଼ିଶାରେ ଶାସନବ୍ୟବସ୍ଥା ପ୍ରଣୟନ କରିଥିଲେ । ଏହା ପୂର୍ବରୁ କିନ୍ତୁ ଓଡ଼ିଶାର ବହୁ ଅଞ୍ଚଳକୁ ଭିନ୍ନ ଭିନ୍ନ ସମୟରେ ସେମାନେ ଅଧିକାର କରିଥିଲେ । ପ୍ରଥମେ ଦକ୍ଷିଣ ଓଡ଼ିଶାକୁ ୧୭୬୬ ରେ ଅଧିକାର କରି ମାନ୍ଦ୍ରାଜ ପ୍ରେସିଡେନ୍‌ସି ଅଧିନରେ ରଖିଲେ । ଓଡ଼ିଶାର ଉପକୂଳ ପ୍ରଦେଶ ଓ ଗଡ଼ଜାତ ରାଜ୍ୟମାନେ ପରବର୍ତ୍ତୀ କାଳରେ ଅଧିକୃତ ହେଲା । ବଙ୍ଗଳାର ଗଭର୍ଣ୍ଣରଙ୍କ ଦାୟିତ୍ୱରେ ଓଡ଼ିଶା ଡିଭିଜନର ଉପକୂଳବର୍ତ୍ତୀ କିଛି ଜିଲ୍ଲା ରହିଲା । ସେହିପରି ସମ୍ବଲପୁର ଓ ତତ୍‌ସଂଲଗ୍ନ ଗଡ଼ଜାତ ରାଜ୍ୟଗୁଡ଼ିକୁ କେନ୍ଦ୍ର ପ୍ରଦେଶର ସଦର ମହକୁମା ନାଗପୁର ଅଧୀନରେ ରଖାଯାଇଥିଲା । ଓଡ଼ିଶା ଡିଭିଜନ ସହିତ ସମ୍ବଲପୁର ଜିଲ୍ଲାକୁ ଅଳ୍ପ କେତେ ବର୍ଷ ମାତ୍ର ରଖି, କଟକର ଦୂରତ୍ୱ ଓ ତା ସହିତ ଯୋଗାଯୋଗର ଅଭାବ ହେତୁ ପୁଣି କେନ୍ଦ୍ରପ୍ରଦେଶ ଅଧୀନକୁ ହସ୍ତାନ୍ତର କରାଯାଇଥିଲା । ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଇଂରେଜ ସରକାର ଏଭଳି ବ୍ୟବସ୍ଥା କରିଥିଲେ । ପରିଣାମ ସ୍ୱରୂପ ଓଡିଶା ଭାଗ ଭାଗ ହୋଇଗଲା । ଗୋଟିଏ ଓଡ଼ିଶା ବଦଳରେ ତିନୋଟି ଓଡ଼ିଶା ବା ବିଖଣ୍ଡିତ ଓଡ଼ିଶା ଜନ୍ମ ନେଲା । ଓଡ଼ିଶା ଯେ ଓଡିଆଭାଷୀ ଲୋକମାନଂକର ରାଜ୍ୟ ଏବଂ ସେମାନଙ୍କର ସଂସ୍କୃତି ଓ ସାମାଜିକ ଚଳଣିରେ ସମାନତା ରହିଛି, ଏହାକୁ ଇଂରେଜ ସରକାର ହୃଦୟଙ୍ଗମ ନ କରି ତାଙ୍କ ସୁବିଧା ଦୃଷ୍ଟିରୁ ପ୍ରଶାସନ ପରିସର ନିର୍ଣ୍ଣୟ କରିଥିଲେ । ଏହା ଓଡ଼ିଆଜାତିର ଦୁର୍ଭାଗ୍ୟର ପଥ ଉନ୍ମୁକ୍ତ କରିଦେଲା । ତିନୋଟି ଅଲଗା ପ୍ରଦେଶରେ ଭାଗ ଭାଗ ହୋଇ ଓଡ଼ିଶା ରହିବାରୁ ତନି ପ୍ରକାର ନୀତିନିୟମ ଓ ଶାସନ ବ୍ୟବସ୍ଥା ଅଧୀନରେ ରହିଲା । ପ୍ରତ୍ୟେକ ପ୍ରଦେଶରେ ଓଡ଼ିଆଜାତି ସଂଖ୍ୟାଲଘୁ ହୋଇ ପଡିବାରୁ ସେମାନଙ୍କର ରାଜନୀତିକ ଓ ସାଂସ୍କୃତିକ ଭାଗ୍ୟ ସଂଖ୍ୟାଗରିଷ୍ଠ ଜାତିଙ୍କ ହାତରେ ରହିଲା । ଫଳରେ ଓଡ଼ିଆମାନେ ସେମାନଙ୍କ ଦୟା ଓ ଅନୁକମ୍ପାର ଛାୟା ତଳେ ରହିବାକୁ ବାଧହେଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଏହା ଏକ ସଂକଟଜନକ ଅବସ୍ଥା ସୃଷ୍ଟି କଲା । ଇଂରେଜ ସରକାର ଏହାକୁ ଇତିହାସର ଦୁର୍ଘଟଣା ବୋଲି ଅଭିହିତ କଲେ । ଗୌରବମୟ ଐତିହ୍ୟ ତଥା ସମୁନ୍ନତ ପରଂପରାର ଅଧିକାରୀ ଓଡ଼ିଆ ଜାତିକୁ ବିଖଣ୍ଡିତ କରିବା ଏକ 'ମସ୍ତବଡ଼ ଭୁଲ' ବୋଲି ପରବର୍ତ୍ତୀ ସମୟରେ ଇଂରେଜ ସରକାର ହୃଦ୍‌ବୋଧ କରିଥିଲେ ମଧକୌଣସି ପ୍ରତିକାର ବ୍ୟବସ୍ଥା କରି ନ ଥିଲେ । ଓଡ଼ିଶାରେ ଓଡ଼ିଆଜାତି ବିଭାଜିତ ହୋଇ ଇତିହାସର ଏହି ବିଡମ୍ବନାକୁ ଚୁପଚାପ ସହିବାକୁ ବାଧହେଲା । ନ'ଅଙ୍କ ଦୁର୍ଭିକ୍ଷ ସମୟରେ ବିଖଣ୍ଡିତ ଓଡ଼ିଶାର ବିପର୍ଯ୍ୟୟ ଇଂରେଜ ସରକାର ସ୍ୱଚକ୍ଷୁରେ ଦେଖିଲେ । ତିନୋଟି ପୃଥକ ଶାସନବ୍ୟବସ୍ଥା ଭିତରେ ଥିବା ହେତୁ

ନ'ଅଙ୍କ ଦୁର୍ଭିକ୍ଷ ସମୟର ବିଭିଷିକା ଓଡିଶାର ଅର୍ଥନୈତିକ ମେରୁଦଣ୍ଡ ଭାଂଗି ଦେଇଥିଲା । ଅର୍ଥନୀତିକ ସମସ୍ୟା ସହିତ ଭାଷା ସଂକଟର ଅଶୁଭ ସଂଯୋଗ ଓଡ଼ିଆ ଜାତିପାଇଁ ଘୋର ବିପଦର କାରଣ ହୋଇଥିଲା । ଏହାର ପରିଣତି ଥିଲା ଭାଷାସୁରକ୍ଷା ଆନ୍ଦୋଳନ ଓ ପ୍ରଶାସନିକ ଏକତ୍ରୀକରଣ ଦିଗରେ ପ୍ରାରମ୍ଭିକ ଜନମତ ସୃଷ୍ଟି । ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆ ଜାତି ଯେଉଁ ଭାଷା ଆନ୍ଦୋଳନପାଇଁ ପ୍ରସ୍ତୁତ ହେଲା, ତାହା ପ୍ରଥମେ  ସାଂସ୍କୃତିକ ସୁରକ୍ଷା ଉଦ୍ଦେଶ୍ୟରେ ପ୍ରଣୋଦିତ ହୋଇ ପରେ ରାଜନୀତିକ ରୂପ ଧାରଣ କରିଥିଲା । ଓଡିଶାରେ ଓଡିଆଜାତି ସବୁ କ୍ଷେତ୍ରରେ ସଂଖ୍ୟାଗରିଷ୍ଠ ଅଣଓଡିଆଙ୍କ ନିୟନ୍ତ୍ରଣାଧୀନ ରହିବାରୁ ଓଡ଼ିଆ ଭାଷା ଆନ୍ଦୋଳନର ଆଭିମୁଖ୍ୟ ପରିବର୍ତ୍ତିତ ହୋଇଥିଲା । ଓଡ଼ିଆଜାତିର ସ୍ୱତନ୍ତ୍ର ପରିଚୟପାଇଁ ସ୍ୱତନ୍ତ୍ର ପ୍ରଦେଶର ଆବଶ୍ୟକତା ଅନୁଭୂତ ହେଲା । ତେଣୁ ଶିକ୍ଷିତ ଓ ସଚେତନ ଓଡିଆମାନେ ସ୍ଥାନୀୟ ସମ୍ବାଦପତ୍ର ମାଧ୍ୟମରେ ଭାଷା ସୂତ୍ରରେ ଓଡ଼ିଶା ପ୍ରଦେଶ ଗଠନ କରିବା ପାଇଁ ଜନମତ ସୃଷ୍ଟି କରିଥିଲେ । ଏ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପତ୍ରିକା ସବୁ ହେଉଛି –'ଉତ୍କଳଦୀପିକା', 'ସମ୍ବଲପୁରହିତୈଷିଣୀ', 'ପ୍ରଜାବନ୍ଧୁ' । ଏହି ପତ୍ର ପତ୍ରିକା ଜରିଆରେ ବାମଣ୍ଡାର ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, କଟକର ଗୌରୀଶଂକର ରାୟ, ପାରଳାଖେମୁଣ୍ଡିର ଶ୍ୟାମସୁନ୍ଦର ରାଜଗୁରୁ ପ୍ରମୁଖ ଓଡିଶାରେ ବିଭାଜିତ ଓଡିଶାର ଏକତ୍ରୀକରଣପାଇଁ ବଳିଷ୍ଠ ଜନସଚେତନତା ସୃଷ୍ଟି କରିଥିଲେ । ପରବର୍ତ୍ତୀ ସମୟରେ (୧୮୯୫) ଉତ୍କଳଗୌରବ ମଧୁବାବୁଙ୍କ ସଭାପତିତ୍ୱରେ କଟକଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇ ବିଖଣ୍ଡିତ ଓଡିଶାର ଏକତ୍ରୀକରଣପାଇଁ ପ୍ରସ୍ତାବ ଗ୍ରହଣ କରା ଯାଇଥିଲା ।  ୧୯୦୩ ମସିହାରେ ଗଂଜାମଠାରେ ହୋଇଥିବା ଐତିହାସିକ ଗଂଜାମସମ୍ମିଳନୀ ଏ ପରିପ୍ରକ୍ଷୀରେ ଅଧିକଗୁରୁତ୍ୱପୂର୍ଣ୍ଣ । ମଧୁବାବୁ, ବିଶ୍ୱନାଥ କର, ଗୋପାଳଚନ୍ଦ୍ର ପ୍ରହରାଜ, ଗୋପବନ୍ଧୁ ଦାଶ , ଫକୀରମୋହନ ସେନାପତି, ପରି ବିଶିଷ୍ଟବ୍ୟକ୍ତି ବ୍ୟକ୍ତି  ଏହି ସମ୍ମିଳନୀରେ ଯୋଗ ଦେଇ ତାହାର ଆଭିମୁଖ୍ୟକୁ ସଶକ୍ତ କରିଥିଲେ । ଏହି ସମ୍ମିଳନୀ ହିଁ 'ଉତ୍କଳସମ୍ମିଳନୀ'ର ଜନ୍ମଦାତ୍ରୀ ହୋଇଥିଲା । ୧୯୦୩ରେ ପ୍ରତିଷ୍ଠିତ ହୋଇଥିବା ଉତ୍କଳସମ୍ମିଳନୀକୁ  ଉତ୍କଳଗୌରବ ମଧୁସୁଦନ ଦାସ ଜାତୀୟଯଜ୍ଞ ଭାବେ ଅଭିହିତ କରି ନିଜର ମନ ଓ ଧନ ତହିଁରେ ଢାଳି ଦେଇଥିଲେ । ବାସ୍ତବିକ ଏହି ଉତ୍କଳ ସମ୍ମିଳନୀ ହିଁ ଓଡିଶାରେ ଜନଜାଗରଣର ସ୍ୱରୂପକୁ ବ୍ୟାପକ କରିଥିଲା । ମଧୁସୁଦନ ଦାସ ଥିଲେ ଏହି ସମୟର ଓଡିଆ ଜନମାନସ ପାଇଁ ବିପୁଳ ପ୍ରେରଣାର ଉତ୍ସ । ଉତ୍କଳୀୟ ଜାତୀୟତାର ସେ ହେଉଛନ୍ତ ମାନ୍ତ୍ରିକ । ଓଜସ୍ୱିନୀ ଭାଷଣ ଜରିଆରେ ସେ ଲୋକମାନଂକୁ ଉଦବୋଧିତ କରୁଥିଲେ । ତାଂକର ଗଭୀର ଜାତି  ପ୍ରୀତି ରହିଥିଲା  । ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ କରି ଗଠନ କରିବା ତାଙ୍କର ସ୍ୱପ୍ନ ଥିଲା । ସେ ଅନେକ ଜାତୀୟତା ଉଦ୍‌ବୋଧନଧର୍ମୀ କବିତା ରଚନା କରି ଓଡିଶାବାସୀଙ୍କୁ ଜାଗ୍ରତ କରିଥିଲେ । ମଧୁବାବୁଙ୍କ ସହ ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ବିଶ୍ୱନାଥ କର, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୁରଭଞ୍ଜ ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜ, ଗୋପାଳଚନ୍ଦ୍ର ପ୍ରହରାଜ, ଗୋଦାବରୀଶ ମିଶ୍ର ପ୍ରମୁଖ ଓଡିଶାର ଏହି ଐତିହାସିକ ଆନ୍ଦୋଳନରେ ଓଡିଆଜାତିର ସମ୍ମାନ ଓ ଅଧିକାର ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ତାଙ୍କର ଅବଦାନକୁ ଏ ଜାତି କଦାପି ଭୁଲି ପାରିବ ନାହିଁ ।

## ୧.୭ ସତ୍ୟବାଦୀ ବନବିଦ୍ୟାଳୟ

ଦେଶ ଓ ଜାତିର ଉନ୍ନତି ପାଇଁ, ମାନବ ଜୀବନରେ ଦେବତ୍ୱର ବିକାଶ ପାଇଁ ଉପଯୁକ୍ତ ଶିକ୍ଷାର ଆବଶ୍ୟକତାକୁ ଅନୁଭବ କରି ଜାତି ପ୍ରାଣ ଉତ୍କଳମଣି ଗୋପବନ୍ଧୁ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ୧୯୦୯ ମସିହା ଅଗଷ୍ଟ ୧୨ ତାରିଖରେ ୧୯ ଜଣ ପିଲାଙ୍କୁ ନେଇ ସତ୍ୟବାଦୀର ବକୁଳବନର ଛୁରିଅନା କୁଞ୍ଜରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା ହେଲା। ଶ୍ରେଣୀକୋଠରୀର ଅଭାବରୁ ଏହା ପ୍ରଥମେ ଏକ ମନ୍ଦିର ଗୃହରେ  ଚାଲିଲା। ବିଦ୍ୟାଳୟଟି ପ୍ରଥମେ ଏକ ମଧ୍ୟଇଂରାଜୀ ବିଦ୍ୟାଳୟ ଭାବେ ଆରମ୍ଭ ହୋଇଥିଲା। ଉତ୍କଳମଣି ଗୋପବନ୍ଧୁ ଦାସ ଏହି ବିଦ୍ୟାଳୟର ସଂପାଦକ ଥିଲେ। ୧୯୧୧ ମସିହାରେ ପଣ୍ଡିତନୀଳକଣ୍ଠ ଦାସ ଏମ୍.ଏ.ପାଶ କରି ସେହି ବିଦ୍ୟାଳୟରେ ଶିକ୍ଷକ ଭାବରେ ଯୋଗଦାନ କରିଥିଲେ। ପରବର୍ତ୍ତୀ ସମୟରେ ଆଚାର୍ଯ୍ୟ ହରିହର, ଗୋଦାବରୀଶ ମିଶ୍ର, ବାସୁଦେବ ମହାପାତ୍ର, ହଳଧର ମହାପାତ୍ର, ମାଗୁଣୀ ମିଶ୍ର, କୃପାସିନ୍ଧୁ ମିଶ୍ର ପ୍ରଭୃତି ଶିକ୍ଷକ ଭାବରେ ଯୋଗ ଦେଲେ।

ନିରାଡ଼ମ୍ବର ଜୀବନଯାପନ ପାଇଁ ଯେତିକି ଆବଶ୍ୟକ ସେତିକି ମାତ୍ର ବେତନ ସେହି ଶିକ୍ଷକମାନଙ୍କୁ ଦିଆଯାଉଥିଲା। ଯେଉଁମାନଙ୍କର ଜୀବନ ତ୍ୟାଗ, ଆଦର୍ଶ ଓ ସେବା ମନୋଭାବରେ ପରିପୂର୍ଣ୍ଣ ଥିଲା, ସେହିମାନେ ହିଁ ସତ୍ୟବାଦୀ ବିଦ୍ୟାଳୟରେ ଶିକ୍ଷକତା କରିବାର ସୁଯୋଗ ପାଉଥିଲେ। ଧୀରେ ଧୀରେ ସତ୍ୟବାଦୀ ବନ ବିଦ୍ୟାଳୟର ଶୈକ୍ଷିକ ପରିବେଶ ସମସ୍ତଙ୍କୁ ଆକୃଷ୍ଟ କରିଥିଲା । ବିଦ୍ୟାଳୟର ଛାତ୍ରସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା।  ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ଛାତ୍ର ଆସି ସତ୍ୟବାଦୀ ବନ ବିଦ୍ୟାଳୟରେ ଅଧ୍ୟୟନ କରିବାକୁ ଲାଗିଲେ।

ଗୋପବନ୍ଧୁ ଦାସ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିବା ପଛରେ ବ୍ୟାପକ ଓ ମହତ ଲକ୍ଷ୍ୟ ରଖିଥିଲେ। ଶିକ୍ଷା ମାଧ୍ୟମରେ ବିଦ୍ୟାର୍ଥୀମାନଂକର ବ୍ୟକ୍ତିତ୍ୱ ବିକାଶ ସହିତ ସାମାଜିକ ବିକାଶ ସାଧନ କରିବା ଏହାର ମୂଳ ଲକ୍ଷ୍ୟ ଥିଲା । ପ୍ରାଚୀନ ଗୁରୁକୁଳ ଆଶ୍ରମପରି ସତ୍ୟବାଦୀ ବନବିଦ୍ୟାଳୟ ଏକ ଆବାସିକ ଅନୁଷ୍ଠାନ ଥିଲା । ସେଠାରେ ଶିକ୍ଷାର୍ଥୀ ଓ ଶିକ୍ଷକ ଏକତ୍ର ସହାବସ୍ଥାନ କରୁଥିଲେ । ଶିକ୍ଷକମାନଂକର ବଳିଷ୍ଠ ବ୍ୟକ୍ତିତ୍ୱ ଓ ଆଚରଣ ଦ୍ୱାରା ବିଦ୍ୟାର୍ଥୀମାନେ ବିଶେଷରୂପେ ପ୍ରଭାବିତ ହେଉଥିଲେ । ତତ୍କାଳିନ ଶିକ୍ଷାବ୍ୟବସ୍ଥା ଉପରେ  ଗୋପବନ୍ଧୁଙ୍କର ଆଶା ଓ ଭରସା ନ ଥିଲା। ତେଣୁ ଶିକ୍ଷାବ୍ୟବସ୍ଥାକୁ ଉନ୍ନତ ଓ ଯୁଗୋପଯୋଗୀ କରି ଆଦର୍ଶ ଜୀବନ ଗଠନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ସତ୍ୟବାଦୀ ବନବିଦ୍ୟାଳୟକୁ ତେଣୁ ସେ 'ମଣିଷ ତିଆରି କାରଖାନା' ବୋଲି ବର୍ଣ୍ଣନା କରିଥିଲେ ।

୧୯୨୧ ମସିହାରେ ଜାତିର ପିତା ମହାତ୍ମା ଗାନ୍ଧୀ, ଛାତ୍ର ଓ ଶିକ୍ଷକମାନଂକ ଗହଣରେ ବନବିଦ୍ୟାଳୟରେ ଗୋଟିଏ ଦିନ ଅତିବାହିତ କଲା ପରେ କହିଥିଲେ – "ଏଭଳି ନିଷ୍ପାପର କର୍ମୀ, ଶିକ୍ଷକ, ଛାତ୍ର ଯଦି ଦେଶରେ ଉପୁଜିବେ ତେବେ ବର୍ଷକ ଭିତରେ ସ୍ୱରାଜ୍ୟଲାଭ କିଛି ବିସ୍ମୟର କଥା ନୁହେଁ ।"

ସେହିପରି କଲିକତା ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ତଥା ଶିକ୍ଷାବିତ୍ ସାର୍ ଆଶୁତୋଷ ମୁଖାର୍ଜି ସତ୍ୟବାଦୀ ବନବିଦ୍ୟାଳୟ ଦେଖି ଓ ଏହାର ଶିକ୍ଷାଦାନ ପ୍ରଣାଳୀ, ସାହିତ୍ୟଚର୍ଚ୍ଚା, ଦରିଦ୍ରନାରାୟଣ ସେବାରେ ମୁଗ୍ଧ ହୋଇ ଏହିପରି ଶିକ୍ଷାନୁଷ୍ଠାନ ବଂଗଳାର ପ୍ରତ୍ୟେକ ଗ୍ରାମରେ ରହିବା ଉଚିତ ବୋଲି ମତ ଦେଇଥିଲେ । ଏ ବିଷୟରେ ମନ୍ତବ୍ୟ ପ୍ରକାଶ କରି ସେ ଲେଖିଥିଲେ –

"ମୁଁ ବିଶେଷ ଆଗ୍ରହ ସହକାରେ ସତ୍ୟବାଦୀ ବିଦ୍ୟାଳୟ ପରିଦର୍ଶନ କରିଅଛି। ବିଦ୍ୟାଳୟଟିର ଅନେକ ଅସାଧାରଣ ବୈଶିଷ୍ଟ୍ୟ ଅଛି। ଏହା ସୁଶିକ୍ଷିତ ଓଡ଼ିଶାବାସୀମାନଙ୍କ ଦ୍ୱାରା ପରିଚାଳିତ ହେଉଅଛି। ସେମାନେ ଏହି ନିରାଟ ସତ୍ୟ ଉପଲବ୍ଧି କରିଛନ୍ତି ଯେ ଜନସାଧାରଣଙ୍କ ମଧ୍ୟରେ ପ୍ରକୃତ ଶିକ୍ଷା ବିସ୍ତାର କେବଳ ସେହିମାନଙ୍କ ଦ୍ୱାରା ସମ୍ଭବ ହେବ ଯେଉଁମାନେ ତ୍ୟାଗ ସ୍ୱୀକାର କରିବାକୁ ପ୍ରସ୍ତୁତ। ଏହା ମୋର ହୃଦୟଙ୍ଗମ ହୋଇଛି ଯେ, ଏହି ବିଦ୍ୟାଳୟ ପଛରେ ଅନେକ ଆଗ୍ରହାନ୍ୱିତ ତଥା ଉତ୍ସାହୀ ଯୁବକମାନଙ୍କର ସମର୍ଥନ ରହିଛି। ଅଧିକନ୍ତୁ, ସେମାନେ ଉପଲବ୍ଧି କରିପାରିଛନ୍ତି ଯେ, ଯଥାର୍ଥ ଶିକ୍ଷା ବ୍ୟୟସାଧ୍ୟ ଓ ବିଳାସଯୋଗ୍ୟ ଯନ୍ତ୍ରପାତି ବିନା ସାଧିତ ହୋଇପାରିବ। ବାସ୍ତବିକ୍, ଏପରି ଯନ୍ତ୍ରପାତି ଦରିଦ୍ର ଜନସାଧାରଣଙ୍କ ମଧ୍ୟରେ ଶିକ୍ଷା ବିସ୍ତାର କରିବାରେ ସହାୟକ ହେବା ପରିବର୍ତ୍ତେ ପ୍ରତିବନ୍ଧକ ହୋଇଥାଏ।"

ପ୍ରାଚୀନ କାଳରେ ଭାରତୀୟମାନେ ବହୁ ଅର୍ଥ ବ୍ୟୟ ନ କରି ଜ୍ଞାନ ଓ ସଂସ୍କୃତି ଆହରଣ କରିବାରେ ଅଭ୍ୟସ୍ତ ଥିଲେ। ବର୍ତ୍ତମାନ ଅବସ୍ଥାର ପରିବର୍ତ୍ତନ ହେତୁ, ତାହା ହୁଏତ ସମ୍ଭବ ହୋଇ ନ ପାରେ ; ତଥାପି ଏହା ଅସ୍ୱୀକାର କରାଯାଇ ପାରିବ ନାହିଁ ଯେ କେତେକ ହିତାକାଂକ୍ଷୀ ବ୍ୟକ୍ତି ବ୍ୟବସାୟ କୋଠାବାଡ଼ି ଓ ଅନ୍ୟାନ୍ୟ ଉପକରଣଦ୍ୱାରା ପ୍ରକୃତ ଶିକ୍ଷା ସମ୍ଭବ ବୋଲି ଏକ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇଥାନ୍ତି ; କିନ୍ତୁ ଏହି ବିଦ୍ୟାଳୟର ଉଦ୍ୟୋକ୍ତାମାନେ ଦେଶ ଆଗରେ ଏକ ପ୍ରଶଂସନୀୟ ଦୃଷ୍ଟାନ୍ତ ରଖି ପାରିଛନ୍ତି। ସେମାନଙ୍କର ଆଦର୍ଶ ଉଚ୍ଚ, ସେମାନେ ଅନୁଶାସନର ମୂଲ୍ୟ ବୁଝନ୍ତି ଓ ମାନସିକ, ନୈତିକ ତଥା ଶାରୀରିକ ସଂସ୍କୃତିର ବିକାଶ ପ୍ରତି ସେମାନେ ସଚେତନ ଅଟନ୍ତି। ସେମାନଙ୍କର ପରିଶ୍ରମର ଫଳ ନିଶ୍ଚୟ ମହତ୍ ହେବ।"

ବିଲାତର ଡାକ୍ତର ଲାଙ୍କାଷ୍ଟାର ମଧ୍ୟ ଏହି ବିଦ୍ୟାଳୟର ପରିବେଶ ଦେଖି ଅଭିଭୂତ ହୋଇ କହିଥିଲେ- "ମୁଁ ସ୍କୁଲ୍‌ର ପରିଚାଳକ ଓ ଶିକ୍ଷକବୃନ୍ଦଙ୍କୁ ସେମାନଙ୍କର ଆତ୍ମତ୍ୟାଗମୂଳକ ପ୍ରଚେଷ୍ଟାର ଚମତ୍କାର ସଫଳତା ଏଠାରେ ଦେଖି ଆନ୍ତରିକ ଅଭିବାଦନ ଜଣାଉଛି ଏବଂ ମୋର ଏକାନ୍ତ ଇଚ୍ଛା ଯେ ଏପ୍ରକାର ଶିକ୍ଷାନୁଷ୍ଠାନ ସମଗ୍ର ପ୍ରଦେଶରେ ବହୁ ସଂଖ୍ୟାରେ ପ୍ରତିଷ୍ଠିତ ହେଉ।"

ଫକୀର ମୋହନ ସେନାପତି ତତ୍କାଳୀନ ଓଡିଶାରେ ଚହଳ ସୃଷ୍ଟି କରିଥିବା ଏହି ବିଦ୍ୟାଳୟ ସଂପର୍କରେ ତାଙ୍କର 'ଉତ୍କଳ ଭ୍ରମଣ' କାବ୍ୟରେ ଲେଖିଛନ୍ତି -

"ସଦାଶିବ ନୀଳକଣ୍ଠ ସନ୍ତତ ସନ୍ନ୍ୟାସୀ,
ଜଗତ ମଂଗଳେ ଗୋପବନ୍ଧୁ ବ୍ରଜବାସୀ।
ଗୋଦାବରୀ ଉପକୂଳ ନିୟତ ଉର୍ବର,
କୃପାମୟ କୃପାସିନ୍ଧୁ ଜନହିତକର ।
କାର୍ଯ୍ୟସାଧନାରେ ଅବତୀର୍ଣ୍ଣ ଧରାଧାମେ,
ସମବେତ ସେମାନେ ତ ସତ୍ୟବାଦୀଗ୍ରାମେ।
ଜ୍ଞାନରାଶି ପବିତ୍ରତା ଉଭୟରତୁଳ,
ଉଦ୍ଧରିବେ ଭଗୀରଥ ସମାନରେ କୁଳ।

ବହୁଯୁଗ ଯୁଗାନ୍ତର ତପସ୍ୟାର ଫଳେ,
ଜନ୍ମିଲେ ନିଃସ୍ୱାର୍ଥ ଯୋଗ୍ୟପୁତ୍ର ଏ ଉତ୍କଳେ ।
ସମଚେତ ସମବେତ ଚତୁର୍ଦ୍ଧା ମୂରତି,
ତଡିଦେବେ କୁସଂସ୍କାର ଦୁର୍ନୀତି ଦୁର୍ଗତି ।
ସତ୍ୟବାଦୀଗ୍ରାମେ ଦେଖି ବାଣୀର ମଂଦିର,
ଭାବିଭାବି ମନ ମଧ୍ୟେ ବୁଝିଲିଣି ସ୍ଥିର ।
ଇତିହାସୁଁ ଶୁଣାଥିଲା ନାଳନ୍ଦା ବିହାରେ ,
ସତ୍ୟବାଦୀ ଗ୍ରାମେ ଆସିବତ ଦେଖିବାରେ”।

ଏହିଭଳି ଏକ ପବିତ୍ରସୁଂଦର ଅନୁଷ୍ଠାନରେ କାର୍ଯ୍ୟରତ ସତ୍ୟବାଦୀ ସାଧକ ଗୋଷ୍ଠୀ ବିଦ୍ୟାର୍ଥୀମାନଙ୍କ ସହ ବୌଦ୍ଧିକ ଓ ସାହିତ୍ୟିକ ଆଲୋଚନା କରୁଥିଲେ । ଏହି ସମୟରେ ଗୋପବନ୍ଧୁଙ୍କର ଉଦ୍ୟମରେ ପ୍ରକାଶ ପାଇଥିଲା ମାସିକ ସାହିତ୍ୟ ପତ୍ରିକା ‘ସତ୍ୟବାଦୀ’ ଓ ସାପ୍ତାହିକ ସମ୍ବାଦପତ୍ର ‘ସମାଜ’ । ଏହି ପତ୍ରିକା ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ସୃଜନପ୍ରତିଭାକୁ ଲୋକଲୋଚନକୁ ଆଣି ପାରିଥିଲା । କାଳକାଳ ପାଇଁ ଦେଶରେ ଏକ ଉନ୍ନତ ଜାତୀୟଜୀବନ ଗଢିବା ସକାଶେ ସତ୍ୟବାଦୀ ବନବିଦ୍ୟାଳୟ ସେ ସମୟରେ ଯେଉଁ ନୂତନମାର୍ଗ ଫିଟାଇଥିଲା ତାହା ହେଉଛି ସାହିତ୍ୟ । ଦେଶରେ ସହୃଦୟ, ସେବାପରାୟଣ, ସଚ୍ଚୋଟ ମଣିଷ ଗଢିବାକୁ ହେଲେ, ଜାତୀୟ ସାହିତ୍ୟ ସୃଷ୍ଟି ଯେ କେତେ ଅନିବାର୍ଯ୍ୟ ତାହା ସତ୍ୟବାଦୀର ସାଧକଗଣ ଜାଣିଥିଲେ । ଫଳସ୍ୱରୂପ ବନବିଦ୍ୟାଳୟରେ ଯେଉଁ ସାହିତ୍ୟ ସୃଷ୍ଟି ହେଲା ତାହା ଅତୀତର ଐତିହ୍ୟସଂପନ୍ନ ଏ ବିରାଟ ଜାତିକୁ ନୂଆକରି ଗଢିବାର ସଂକଳ୍ପ ଗ୍ରହଣ କରିଥିଲା । ଏହିପରି ଭାବରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ପ୍ରେରଣାରୁ ସୃଷ୍ଟି ହେଲା ମାନବୀୟ ଓ ଜାଗରଣଧର୍ମୀ ସାହିତ୍ୟ ।

## ୧.୮ ସାଂସ୍କୃତିକ ପୃଷ୍ଠଭୂମି

ସତ୍ୟବାଦୀ ସାହିତ୍ୟକୁ ଗଢ଼ିବା ପାଇଁ ସତ୍ୟବାଦୀ ସାଧକଗଣ ଅତୀତର ମହନୀୟ ପୃଷ୍ଠଭୂମି ଉପରେ ଦଣ୍ଡାୟମାନ ହୋଇ ଓଡ଼ିଆର ନିର୍ଜୀବ ପ୍ରାଣରେ ଜୀବନୀ ଶକ୍ତି ଭରିଦେବା ପାଇଁ ଚେଷ୍ଟା କରିଥିଲେ। ଉତ୍କଳର ନଦନଦୀ, ଗିରି ମନ୍ଦିର, କଳା ଭାସ୍କର୍ଯ୍ୟ ଓ ପଲ୍ଲୀ ପ୍ରାନ୍ତରରେ ଓଡ଼ିଆ ଜାତିର ଯେଉଁ ବୀରତ୍ୱ ଗାଥା ଲୁଚି ରହିଥିଲା। ତାହାକୁ ସାହିତ୍ୟର ଉପାଦାନ ଭାବରେ ଗ୍ରହଣ କରିଥିଲେ। ଜନମାନସରେ ନିଜ ସଂସ୍କୃତି ଉପରେ ଧାରଣା ଜନ୍ମାଇବା ଥିଲା ତାଙ୍କର ଉଦ୍ଦେଶ୍ୟ। ଉତ୍କଳର ଅତୀତ ଗୌରବମୟ ଖଣ୍ଡଗିରିର ଗୁମ୍ଫା, ବାରବାଟୀଦୁର୍ଗ, ନୀଳାଚଳଧାମ, ଭୁବନେଶ୍ୱର ଓ କୋଣାର୍କର ଶିଳ୍ପକଳା, କାଠଯୋଡ଼ିର ପଥରବନ୍ଧ, ଧଉଳିର ଅନୁଶାସନ ଆଦି ଐତିହାସିକ କୀର୍ତ୍ତିରାଜି ଭିତରୁ ସତ୍ୟବାଦୀର ସାହିତ୍ୟିକ ଗଣ ଶାନ୍ତି, ପ୍ରୀତି, ଶୌର୍ଯ୍ୟ, ଅହିଂସା, ମୈତ୍ରୀ ଓ ମାନବସେବାର ମହନୀୟ ବାଣୀ ଶୁଣି ପାରିଥିଲେ। ଯେଉଁ ଦେଶ ଚଣ୍ଡାଶୋକକୁ ଧର୍ମାଶୋକରେ ପରିଣତ କରିପାରେ,ଯେଉଁ ଦେଶର ବୀରସନ୍ତାନ ଦେଶମାତୃକା ନିମନ୍ତେ ହସି ହସି ରଣଭୂମିରେ ପ୍ରାଣବଳୀ ଦେଇପାରନ୍ତି।

ଯେଉଁ ଦେଶର ରାଜା ନିଃସନ୍ତାନ ହେବା ନିମନ୍ତେ ଇଷ୍ଟଦେବତାଙ୍କୁ ବର ପ୍ରାର୍ଥନା କରିପାରନ୍ତି। ଯେଉଁ ଦେଶର ରାଜାଙ୍କୁ ସ୍ୱୟଂ ଭଗବାନ ସିପାହୀ ହୋଇ ଯୁଦ୍ଧରେ ସାହାଯ୍ୟ କରିପାରନ୍ତି, ଯେଉଁ ଦେଶର ଆଦିବାସୀ କବି ଜଗତର ଉଦ୍ଧାର ପାଇଁ ନିଜକୁ ନର୍କଗାମୀ କରିବାକୁ ପ୍ରସ୍ତୁତ ହୋଇ ପାରନ୍ତି, ସେ ଦେଶ ଓ ଜାତି ଯେ କେଡ଼େ ମହାନ, ଇତିହାସ ତାର ସାକ୍ଷୀ। ଦୂର ଅତୀତରେ ଚୀନ ପରିବ୍ରାଜକ ହୁଏନସାଂ ମଧ୍ୟ ଓଡ଼ିଆ ମାନଙ୍କ ବୀରତ୍ୱ, ଗୌରବ ଓ ଅସୀମ ସାହସିକତାର କଥା ଉଲ୍ଲେଖ କରିଯାଇଛନ୍ତି। ସେହିପରି ବିଭିନ୍ନ ସମୟରେ ଓଡ଼ିଶାକୁ ପରିବ୍ରାଜକ ଓ ଲେଖକ ଗଣ ଆସି ସେମାନଙ୍କର ଅନୁଭୂତି ବର୍ଣ୍ଣନା କରିଯାଇଛନ୍ତି। ସେଗୁଡ଼ିକ ଦ୍ୱାରା ଆମେ ପ୍ରାଚୀନ ଉତ୍କଳର ଗର୍ବ ଗୌରବ, ଐତିହାସିକ ସମ୍ପଦ ଓ ପ୍ରାକୃତିକ ଶୋଭାରାଜି ବିଷୟରେ ଜାଣି ପାରିଥାଉ।

ସତ୍ୟବାଦୀ ସାଧକଗଣ ଏହି ସାଂସ୍କୃତିକ ପୃଷ୍ଠଭୂମିରେ ସାଧନାରତ ଥାଇ ଓଡ଼ିଶାର ସାହିତ୍ୟିକ ଓ ସାଂସ୍କୃତିକ ଜିଜ୍ଞାସାକୁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ।

## ୧.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(କ) ଓଡିଆସାହିତ୍ୟର ଇତିହାସରେ କେଉଁ ସମୟକୁ ସତ୍ୟବାଦୀଯୁଗ ଭାବରେ କୁହାଯାଇଥାଏ ?

(ଖ) ସତ୍ୟବାଦୀ ସାହିତ୍ୟର ମୂଳ ଆଭିମୁଖ୍ୟ କଣ ଥିଲା ?

(ଗ) କେଉଁ ମନିଷୀଙ୍କ ଚିନ୍ତାଧାରା ଭାରତରେ ପରିବର୍ତ୍ତନର ଧାରା ସୃଷ୍ଟି କରିଥିଲା

(ଘ) ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସକାଶେ କେଉଁ ଓଡିଆ ପତ୍ର, ପତ୍ରିକା ଜନଜାଗରଣ ସୃଷ୍ଟି କରିଥିଲେ ।

(ଙ) 'ଜାତୀୟତା'ର ଅର୍ଥ ଓ ସ୍ୱରୂପ କଣ ?

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ଓଡିଶାରେ ଜାତୀୟତାବାଦୀ ଚେତନାର ବିକାଶ କିଭଳି ସାଧିତ ହୋଇଛି ଆଲୋଚନା କର ।

(ଖ) ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ ପାଇଁ ହୋଇଥିବା ଆନ୍ଦୋଳନର ପୃଷ୍ଠଭୂମି ସଂପର୍କରେ ଆଲୋଚନା କର ।

(ଗ) ଓଡିଆ ସତ୍ୟବାଦୀସାହିତ୍ୟ ସୃଷ୍ଟିର ପ୍ରରଣାସବୁ କଣ, ଆଲୋଚନା କର ।

## ୧.୧୦ ସହାୟକ ଗ୍ରନ୍ଥସୂଚୀ


- ଆଚାର୍ଯ୍ୟ, ବୃନ୍ଦାବନ ଚନ୍ଦ୍ର - ସତ୍ୟବାଦୀ ଯୁଗ (୧୯୬୩) ଦାସ୍‌ବ୍ରଦର୍ସ, ବ୍ରହ୍ମପୁର,
- ମହାପାତ୍ର, ପଣ୍ଡିତ ବାଇକୋଳି - ଓଡିଆ ଆନ୍ଦୋଳନର ଇତିହାସ (୧୯୭୬) ଗୋପବନ୍ଧୁ ସାହିତ୍ୟ ମନ୍ଦିର, ଗୋପବନ୍ଧୁ ଭବନ, କଟକ
- ମିଶ୍ର, ପ୍ରବୋଧ କୁମାର - ଓଡିଆଜାତିର ଇତିହାସ ଓ ସଂସ୍କୃତି(୨୦୦୮) ବିଦ୍ୟାପୁରୀ, କଟକ
- ପ୍ରଧାନ, ଡକ୍ଟର କୃଷ୍ଣଚନ୍ଦ୍ର - ଓଡିଆ ସାହିତ୍ୟର ଇତିହାସ (୧୯୯୩) ବିଦ୍ୟାପୁରୀ, କଟକ

# ଦ୍ୱିତୀୟ ଏକକ : ସତ୍ୟବାଦୀ ସାହିତ୍ୟର ସ୍ରଷ୍ଟାଗଣ

**ବିଷୟ ଗଠନ :**

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପ୍ରବେଶ
୨.୪ ଉତ୍କଳମଣି ଗୋପବନ୍ଧୁ ଦାସ (୧୮୭୭ -୧୯୨୮)
୨.୫ ପଣ୍ଡିତ ନୀଳକଣ୍ଠ ଦାସ (୧୮୮୪ -୧୯୬୭)
୨.୬ ପଣ୍ଡିତ ଗୋଦାବରୀଶ ମିଶ୍ର (୧୮୮୬ -୧୯୫୬)
୨.୭ ସାରାଂଶ
୨.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୯ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

ଓଡିଆସାହିତ୍ୟରେ ରାଧାନାଥ ଯୁଗର ଅବସାନପରେ ସତ୍ୟବାଦୀସାହିତ୍ୟ ସୃଷ୍ଟି ହୋଇଛି । ଓଡିଶାରେ ୧୯୦୯-୧୦ମସିହା ବେଳକୁ ଯେଉଁ ଉଗ୍ର ଜାତୀୟତାଭାବର ଅଭ୍ୟୁଦୟ ହୋଇଥିଲା ତାହାର ଗଠନାତ୍ମକ ପରିପ୍ରକାଶ ଘଟିଥିଲା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବ୍ୟକ୍ତିଜୀବନରେ । ସେ ଏହି ନୂତନ ଜାଗରଣର ନେତୃତ୍ୱ ନେଇଥିଲେ । ତେଣୁ ସତ୍ୟବାଦୀଯୁଗର ପୃଷ୍ଠଭୂମି ତଥା ଅଗ୍ରଭାଗରେ ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ । ଜାତିର ପ୍ରୟୋଜନ ପାଇଁ ସ୍ଥାପିତ ହୋଇଥିବା ସତ୍ୟବାଦୀ ବନବିଦ୍ୟାଳୟର ପ୍ରତିଷ୍ଠାତା ପଣ୍ଡିତ ଗୋପବନ୍ଧୁ ଓ ତାଙ୍କର ସହକର୍ମୀ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର ପ୍ରମୁଖ ହେଉଛନ୍ତି ସତ୍ୟବାଦୀ ଯୁଗର ଲୋକପ୍ରିୟ ସାହିତ୍ୟ ସ୍ରଷ୍ଟା । ଏହି ସାହିତ୍ୟସାଧକ ଗଣ ଏକ ମହତ ଆଭିମୁଖ୍ୟ ନେଇ ନିଃସ୍ୱାର୍ଥପର ଭାବରେ ସାହିତ୍ୟ ମାଧ୍ୟମରେ ଯେଉଁ ନୂତନ ଚିନ୍ତାଧାରାର ପ୍ରଚାର କରିଥିଲେ, ତାହା ଓଡିଆଜାତି ପାଇଁ ଏକାନ୍ତ ଅଭିନବ ଓ ବିସ୍ମୟକର । ଜାତୀୟ ଜୀବନର ବିକାଶ ସହିତ ଜାତୀୟ ଚରିତ୍ର ନିର୍ମାଣ ସକାଶେ ସତ୍ୟବାଦୀ ଯୁଗର ଏହି ମହାନ୍ ସ୍ରଷ୍ଟାମାନେ ଲେଖନୀ ଧାରଣ କରିଥିଲେ । ଓଡିଶାର ଐତିହ୍ୟ,ସଂସ୍କୃତି, ଓ ପରଂପରା ସହିତ ଓଡିଆଜୀବନର ଗଭୀର ମାନବୀୟ ମୂଲ୍ୟବୋଧକୁ ଭିତ୍ତିକରି ଏହି ଯୁଗର ସ୍ରଷ୍ଟାଗଣ ସାହିତ୍ୟ ସର୍ଜନା କରିଛନ୍ତି । ତେଣୁକରି ଏହିଯୁଗର ସାହିତ୍ୟରେ ସମାଜସଂସ୍କାର, ଜାତୀୟତାଭାବ, ମାନବସେବା ଭଳି ଉଚ୍ଚଆଦର୍ଶ ଓ ମୂଲ୍ୟବୋଧଧର୍ମୀ ପ୍ରେରଣା ନିହିତ । ଏଣୁ ସତ୍ୟବାଦୀଯୁଗର ଏହି ଗଣଚେତନା ଉଦ୍ରେକକାରୀ ସାହିତ୍ୟ ଓ ସେହି ସାହିତ୍ୟର ସ୍ରଷ୍ଟାମାନଙ୍କ ସମ୍ପର୍କରେ ବିଦ୍ୟାର୍ଥୀମାନଂକୁ ସବିଶେଷ ତଥ୍ୟ ପ୍ରଦାନ କରିବା ହେଉଛି ଏହି ଏକକର ପ୍ରମୁଖ ଉଦ୍ଦେଶ୍ୟ ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକ ପଠନ ପରେ ଜଣେ ବିଦ୍ୟାର୍ଥୀ ନିମ୍ନଲିଖିତ ବିଷୟରେ ସବିଶେଷ ତଥ୍ୟ ଜାଣିପାରିବେ ।

- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନ ଓ ସାରସ୍ୱତ ପ୍ରତିଭା ।
- ସତ୍ୟବାଦୀସାହିତ୍ୟର ପ୍ରମୁଖ ସ୍ରଷ୍ଟା ଓ ତାଙ୍କର ସୃଷ୍ଟିସମୂହ ।
- ପ୍ରାଚୀନ ଓଡିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱରୂପ ।
- ଓଡିଶାରେ ପ୍ରଚଳିତ ଜନଶ୍ରୁତି, କିମ୍ବଦନ୍ତୀର ପରିଚୟ ।

## ୨.୩ ବିଷୟ ପ୍ରବେଶ

ସତ୍ୟବାଦୀ ଯୁଗରେ 'ଜଣଯୁଗ'ର ଅବସାନ ଘଟି 'ଗଣଯୁଗ'ର ଅୟମାରମ୍ଭ ହୋଇଥିଲା । ରାଧାନାଥ ଯୁଗରେ କେବଳ ରାଧାନାଥ ସେହି ଯୁଗର ପ୍ରତିନିଧିତ୍ୱ କରି ଓଡିଆ ସାହିତ୍ୟ ଇତିହାସର ନିର୍ଦ୍ଦିଷ୍ଟ ଏକ ସମୟକୁ ପ୍ରଭାବିତ କରିଥିଲେ । ତାଙ୍କର ନାମରେ ତେଣୁ ସାହିତ୍ୟର ଗୋଟିଏ ଯୁଗକୁ ଚିହ୍ନଟ କରାଯାଇଥିଲା । ସତ୍ୟବାଦୀ ଯୁଗରେ କିନ୍ତୁ ଏକାଧିକ କବିଙ୍କ ମିଳିତ ପ୍ରଚେଷ୍ଟାରେ ଏକ ନୂତନ ସାହିତ୍ୟିକ ମୂଲ୍ୟବୋଧ ପ୍ରତିଷ୍ଠା ହୋଇପାରିଛି। ସତ୍ୟବାଦୀ ବନବିଦ୍ୟାଳୟର ପ୍ରତିଷ୍ଠାତା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ସତ୍ୟବାଦୀ ସାହିତ୍ୟ ଆନ୍ଦୋଳନର ପ୍ରମୁଖ କର୍ମୀ ଓ ସାଧକ ହେଉଛନ୍ତି ପଣ୍ଡିତ ଗୋପବନ୍ଧୁ ଓ ତାଙ୍କର ସହଯୋଗୀ ବୃନ୍ଦ । ଗୋବନ୍ଧୁଙ୍କ ବ୍ୟତୀତ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର ପ୍ରମୁଖ ହେଉଛନ୍ତି  ସତ୍ୟବାଦୀ ଯୁଗର ଲୋକପ୍ରିୟ ସାହିତ୍ୟ ସ୍ରଷ୍ଟା । ଆଲୋଚନାର ସ୍ପଷ୍ଟତା ଦୃଷ୍ଟିରୁ କେତୋଟି ଶିରୋନାମା ଭିତ୍ତିରେ ସତ୍ୟବାଦୀ ସାହିତ୍ୟସ୍ରଷ୍ଟାଙ୍କର ଜୀବନ ଓ ସାହିତ୍ୟକୁ ଚିହ୍ନାଇବାର ପ୍ରୟାସ କରାଯାଇଛି ।

## ୨.୪ ଉତ୍କଳମଣି ଗୋପବନ୍ଧୁ ଦାସ (୧୮୭୭ -୧୯୨୮)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ହେଉଛନ୍ତି ସତ୍ୟବାଦୀ ଆନ୍ଦୋଳନର ପୁରୋଧା । ସତ୍ୟବାଦୀଯୁଗର ପ୍ରମୁଖ ସାହିତ୍ୟିକ। ସେ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ନିଜ ଗ୍ରାମରେ ଥିବା ବିଦ୍ୟାଳୟରେ ପାଠ ପଢ଼ିସାରି ପୁରୀ ଜିଲ୍ଲାସ୍କୁଲ୍‌ରେ ନାମ ଲେଖାଇଥିଲେ। ପରେ କଟକ ରେଭେନ୍ସା କଲେଜରୁ ବି.ଏ. ପାଶ୍ କରି ତାପରେ ଦେଢ଼ ବର୍ଷ ରେଭେନ୍ସାରେ ଓ ଛଅ ମାସ କଲିକତା ରେ ପଢି ଓକିଲାତି ପାଶ୍ କଲେ । । କିଛି ସମୟ ଓକିଲାତି କଲା ପରେ ୧୯୧୬ ରୁ ୧୯୨୦ ପର୍ଯ୍ୟନ୍ତ ବିହାର ଓଡ଼ିଆ ବ୍ୟବସ୍ଥାପକ ପରିଷଦର ସଦସ୍ୟ ହୋଇଥିଲେ। ସେ ପ୍ରଥମ ଓଡ଼ିଆ ଭାବରେ ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । କାରାମୁକ୍ତ ହେବା ପରେ ଓଡ଼ିଶା ପ୍ରାଦେଶିକ ସମ୍ମିଳନୀ ତରଫରୁ ଏହାର ସଭାପତି ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଦ୍ୱାରା ତାଙ୍କୁ ଉତ୍କଳମଣି ଉପାଧିରେ ଭୂଷିତ କରାଗଲା। ଗୋପବନ୍ଧୁ ଦାସ ୧୯୨୫ ରେ ବନ୍ୟାକ୍ଲିଷ୍ଟ ଓଡ଼ିଶାବାସୀଙ୍କ ସେବାରେ ତିନି ବର୍ଷ କଠିନ ପରିଶ୍ରମ କରି ଟାଇଫଏଡ୍ ରୋଗରେ ଆକ୍ରାନ୍ତ ହୋଇ ୧୯୨୮ ଜୁନ୍ ୧୭ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।

ଗୋପବନ୍ଧୁ ଥିଲେ ଓଡ଼ିଶାର ଜଣେ ଅଗ୍ରଗଣ୍ୟ ବାଗ୍ମୀ, ଶ୍ରେଷ୍ଠ ଜାତୀୟତାବାଦୀ ଓ ସମାଜ ସଂସ୍କାରକ । ସେ ଥିଲେ ଜଣେ ଦୂରଦୃଷ୍ଟି ସମ୍ପନ୍ନ ଶିକ୍ଷାବିଦ୍ । ଓଡ଼ିଶାରେ ଏହି ତୁଙ୍ଗ ସମାଜ ରାଜନୀତିକ ବ୍ୟକ୍ତି ଯଥାର୍ଥରେ ଥିଲେ ଜଣେ ପ୍ରତିଭାବାନ କବି । ଦେଶମାତୃକାର ସେବାକରି କାରାବରଣ କରିଥିଲା ବେଳେ ସେ ଦୁଇଟି କାବ୍ୟଗ୍ରନ୍ଥ ରଚନା କରିଥିଲେ । 'ବନ୍ଦୀର ଆତ୍ମକଥା' ଓ 'ଧର୍ମପଦ' । ହଜାରିବାଗ ଜେଲରେ ଗୋପବନ୍ଧୁ ରଚନା କରିଥିବା ଅନ୍ୟତମ ଲୋକପ୍ରିୟ କାବ୍ୟ ହେଉଛି 'ଧର୍ମପଦ' । କୋଣାର୍କ ମନ୍ଦିର ନିର୍ମାଣରେ ନିୟୋଜିତ ଥିବା ମୁଖ୍ୟ ବଢ଼େଇଙ୍କ ବାର ବର୍ଷର ପୁତ୍ର, ଶିଳ୍ପୀ କୁଳର ସମ୍ମାନ ରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା କିମ୍ବଦନ୍ତୀ ଉପରେ ଆଧାରିତ ଏହି କାବ୍ୟଟି ଓଡ଼ିଶାବାସୀଙ୍କ ଭିତରେ ଜାତିପ୍ରୀତିର ଯେଉଁ ବହ୍ନି ପ୍ରଜ୍ୱଳିତ କରିଥିଲା ତାହା ଅଭୂତପୂର୍ବ । ଓଡ଼ିଶାବାସୀଙ୍କ ଆବେଗ ସହିତ ଜଡ଼ିତ ଏକ ଲୋକପ୍ରିୟ କିମ୍ବଦନ୍ତୀକୁ କାବ୍ୟରୂପ ଦେଇ ଗୋପବନ୍ଧୁ ସମୂହର କଲ୍ୟାଣ ନିମନ୍ତେ ବ୍ୟକ୍ତିର ଆତ୍ମୋତ୍ସର୍ଗ ଜନିତ ମହାନତାକୁ ଚିହ୍ନାଇଛନ୍ତି । ସାଧାରଣ ପାଠକମାନଙ୍କୁ ଏହି କାବ୍ୟର ନୈତିକ ଓ ଆଦର୍ଶଗତ ମହନୀୟତା ମୁଗ୍ଧ କରିଥାଏ ।

ପଣ୍ଡିତ ଗୋପବନ୍ଧୁ 'ଧର୍ମପଦ' କାବ୍ୟରେ ଭାରତୀୟ ସଂସ୍କୃତିର ଆଦର୍ଶକୁ ଯେଉଁ ଭିତ୍ତିରେ ପ୍ରତିଷ୍ଠା କରିଛନ୍ତି, ତାହା କଳାର ସୌନ୍ଦର୍ଯ୍ୟଗତ ମୂଲ୍ୟବୋଧ ଉପରେ ଆଧାରିତ ହୋଇଥିଲେ ମଧ୍ୟସେଥିରେ ଏକ ସଂସ୍କୃତିସମ୍ପନ୍ନ ବ୍ୟକ୍ତିତ୍ୱର ପ୍ରକାଶ ସମ୍ଭବ ହୋଇଅଛି । କୋଣାର୍କ ନିର୍ମାଣରେ ନିୟୋଜିତ ଥିବା ବାରଶହ ବଢ଼େଇ ଦେଉଳର ମୁଣ୍ଡି ମାରି ନ ପାରି ହତାଶା ଓ ବ୍ୟର୍ଥତାରେ ଜୀବନର ଆଶା ହରାଇ ଦେଇଥିଲେ । ସେହି ସମୟରେ ଶିଳ୍ପୀକୁଳର ମାନରକ୍ଷା ଲାଗି ବାରବର୍ଷର ପୁଅ ଧରମା ରାତିକ ଭିତରେ ଦେଉଳ ମୁଣ୍ଡିମରା କାମ ସମ୍ପୂର୍ଣ୍ଣ କରିଦେଇଛି । ମନ୍ଦିର ନିର୍ମାଣ ପରେ  ଶିଳ୍ପୀକୁଳର ଜୀବନ ଓ ସ୍ୱାଭିମାନ ଦୃଷ୍ଟିରୁ ଧର୍ମପଦର ବଳିଦାନ ପାଇଁ ବାରଶହ ବଢ଼େଇ ପିତା ବିଶୁ ମହାରଣାକୁ ବାରମ୍ବାର ପ୍ରଶ୍ନ ପଚାରିଛନ୍ତି, ବାରଶହ ବଢ଼େଇରେ ଦାୟ ନା ପୁଅରେ ଦାୟ ?" ଧର୍ମପଦ ସେତେବେଳେ ହସି ହସି ବାପାଙ୍କ ନିକଟରେ ଆପଣାର ଜୀବନ ବଦଳରେ ବଢ଼େଇକୁଳର ଜୀବନଭିକ୍ଷା କରିଛି । କିନ୍ତୁ ପୁତ୍ରସ୍ନେହରେ ଅନ୍ଧ ପିତାର ମନ ଏଥିରେ ବୁଝି ନାହିଁ । ପୁଅର ପ୍ରସ୍ତାବକୁ ବିଶୁ ମହାରଣା ଗ୍ରହଣ କରିପାରି ନାହାନ୍ତି । ପରିହାର କରିବା ମଧ୍ୟ ତାଂକ ପାଇଁ ଅସମ୍ଭବ ଥିଲା । ଗୋଟିଏ ପଟେ ପୁଅ ଧରମାର ଜୀବନ, ଅନ୍ୟ ପଟେ ବାରଶ ବଢେଇଙ୍କ ଜୀବନ ଓ ଗୋଟିଏ ଜାତିର ସ୍ୱାଭିମାନ ତାଙ୍କୁ ବାକ୍‌ଶୂନ୍ୟ କରିଦେଇଥିଲା । ସମୂହ ପାଇଁ ଜଣକର ତ୍ୟାଗ କେତେ ଆବଶ୍ୟକ ଧର୍ମପଦ ଅଧିର ବାପାଙ୍କୁ ବହୁଭାବରେ ବୁଝାଇଛି । 'ଧର୍ମପଦ' କାବ୍ୟରେ ବାପ ପୁଅର ଏହି କଥୋପକଥନ ଭିତରେ ଗୋପବନ୍ଧୁ ଆର୍ଯ୍ୟଜୀବନ ଓ ସଂସ୍କୃତି ତଥା ନୈତିକ ମୂଲ୍ୟବୋଧର ଏକ ମର୍ମସ୍ପର୍ଶୀ ଚିତ୍ର ଉପସ୍ଥାପନ କରିଛନ୍ତି । କବି 'ଧର୍ମପଦ'ରେ ଲେଖିଛନ୍ତି —

"ବାପର ବିଷାଦ ଦେଖି ଧର୍ମପଦ
କହେ ସୁକୋମଳ ଭାଷା,
ବାରଶ ବଢ଼ାଇ ରହନ୍ତୁ ଜୀବନେ
ଛାଡ଼ ଏବେ ମୋର ଆଶା ।
ଏ ଜଗତେ କାହା ପୁଅ ବା କାହାର,
ସମସ୍ତ ମାୟା ଭିଆଣ,

ସାର୍ଥକ ଜନମ ତାର ଏକା ସିନା
ପର ହିତେ ଯାର ପ୍ରାଣ ।
କହିଛନ୍ତି ମୁନି — କୁଳରକ୍ଷା ଘେନି
ହେବ ଯେବେ ପ୍ରୟୋଜନ,
ତେଜିବ ଜଣକୁ ହେଲେ ହେଉ ପଛେ
ସେ ଯେତେ ସ୍ନେହଭାଜନ ।
ନ ହୋଇ ବ୍ୟାକୁଳ ଗ୍ରାମହିତେ କୁଳ
ବରଜନ୍ତି ସାଧୁଜନ,
ଦେଶ ହିତେ ଗ୍ରାମ, ଜଗତ କଲ୍ୟାଣେ
କର ଦେଶ ବିସର୍ଜନ ।
ବାରଶ ବଢ଼ାଇ ଆମ ଜାତିଭାଇ
ଶିଳ୍ପୀକୁଳ – ଗଳାହାର,
ପାଆନ୍ତୁ ଜୀବନ ମୋ ଜଣକ ଲାଗି
ମନେ କିଛି ନ ବିଚାର ।
ତେଜ ମୋ ମମତା, ହେବ ନାହିଁ ବାପା
ଦେଖା ଆଉ ଏ ଜୀବନେ,
ଦିଅ ଅନୁମତି କର ଆଶୀର୍ବାଦ
ବିଦା ହେବି ଏହି କ୍ଷଣେ' ।
କହେ ବୃଦ୍ଧ, ବାବୁ, ବାର ବର୍ଷ ହେଲା
ଛାଡ଼ି ଆସିଅଛି ଘର,
ତେତେବେଳେ ତୁହି ହୋଇଥିଲୁ ମାତୃ-
ଗର୍ଭରେ ଚାରି ମାସର ।
ପୁଅ କିବା ଝିଅ ହେଲା କି ଅପତ୍ୟ
କିମ୍ବା ଗର୍ଭ ଗଲା ନାଶ,
ଭାବିବାକୁ ମତେ କେବେହେଲେ ଦଣ୍ଡେ
ମିଳିନାହିଁ ଅବକାଶ ।
କି ଯୋଗରେ ବାବୁ ପହଞ୍ଚିଲୁ ଆସି
କଲୁ ଅସାଧ୍ୟ ସାଧନ,

ଏପରି ସୁଯୋଗ୍ୟ ପୁଅ ପାଏ କିରେ
ଅଳପ ଭାଗ୍ୟରେ ଜନ !
ବିଜୁଳି ପରାୟେ ଝଟକି ନିମିଷେ
ଏବେ ଲୁଚିଯିବୁ କାହିଁ ?
ଏଡ଼େ ଭାଗ୍ୟର କି ଏହି ପରିଣାମ
ଏହା କି ମୁଁ ଥିଲି ଦାହି ?”

ଉଭୟ ଇତିହାସ ଓ କିମ୍ବଦନ୍ତୀର ପୃଷ୍ଠଭୂମିରେ ଲିଖିତ ‘ଧର୍ମପଦ’ ବହୁ ପ୍ରତିଶ୍ରୁତି ଓ ଉଦ୍‌ବୋଧନଧର୍ମୀତାରେ ପରିପୂର୍ଣ୍ଣ । ‘ଧର୍ମପଦ’ରେ କୈଶୋରର ଅଫୁରନ୍ତ ରକ୍ତଶିଖା ସଦୃଶ ତ୍ୟାଗ ଓ ନିଃସ୍ୱାର୍ଥପରତାର ନିଭୃତ ରଙ୍ଗଭୂମିରେ ପ୍ରଜ୍ୱଳିତ । ଗୋପବନ୍ଧୁ ସମାଜ-ସଚେତନ ଶିଳ୍ପୀ ଥିଲେ ଓ ସାହିତ୍ୟରେ ସମାଜକୁ ପ୍ରତିଫଳିତ କରିବା ଥିଲା ତାଙ୍କର ଲକ୍ଷ୍ୟ । ଧର୍ମପଦର ଜୀବନରେ କର୍ମବାଦର ସଂକେତ ସ୍ପଷ୍ଟ ହୋଇଉଠିଛି । ନିରବଚ୍ଛିନ୍ନ କର୍ମସୂତ୍ରରେ ଜୀବନ ଗୁନ୍ଥା; କର୍ମଧାରାରେ ଜୀବନର ବିକାଶ ସାଧିତ ହୋଇଥାଏ । କର୍ମ ଜୀବନକୁ ସତ୍ୟ, ସୁନ୍ଦର ଓ ପବିତ୍ର କରିଥାଏ । ଜୀବନ କେବଳ କର୍ମମୟ । ଗୋପବନ୍ଧୁ ତେଣୁ କହିଛନ୍ତି -

“ମାନବ ଜୀବନ ନୁହଇ କେବଳ
ବର୍ଷ, ମାସ, ଦିନ, ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ ।”

ପ୍ରାଚୀନ ଭାରତୀୟ ଆର୍ଯ୍ୟସଂସ୍କୃତିର ଏହି କର୍ମଧାରା ଓ ମୂଲ୍ୟବୋଧର ଆଧାରରେ ଜାତିକୁ ଉଦ୍‌ବୁଦ୍ଧ କରିବାପାଇଁ ଗୋପବନ୍ଧୁ ସତତ ପ୍ରୟାସ କରିଥିଲେ । ‘ଧର୍ମପଦ’, ‘ବନ୍ଦୀର ସ୍ୱଦେଶଚିନ୍ତା’, ‘ଅବକାଶ ଚିନ୍ତା’ ପରି ସୃଷ୍ଟି ସମୂହ ଗୋପବନ୍ଧୁଙ୍କ ଜାତୀୟତାବାଦୀ ଭାବଧାରାର ପରିପ୍ରକାଶ ମାତ୍ର । ଜନ୍ମଭୂମି ଛାଡ଼ି ସୁଦୂର ହଜାରୀବାଗ ଯାଉଥିବାରୁ ତାଙ୍କର ମନରେ ଯେଉଁ ଭାବାନ୍ତର ଉଦ୍ରେକ ହେଉଥିଲା ସେ ସବୁର ସୁନ୍ଦର ବର୍ଣ୍ଣନା ତାଙ୍କର କାବ୍ୟରେ ଦେଖିବାକୁ ମିଳିଥାଏ । ଗୋପବନ୍ଧୁ ହଜାରୀବାଗ ଜେଲ୍ ରେ ଥିଲାବେଳେ ତାଙ୍କର କାବ୍ୟ ଯେତେବେଳେ ‘ସମାଜ’ ର ସ୍ତମ୍ଭାବଳୀରେ ଆତ୍ମପ୍ରକାଶ କରିଥିଲା, ସେତେବେଳେ ସମଗ୍ର ଓଡ଼ିଶା ଚମତ୍କୃତ ହୋଇ ଉଠିଥିଲା ।

ଉତ୍କଳର ପାଣି ପବନ, ପାହାଡ ପର୍ବତ, ବନସ୍ତ,ମନ୍ଦିର, ଉପତ୍ୟକା, ଦେଶର ପ୍ରାଚୀନଐତିହ୍ୟ ତଥା ତ୍ୟାଗପୂତ ଜୀବନର ଅମରବାଣୀ ଗୋପବନ୍ଧୁଙ୍କ ପ୍ରାଣରେ ଉଦ୍‌ବେଳନ ସୃଷ୍ଟି କରିଛି, ତାହା ହିଁ ତାଙ୍କ କବିତାର ପ୍ରତି ଛତ୍ରରେ ଜୀବନ୍ତ ଭାବରେ ପ୍ରକାଶିତ ହୋଇଅ । ପୁଣ୍ୟ ନୀଳାଚଳଧାମର ଜଗନ୍ନାଥଙ୍କୁ ଏ ଜାତିର ପ୍ରକୃତ ନାୟକ ରୂପେ ଗ୍ରହଣ କରି ଓ ତାଙ୍କରି ପବିତ୍ର ନେତୃତ୍ୱରେ ପରିଚାଳିତ ହୋଇ ଗୋପବନ୍ଧୁ ଜାତୀୟ ଆଶା, ଆକାଂକ୍ଷାକୁ ସାର୍ଥକ କରିବା ପାଇଁ ମହାନ୍ କର୍ତ୍ତବ୍ୟପୀଠରେ ଅବତୀର୍ଣ୍ଣ ହୋଇଥିବା ତାଙ୍କର ରଚନାଗୁଡ଼ିକରୁ ସ୍ପଷ୍ଟ ସୂଚନା ମିଳିଥାଏ। । ବିଂଶ ଶତାବ୍ଦୀର ପ୍ରଥମ ଦିନରେ ସେ ବାରବାଟୀ ଦୁର୍ଗ ଦର୍ଶନ କରି ତତ୍କାଳୀନ ଓଡିଶାର

ଦୁରାବସ୍ଥା କଥା ଭାବି ନୂତନ ଶତାବ୍ଦୀରେ ଓଡିଶାର ହିତ ସାଧିତ ହେଉ, ଉତ୍କଳୀୟମାନେ ନୂତନଶକ୍ତି ଲାଭ କରନ୍ତୁ, ଭାରତଖଣ୍ଡରେ ଓଡିଶାର ଅବଲୁପ୍ତ ଯଶ ଫେରିପାଉ ବୋଲି ଗୋପବନ୍ଧୁ ଗଭୀର ଆଶା ପ୍ରକାଶ କରିଥିଲେ । ଗୋପବନ୍ଧୁଙ୍କର ଦେଶ ଓ ଜାତି ପ୍ରତି ରହିଥିବା ସମ୍ମାନ ଓ ମମତ୍ୱବୋଧ ଏଥିରୁ ସହଜରେ ଜଣା ପଡିଥାଏ । ଗୋପବନ୍ଧୁ ଯଥାର୍ଥରେ ଓଡିଶାର ଜାତୀୟବୀର । ଦକ୍ଷ ନେତୃତ୍ୱ ଜରିଆରେ ଏହାର ପୁନରୁତ୍‌ଥାନ ପାଇଁ ସେ ପ୍ରୟାସ କରିଛନ୍ତି । ସତ୍ୟବାଦୀ ଯୁଗୀୟ ସାହିତ୍ୟରେ ଜାତୀୟଭାବକୁ ଋଦ୍ଧିମନ୍ତ କରି ଜାତୀୟ ଉନ୍ନତିରେ ବିଶ୍ୱାସ ପୋଷଣ କରିଛନ୍ତି ।

ଗୋପବନ୍ଧୁ ଦାସଙ୍କ ଉଦ୍ୟମରେ ମାସିକ ସାହିତ୍ୟ ପତ୍ରିକା 'ସତ୍ୟବାଦୀ' (୧୯୧୫) ଓ ସାପ୍ତାହିକ 'ସମାଜ' ପତ୍ରିକା (୧୯୧୯) ପ୍ରକାଶ ପାଉଥିଲା । ଏହି ପତ୍ରିକାର ଅଗ୍ରଲେଖା ଜରିଆରେ ସେ ବହୁ ଚିନ୍ତାଶୀଳ ପ୍ରବନ୍ଧ ପ୍ରକାଶ କରିଥିଲେ । ତାଙ୍କ ସାହିତ୍ୟରେ ସ୍ୱଦେଶପ୍ରୀତି, ବିଶ୍ୱପ୍ରୀତି ଏବଂ ଗଭୀର ମାନବୀୟ ଆଦର୍ଶ ମୁଖ୍ୟ ସ୍ୱର ହୋଇ ପାଠକ ହୃଦୟକୁ ସ୍ପର୍ଶ କରିଥାଏ । ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ବହୁ ଗୁଣର ଅଧିକାରୀ । ତାହା ହେଉଛି ସାମାଜିକ ଚେତନାରେ ପରିପୁଷ୍ଟ, ଜାତୀୟ ପ୍ରେରଣାରେ ଉଜ୍ଜୀବିତ, ସାଧନାରେ ନିମଜ୍ଜିତ ଓ ମୌଳିକତାରେ ପରିପୂର୍ଣ୍ଣ । ମାନବ ମନର ଜିଜ୍ଞାସାର ସନ୍ଧାନ ହିଁ ଗୋପବନ୍ଧୁ ସାହିତ୍ୟର ଆଭିମୁଖ୍ୟ ।

'ବନ୍ଦୀର ଆତ୍ମକଥା' ଉତ୍କଳମଣିଙ୍କ ଲିଖିତ ବ୍ୟକ୍ତିଗତ ଅନୁଭୂତି ପ୍ରଧାନ, କ୍ରାନ୍ତିଶୀଳ ରାଷ୍ଟ୍ରୀୟ ତଥା ଜାତୀୟଜୀବନର ଏକ ଅଧ୍ୟୟନ । ଏଥିରେ ବନ୍ଦୀ ଜୀବନର ସ୍ମୃତି-ବିସ୍ମୃତି, ଆନନ୍ଦ-ନିରାନନ୍ଦ, ଆଶା-ନିରାଶା ଓ ବନ୍ଦୀର ମାନସପଟରେ ଯେଉଁ ଚିତ୍ର-ବୈଚିତ୍ର୍ୟ ତାହାର ନିଖୁଣ ଚିତ୍ର ଉପସ୍ଥାପିତ ହୋଇଛି । ଗୋପବନ୍ଧୁ ହେଉଛନ୍ତି ବିଶ୍ୱ ଜୀବନର ସାର୍ଥକ ସନ୍ଧାନୀ ଓ ଜୀବନିଷ୍ଠ ଉପାସକ । 'ବନ୍ଦୀର ଆତ୍ମକଥା'ରେ ସତେ ଯେମିତି ସେ ଏକ ଅପୂର୍ବ ଜୀବନର ଆବିଷ୍କାରକ । ସେ ଆବିଷ୍କାରଟି ବନ୍ଦୀଜୀବନର କାରୁଣ୍ୟ ମାଧ୍ୟମରେ ସମ୍ଭବ ହୋଇପାରିଛି ।

ରାଜନୀତିଜ୍ଞ ଗୋପବନ୍ଧୁ ବିଦେଶୀ ସରକାରର ଅତ୍ୟାଚାରରେ ଯେତେବେଳେ କାରାଦଣ୍ଡରେ ଦଣ୍ଡିତ ହେଲେ ଏବଂ ଓଡ଼ିଶାରୁ ହଜାରୀବାଗ୍ ଜେଲକୁ ସ୍ଥାନାନ୍ତରିତ ହେଲେ ସେତେବେଳେ ସେହି ବିଦ୍ରୋହୀ ମୂହୁର୍ତ୍ତର ସ୍ଫୁରଣରେ 'ବନ୍ଦୀର ଆତ୍ମକଥା'ର ସୃଷ୍ଟି । ସେହି ନିର୍ଜନ ଦୀର୍ଘ କାରାବାସ ବିପ୍ଳବୀ, ବନ୍ଦୀ ଓ ସ୍ୱଦେଶପ୍ରେମୀ ପୁରୁଷର ମନରେ ଯେଉଁ ଭାବ ପ୍ରବାହିତ ହୋଇଥିଲା ତାହାର ସୁସଙ୍ଗତ, ସୁବିନ୍ୟସ୍ତ, ଶୃଙ୍ଖଳିତ ପର୍ଯ୍ୟାୟ ହେଉଛି 'ବନ୍ଦୀର ଆତ୍ମକଥା'-

"ଦେଶବାସୀ ବନ୍ଧୁ ଆତ୍ମୀୟ ସୋଦର
କାରାଦଣ୍ଡେ ମୋର ହେଲ କି କାତର ?
ଥିଲା ଏହା ଆଗୁଁ ଜଣାଶୁଣା କଥା,
ସେଥିପାଇଁ ତେବେ କିମ୍ପା ମନେ ବ୍ୟଥା ?
କାତରତା ସିନା କାପୁରୁଷ ପଣ,
ବୀର ମାରେ ଅବା ମରେ କରି ରଣ ।
ପଛଘୁଞ୍ଚା ନାହିଁ ବୀରର ଜାତକେ,
ନ ମରେ ସେ କେବେ ପରାଣ ଆତଙ୍କେ ।"

ଅନନ୍ୟ ଅସାଧାରଣ ତ୍ୟାଗ, ଶହୀଦ ହେବାର ଯୋଗ୍ୟତା ଓ ସହିଷ୍ଣୁତା, ତ୍ୟାଗପୂତ ଜୀବନର ମହାନୁଭବତା, ଏହି କ୍ଷୁଦ୍ର ରଚନାରେ ସ୍ପଷ୍ଟଭାବରେ ପ୍ରତିପାଦିତ ହୋଇଛି । ଏହାର ବଳିଷ୍ଠ ଉଦ୍‌ଘୋଷଣା ହେଉଛି-

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲିଯାଆନ୍ତୁ ପିଠିରେ।"

ସତ୍ୟ ଓ ଅହିଂସା ମଧ୍ୟରେ ପ୍ରଭେଦ ନାହିଁ, ଏହାହିଁ ମହାତ୍ମାଙ୍କର ନିର୍ଦ୍ଦିଷ୍ଟ ମତ। ସ୍ୱରାଜ୍ୟ ଆନ୍ଦୋଳନର ପୃଷ୍ଠଭୂମିରେ ଉଦ୍‌ବୁଦ୍ଧ ଦେଶବାସୀଙ୍କୁ ମଧ୍ୟସେହି ଅହିଂସା ଓ ସତ୍ୟର ମନ୍ତ୍ରରେ ଦୀକ୍ଷିତ କରିବା ଥିଲା ଗୋପବନ୍ଧୁଙ୍କ ଉଦ୍ଦେଶ୍ୟ । ଏହି ପରିପ୍ରେକ୍ଷାରେ ଗୋପବନ୍ଧୁ କହନ୍ତି ।

"ଆଧାତ୍ମିକ ବଳେ ଲାଗିଛି ଲଢ଼େଇ
ଭାଙ୍ଗିବାକୁ ପଶୁବଳର ବଡ଼ାଇ।"

**** ****

"ଅହିଂସା ବଳରେ ଯେହୁ ବଳିୟାନ
ଏ ରଣ ପ୍ରାଙ୍ଗଣେ ତାର ଏକା ସ୍ଥାନ।

ଗୋପବନ୍ଧୁଙ୍କ ଦ୍ୱାରା ରଚିତ 'ଅବକାଶଚିନ୍ତା' ୧୮୯୯ ମସିହାରେ ରଚିତ ଓ ମୁଦ୍ରିତ ହୋଇଥିଲା । ୧୮୯୯ରେ 'ଓଡିଆ ପେଟ୍ରିୟଟ୍'ପ୍ରେସ୍‌ରୁ ଏହି କବିତା ସଙ୍କଳନ ପ୍ରକାଶିତ ହୋଇଥିଲା । ଏଥିରେ ସଙ୍କଳିତ କବିତାଗୁଡିକରେ ଗୋପବନ୍ଧୁଙ୍କର ସେବା ମନୋଭାବ ଓ ଦେଶପ୍ରେମର ବାସ୍ତବ ରୂପ ପ୍ରତିଫଳିତ ହୋଇଛି । ଏହି ସଙ୍କଳନରେ ମୋଟ ୩୯ଟି କବିତା ସନ୍ନିବେଶିତ ହୋଇଛି । ଅବକାଶଚିନ୍ତାର ପ୍ରଥମ କବିତା 'ପ୍ରାର୍ଥନା' ରେ ବିଭୁପ୍ରେମ ସହିତ ଦେଶପ୍ରେମର ଯଥାର୍ଥ ପରିଚୟ ଦେଇ କବି ଲେଖିଛନ୍ତି-

"ପ୍ରଭୁ ଦୟାମୟ ଜଗତର ପତି,
ଅନାଥର ନାଥ ଅଗତିର ଗତି
ତବଶ୍ରୀ ଚରଣେ ଏହି ବିନତି
କରୁଛୁ ଉତ୍କଳ ଶିଶୁ ସନ୍ତତି
ମିଳି ଆଜି ଏକ ମନେ ହେ,
ଦିଅ ନବ ତେଜ ନବୀନ ସାହସ
ଉତ୍କଳମାତା ଜୀବନେ ହେ ।"

ଏହିପରି ଛଳଛଳ କାବ୍ୟିକତା ତାଙ୍କର 'ଧର୍ମପଦ', 'ନଚିକେତା ଉପାଖ୍ୟାନ' ଓ 'ଗୋ-ମହାତ୍ମ୍ୟ'ରେ ମଧ୍ୟ ଦେଖିବାକୁ ଦେଖିବାକୁ ମିଳେ। ଗୋପବନ୍ଧୁଙ୍କର ସ୍ରଷ୍ଟା ମାନସ ହେଉଛି ଗୀତିଧର୍ମୀ । ତାଙ୍କ କାବ୍ୟ କବିତାର

ଆଂଗିକ ଓ ଆତ୍ମିକ ଆଭିମୁଖ୍ୟ ହେଉଛି ଗୀତିନିଷ୍ଠତା । ଊଣା ଅଧିକେ ତାଙ୍କର ପ୍ରାୟ ସମସ୍ତ କାବ୍ୟ କବିତା ଏହି ଶ୍ରେଣୀଭୁକ୍ତ । ଆବେଗପ୍ରବଣତା ଓ ଭାବପ୍ରଗଳ୍‌ଭତା ଗୋପବନ୍ଧୁଙ୍କର କ୍ଷୁଦ୍ରକବିତା ଗୁଡିକୁ କେତେବେଳେ ଦେଶାତ୍ମବୋଧର ସମ୍ମାନ ଦେଇଛି ତ କେତେବେଳେ ଦର୍ଶନର ସ୍ପର୍ଶ ଦେଇଛି ତ ଆଉ କେତେବେଳେ ନିଛକ ବ୍ୟକ୍ତିଗତ ଆନନ୍ଦର ବିଭୂତି ଦାନ କରିଅଛି । ପୁନଃଶ୍ଚ, ଗୋପବନ୍ଧୁ ଅନେକ ଗଦ୍ୟ ସାହିତ୍ୟର ମଧ୍ୟ ସ୍ରଷ୍ଟା । ଗଦ୍ୟ ଲେଖକ ଭାବରେ ସେ ଲେଖିଥିବା ଲେଖା ସବୁ ତତ୍‌କାଳୀନ 'ସତ୍ୟବାଦୀ' ଓ 'ସମାଜ' ପତ୍ରିକାରେ ପ୍ରକାଶିତ ହେଉଥିଲା ।

ଓଡିଆଭାଷା ଓ ସାହିତ୍ୟକୁ ଗୋପବନ୍ଧୁ ପ୍ରାଣଭରି ଭଲ ପାଉଥିଲେ । ସାହିତ୍ୟ ଥିଲା ତାଙ୍କ ଜୀବନ ସଂଗ୍ରାମର ପ୍ରଧାନ ଆୟୁଧ ଓ ଅବଲମ୍ବନ । ତାଙ୍କ ଦ୍ୱରା ପ୍ରକାଶିତ ହେଉଥିବା 'ସତ୍ୟବାଦୀ' ପତ୍ରିକାରେ ଥରେ ସେ ଲେଖିଥିଲେ– "କ୍ଷମତା ଓ ପଦବୀ ପାଇଁ ଲୋକଙ୍କର ଯେତିକି ବ୍ୟାକୁଳତା ପ୍ରକାଶ ପାଉଛି, ତାହା ଯଦି ସାହିତ୍ୟ କ୍ଷେତ୍ରରେ ନିୟୋଜିତ ହୁଅନ୍ତା, ତେବେ ଓଡିଆ ସାହିତ୍ୟ ଓ ଓଡିଆ ଜାତିର ଅବସ୍ଥା ଅନ୍ୟପ୍ରକାର ହୋଇଥାନ୍ତା ।" ସତ୍ୟବାଦୀଯୁଗର ପୁରୋଧା ପଣ୍ଡିତ ଗୋପବନ୍ଧୁ ଦାସ ଅନେକ କାବ୍ୟକବିତା ଓ ପ୍ରବନ୍ଧ ରଚନାକରି ଓଡିଆ ଜନଜୀବନରେ ନବଜାଗରଣ ସୃଷ୍ଟି କରିଥିଲେ । ତାଙ୍କ ଦ୍ୱାରା ଓଡିଆ ସାହିତ୍ୟର ଆଭିମୁଖ୍ୟ ବଦଳି ଯାଇଥିଲ । ତାଙ୍କ ସାହିତ୍ୟର ସରଳ ତରଳ ଭାଷା ଜନସାଧାରଣଙ୍କୁ ଅଭିଭୂତ କରିଥିଲା । ଗୋପବନ୍ଧୁଙ୍କ ସାହିତ୍ୟରେ ଓଡିଶାର ସାମାଜିକ, ଅର୍ଥନୈତିକ, ଏବଂ ଜାତୀୟ ଚେତନାର ସ୍ୱର ପ୍ରଥମକରି ଦେଖିବାକୁ ମିଳିଥାଏ । ଯେଉଁ ଆଭିମୁଖ୍ୟ ନେଇ ଗୋପବନ୍ଧୁ ଦାସ ଲେଖନୀ ଧାରଣ କରି ସମୁନ୍ନତ ସାହିତ୍ୟ ସର୍ଜନା କରିଛନ୍ତି ତାହା ଓଡିଆ ଜାତି ଓ ସାହିତ୍ୟ ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ । ଗୋପବନ୍ଧୁ ଦାସଙ୍କ ସାଧନାମୟ ଜୀବନ ବାସ୍ତବରେ ଓଡିଆଜାତି ଓ ସାହିତ୍ୟକୁ ସମୃଦ୍ଧ କରିଛି ।

## ୨.୫ ପଣ୍ଡତି ନୀଳକଣ୍ଠ ଦାସ (୧୮୮୪ -୧୯୬୭)

ସତ୍ୟବାଦୀ ସାହିତ୍ୟ ଗୋଷ୍ଠୀର ଅନ୍ୟତମ ସ୍ରଷ୍ଟା ହେଉଛନ୍ତି ପଣ୍ଡିତ ନୀଳକଣ୍ଠ ଦାସ । ସେ ୧୮୮୪ ମସିହା ଅଗଷ୍ଟ ୫ ତାରିଖରେ ପୁରୀ ଜିଲ୍ଲାର ଶ୍ରୀ ରାମଚନ୍ଦ୍ରପୁର ଶାସନରେ ଜନ୍ମଗ୍ରହଣ କରିଥିଲେ । ଛାତ୍ରାବସ୍ଥାରେ ସେ ଖୁବ୍ ବିଚକ୍ଷଣ ଓ ମେଧାବୀ ଥିଲେ । ୧୮୯୯ ମସିହାରେ ଅନୁଷ୍ଠିତ ହୋଇଥିବା ଭର୍ଣ୍ଣାକୁଲାର ପରୀକ୍ଷାରେ ସମଗ୍ର ରାଜ୍ୟରେ ନୀଳକଣ୍ଠ ଦାସ ପ୍ରଥମ ସ୍ଥାନ ଅଧିକାର କରି ନିଜର କୃତୀତ୍ୱ ଦେଖାଇଥିଲେ । ଏହାପରେ ସେ ପୁରୀ ଜିଲ୍ଲାସ୍କୁଲରେ ଅଧ୍ୟୟନ କରିଥିଲେ । କଟକ ରେଭେନ୍ସା କଲେଜରୁ ବି.ଏ. ଅଧ୍ୟୟନ ସମାପ୍ତ କରି ଏମ୍.ଏ ପଢ଼ିବା ପାଇଁ କଲିକତା ଯାଇଥିଲେ । ଶିକ୍ଷା ସମାପ୍ତ ପରେ ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ୧୯୨୦ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରେ ଅଧାପନା ସକାଶେ ଯୋଗ ଦେଇଥିଲେ । ପରବର୍ତ୍ତୀ ସମୟରେ ସେ ଅସହଯୋଗ ଆନ୍ଦୋଳନରେ ଭାଗ ନେଇଥିଲେ । ଏହାପରେ ୧୯୩୪ ମସିହାରେ ସେ ପ୍ରଦେଶ କଂଗ୍ରେସ କମିଟିର ସଭାପତି, ୧୯୫୭ ରେ ଓଡ଼ିଶା ବିଧାନ ସଭାର ବାଚସ୍ପତି ହୋଇଥିଲେ ।

ପଣ୍ଡିତ ନୀଳକଣ୍ଠ ନବଭାରତ ପ୍ରେସ୍ ପ୍ରତିଷ୍ଠା କରି 'ନବଭାରତ' ମାସିକ ସାହିତ୍ୟ ପତ୍ରିକାର ସଂପାଦନା ଦାୟିତ୍ୱ ବହନ କରିଥିଲେ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଦେହାବସାନ ପରେ କିଛି ସମୟ ପାଇଁ 'ସମାଜ'ର ସଂପାଦନା କାର୍ଯ୍ୟ ମଧକରିଥିଲେ । ସେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରଥମ ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ ।

ନୀଳକଣ୍ଠ ଦାସ ଏକାଧାରରେ କବି, ଦାର୍ଶନିକ ଓ ସମାଲୋଚକ ଥିଲେ। ସେ ଥିଲେ ଜଣେ ଆଦର୍ଶ ଶିକ୍ଷକ ଓ ଶିକ୍ଷାବିଦ୍ । ଜାତୀୟ ଆନ୍ଦୋଳନର ଜଣେ ନିଷ୍ଠାପର କର୍ମୀ ତଥା ସୁସଂଗଠକ ଭାବରେ ସେ ପରିଚିତ ଥିଲେ। ସତ୍ୟବାଦୀ ସାହିତ୍ୟ ଆନ୍ଦୋଳନରେ ତାଙ୍କର ବଳିଷ୍ଠ ଲେଖନୀ ନେତୃତ୍ୱ ବହନ କରିଥିଲା। ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବେଳେ ସେ ଯେଉଁ କାବ୍ୟ କବିତା ରଚନା କରିଥିଲେ ତାହା ଓଡ଼ିଆ ସାହିତ୍ୟର ଗୋଟିଏ ଗୋଟିଏ ଅମ୍ଳାନ କୀର୍ତ୍ତି।

ନୀଳକଣ୍ଠ ସାହିତ୍ୟକୁ କଳା ଅପେକ୍ଷା ଜାତୀୟତାର ଉଗ୍ର ପ୍ରଚାରର ମାଧ୍ୟମ ଭାବରେ ଗ୍ରହଣ କରି ନିଜର ଦେଶପ୍ରୀତିର ଜ୍ୱଳନ୍ତ ପ୍ରମାଣ ଦେଇ ଯାଇଛନ୍ତି। ସେ ଓଡ଼ିଶାର ସମାଜ, ସଂସ୍କୃତି, ଇତିହାସ ଓ ଜାତୀୟ ଜୀବନରୁ ଓଡ଼ିଶାର ବାସ୍ତବ ଓ ମୂଳ ଜୀବନ ସ୍ରୋତକୁ ଅନୁସନ୍ଧାନ କରିଛନ୍ତି। ତାଙ୍କର 'କୋଣାର୍କେ ଓ ଖାରବେଳ' କାବ୍ୟରେ ଓଡ଼ିଶାର ଗୌରବମୟ ଇତିହାସ ସୁନ୍ଦର ଭାବେ ବର୍ଣ୍ଣିତ ହୋଇଛି। 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ହେଉଛି ଓଡିଆସାହିତ୍ୟ ଜଗତର ଏକ ଅମୂଲ୍ୟଗ୍ରନ୍ଥ । ଏହି ଗ୍ରନ୍ଥ ଓ ତାଙ୍କର 'ଶ୍ରୀମଦ୍ ଭଗବଦ୍‌ଗୀତା'ର ଭୂମିକାରୁ ତାଙ୍କର ଅସାମାନ୍ୟ ପାଣ୍ଡିତ୍ୟ, ତଥା ସମାଲୋଚନାତ୍ମକ ଦୃଷ୍ଟିଭଙ୍ଗୀର ପରିଚୟ ମିଳିଥାଏ। 'ପିଲାଙ୍କ ରାମାୟଣ', 'ପିଲାଙ୍କ ଭାଗବତ'ରେ ଛୋଟ ଶିଶୁମାନଙ୍କୁ ସୁପଥଗାମୀ ହେବା ପାଇଁ ସେ ସୁନ୍ଦର ପ୍ରେରଣା ଦେଇଯାଇଛନ୍ତି। 'ଭକ୍ତିଗାଥା'ର ପ୍ରତ୍ୟେକଟି ଗୀତିକାରୁ ତାଙ୍କର ଭକ୍ତିଭାବନାର ପରିଚୟ ମିଳିଥାଏ। ତାଙ୍କର 'ଆତ୍ମଜୀବନୀ'ରେ ଅର୍ଦ୍ଧଶତାବ୍ଦୀ ଓଡ଼ିଶାର ସମାଜ ରାଜନୀତିକ ଚିତ୍ର ସହ ଜନଜୀବନର ସ୍ୱରୂପ ଅତି ସୁନ୍ଦର ଭାବେ ବର୍ଣ୍ଣିତ ହୋଇଅଛି ।

ପଣ୍ଡିତ ନୀଳକଣ୍ଠ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଉତ୍କଳୀୟ ସଂସ୍କୃତି ମୂଳସ୍ୱରୂପ ଅନୁସନ୍ଧାନ କ୍ଷେତ୍ରରେ ତାଙ୍କ ବିଦ୍‌ବତ୍ତା ଓ ପାଣ୍ଡିତ୍ୟ ପ୍ରଶଂସନୀୟ। ଆମ ସମାଜରେ ପ୍ରଚଳିତ ବିଭିନ୍ନ ଧର୍ମଧାରା, ସାମାଜିକ ରୀତିନୀତି, ଚାଲିଚଳଣ ଏବଂ ଆଚାର,ବ୍ୟବହାର ସମ୍ପର୍କରେ ସେ ସୂକ୍ଷ୍ମ ଅନୁଶୀଳନ କରିଛନ୍ତି। ତାଙ୍କ ସୃଷ୍ଟିସମୂହରୁ ଓଡ଼ିଶାର ସମାଜ ଓ ସଂସ୍କୃତି ସମ୍ପର୍କୀୟ ବହୁ ତଥ୍ୟ ଓ ସୂଚନା ମିଳିଥାଏ।

ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ ଧର୍ମ ହେଉଛି ଏକ ଆଦର୍ଶ ମାର୍ଗ। ଧର୍ମର ଦ୍ୱାହି ଦେଇ କେତେକ ମୁଷ୍ଟିମେୟ ବ୍ୟକ୍ତି ନିରୀହ ଲୋକଙ୍କୁ ଶୋଷଣ କରୁଥିବାରୁ ସେ ଏହାର ବିରୋଧ କରୁଥିଲେ। ଜୀବନକୁ ଯିଏ ସତ୍‌ମାର୍ଗରେ ପରିଚାଳିତ ହେବାକୁ ଦିଏ, ଯାହା ମାନବସମାଜର ମଙ୍ଗଳ ବିଧାନ କରେ, ନୀଳକଣ୍ଠଙ୍କ ଦୃଷ୍ଟିରେ ତାହାହିଁ ପ୍ରକୃତ ଧର୍ମ। 'ବୁଦ୍ଧ ଓ ବିଧବା' କବିତାରେ ବୌଦ୍ଧଧର୍ମର ମହତ୍ତ୍ୱ ଓ ସର୍ବଜନପ୍ରିୟତା, 'ମହାତ୍ମାଗାନ୍ଧୀ' କବିତାରେ ଗାନ୍ଧୀଙ୍କ ସତ୍‌ଚରିତ୍ରର ଅନୁଶୀଳନ ଅତି ଚମତ୍କାର ଭାବରେ କରିଛନ୍ତି।

ଓଡ଼ିଆ ସାହିତ୍ୟରେ କବି, ଦାର୍ଶନିକ, ସମାଲୋଚକ ରୂପେ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିଷ୍ଠା ଆଜି ସୁଦ୍ଧା ବିଦ୍ୟମାନ । କବିଙ୍କ "କୋଣାର୍କେ" କାବ୍ୟ ସମଗ୍ର ଜାତିର ଐତିହ୍ୟ ଓ ସଂସ୍କୃତିର ମହାଭାଷ୍ୟ ରୂପେ ପରିଗଣିତ। ତାଙ୍କର ଅନ୍ୟ ଦୁଇଟି ଲୋକ ପ୍ରିୟକାବ୍ୟ ଗ୍ରନ୍ଥ ହେଉଛି 'ଖାରବେଳ' ଓ 'ପ୍ରଣୟିନୀ' । ପ୍ରଥମଟି ଐତିହାସିକ କାବ୍ୟ ଓ ଦ୍ୱିତୀୟଟି ଅନୁବାଦ। ଉତ୍କଳର ପ୍ରାଚୀନ ଗୌରବ, ସମୃଦ୍ଧ ନୌବାଣିଜ୍ୟ, ପ୍ରଚଣ୍ଡ ବୀରତ୍ୱ, ରାଜ୍ୟ ବିସ୍ତାର, କଳାଗତ ଉତ୍କର୍ଷ, ସର୍ବୋପରି ଉନ୍ନତ ପ୍ରେମଚିତ୍ର ଓ ସମାଜଚିତ୍ର ପ୍ରଭୃତିକୁ ମୂଳ କରି ଉତ୍କଳର ଏକ ସୁବିଖ୍ୟାତ

ଇତିହାସ ସେ 'କୋଣାର୍କେ' ଓ 'ଖାରବେଳ' କାବ୍ୟରେ ପ୍ରକାଶ କରିଛନ୍ତି। ଏ ଦେଶର ପ୍ରାଚୀନ ଇତିହାସ ଏବଂ ପରମ୍ପରାର ପୃଷ୍ଠଭୂମି ଉପରେ 'କୋଣାର୍କେ' କାବ୍ୟ ରଚିତ ହୋଇଥିଲେ ମଧ୍ୟଏଥିରେ କବିସୁଲଭ ରସମୟୀ କଳ୍ପନା, ସରସ ଆବେଗ ତଥା କାବ୍ୟିକ ଚମତ୍କାରିତା ଏକାନ୍ତ ଭାବରେ ସାହିତ୍ୟିକ ଗୌରବରେ ବିମଣ୍ଡିତ। ଦେଶବାସୀଙ୍କୁ ପବିତ୍ର ଦେଶାତ୍ମବୋଧରେ ଅନୁପ୍ରାଣିତ କରିବା ନିମନ୍ତେ କବି ନୀଳକଣ୍ଠ ଦେଶର ଗୌରବୋଜ୍ଜ୍ୱଳ ଇତିହାସକୁ ଯେପରି ନିବିଡ଼ ଭାବରେ ଆଶ୍ରୟ କରିଛନ୍ତି । 'କୋଣାର୍କେ' କାବ୍ୟରେ ରାମଚଣ୍ଡୀଠାରେ ରାତିର ବର୍ଣ୍ଣନା କରି କବି ଲେଖିଛନ୍ତି –

"କି କରାଳ ଆଜି ରଜନୀ ? ବହେ ଝଞ୍ଜା ପବନ,
ତରା ନ ଦିଶଇ ଗଗନେ, ଶୁଭେ ଘନ ଗର୍ଜନ ।
ମୂଷଳ ଧାରାରେ ଝଟିକା ଦିଏ କଚାଡି କେବେ,
ଶୋଇ ପଡିଛ ତ ବାପା ହେ ଜାଣୁ ନ ଥିବ ଲବେ ।
ଆଜି ଯେ କୁଆଁର ପୁନିଅଁ କେତେ ସୁଖ ସରଧା,
ମାଆ ଭଉଣୀଙ୍କ ଆଦର, ନବ ବସନ ପିନ୍ଧା ।
ମନେ ପଡୁ ନାହିଁ ବାବୁ ହେ ଲାଗି ଯାଇଛି ନିଦ,
ମାଆ ଭଉଣୀଏ ଭବନେ ଭିଜିଥିବେ ବିଷାଦ ।
ଲୁଗାରେ ହଳଦୀ ଲଗାଇ ଚାହିଁଥିବେ ଜନନୀ ,
ପିଠାପଣା ଖାଉ ନ ଥିବ ସୁଖେ ଆଜି ଭଗିନୀ ।
ପବନ ଝଙ୍କାରେ ଶୁଣୁ ସେ ଥିବେ ଡାକ ତୁମ୍ଭର,
ପଲକେ ପଲକେ ଚମକି ହେଉଥିବେ କାତର ।
ଫାଟି ଯାଉଥିବ ଜାହାଜ ତାଙ୍କ ହୃଦ ସାଗରେ ,
ନିରାଶରେ ଆଶା ଚମକେ ଥିବେ ସେହୁ ଜାଗରେ ।
ଜନନୀର ଗୁରୁ ବେଦନା, ଭଗିନୀର ବିଷାଦ,
ସୁମରି ସପନେ ଚମକି ଭାଙ୍ଗି ଯିବଟି ନିଦ ।
ଶୁଅ ଶୁଅ ଧନ, ଆରାମେ ଶୋଇଥାଅରେ ଶିଶୁ,
ପଥଶ୍ରମ କରି ଆସିଛ, ଶ୍ରମେ ବିରାମ ମିଶୁ ।
ବହୁ ବାଲିବନ୍ତ ଡେଇଁ ହେ ଆଜି ଆସିଛ ଚାଲି,
ସଇକତ ନଦୀ ଗରଭେ ପଶି ହୋଇଛ ପାରି ।
ଉରଗ କୁଟିଳ ତଟିନୀ ଭରା ଅସାର ନୀରେ,
ବିସ୍ମୟ ସୋହାଗେ ଭେଟିଛ କେତେ ବାଙ୍କେ ପ୍ରାନ୍ତରେ ।

ବାଟ ଭୁଲି କେତେ ଅଂଧାରେ ସହି ବରଷାଧାରା,
ନବ ଗୁଡକଙ୍କ ଲତିକା ମାଡି ଚାଲିଛ ସରା ।
କାନ୍ଧେ ଭାର ବହି,ଏ ସବୁ ପଥେ ସହି ନିରତେ,
କୁତୁହଳେ ପୁଣି ଶାମୁକା ସାଉଁଟିଛ ହେ କେତେ ।
ନୂଆ ଜୀବଟିଏ ଅନ୍ଧାରେ ଦେଖି ନଈ ମୁହାଣେ,
ନାଚି ଉଠିଅଛ କି ଭାବ ବହି ଶିଶୁ ପରାଣେ ।
ସେ ଭାବ ମୋହର କାହିଁ ହେ, କାହୁଁ ବୁଝିବି ମୁହିଁ,
ଶିଶୁ ମେଳେ ସିନା ବୁଲୁଛି, କାଳ ଯାଉଛି ବହି ।"

ଏହି କବିତାଂଶ ରେ କବିଙ୍କର ବାତ୍ସଲ୍ୟପ୍ରେମ ଓ ସ୍ୱଦେଶପ୍ରୀତିର ମିଶ୍ରିତ ରୂପ ଅତି ସୁନ୍ଦର ଭାବରେ ପ୍ରକଟିତ ହୋଇଛି । 'କୋଣାର୍କେ' କାବ୍ୟରେ ଓଡିଶାର ମହାନ୍ ଐତିହ୍ୟ ଓ ଗରିମାକୁ ଯେପରି ରୋମନ୍ଥନ କରାଯାଇଛି ତାହା ପ୍ରଣିଧାନ ଯୋଗ୍ୟ । ଭାଷା, ଭାବ, କଳ୍ପନା ତଥା ବର୍ଣ୍ଣନାଶୈଳୀ ଆଦିକୁ ଅନୁଶୀଳନ କଲେ ଜଣାଯାଏ ଯେ ଓଡିଆ ଭାଷାର ଏହା ଏକ ଅନୁପମ କାବ୍ୟ ।

ପଣ୍ଡିତ ନୀଳକଣ୍ଠ ଥିଲେ ଜଣେ ମୌଳିକ ସ୍ରଷ୍ଟା ଓ ଆଦର୍ଶ ବୁଦ୍ଧିଜୀବୀ । ଓଡିଆ ସଂସ୍କୃତି, ସାହିତ୍ୟ ଓ ଲୋକଚଳଣିର ସ୍ୱତନ୍ତ୍ରତା ସେ ଗଭୀର ଭାବରେ ଅନୁଧ୍ୟାନ କରିଥିଲେ । ତାଙ୍କ ସାହିତ୍ୟ ସମାଜର ଉଚ୍ଚସ୍ତରରେ ଥିବା ଲୋକଙ୍କ ପାଇଁ କେବଳ ଅଭିପ୍ରେତ ନଥିଲା । ସେ ସବୁ ବର୍ଗର ଲୋକଙ୍କ ପାଇଁ ସାହିତ୍ୟ ସୃଷ୍ଟି କରିଥିଲେ। ଶିଶୁ, ପଲ୍ଲୀବାସୀ ଜନସାଧାରଣ ସହରୀ ବୁଦ୍ଧିଜୀବୀ ଏହିପରି ସବୁ ଶ୍ରେଣୀର ଲୋକଙ୍କ ପାଇଁ ସାହିତ୍ୟ ସୃଷ୍ଟି କରିବାକୁ ସେ ପ୍ରୟାସ କରିଥିଲେ । ଲୋକସାହିତ୍ୟ ଓ ପୁରାଣ ସାହିତ୍ୟରୁ ନୂତନ ଭାବରେ ଶିଶୁ ସାହିତ୍ୟ ସୃଷ୍ଟି କରିବା ପାଇଁ ନିଳକଣ୍ଠ ଦାସ ସତତ ଚେଷ୍ଟିତ ଥିଲେ । ଶିଶୁ ମନକୁ ସୃଷ୍ଟିଶୀଳ କରିବା ପାଇଁ ଶିଶୁ ସାହିତ୍ୟକୁ ସେ ନୂତନ ଭାବରେ ରଚନା କରିଥିଲେ । ସେଥିପାଇଁ ପିଲାଙ୍କ ଉଦ୍ଦେଶ୍ୟରେ ପିଲାଙ୍କ ଭାଗବତ, ପିଲାଙ୍କ ରାମାୟଣ ରଚନା କରି ଶିଶୁ ସାହିତ୍ୟ ଦିଗରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ଶିଶୁମାନଙ୍କ କୋମଳ ମନକୁ ଛୁଇଁଲା ପରି ସେ ଅନେକ କବିତା ଲେଖି ଶିଶୁସାହିତ୍ୟ ଜଗତକୁ ସମୃଦ୍ଧ କରିଛନ୍ତି । ଶିଶୁମାନଙ୍କ ଉଦ୍ଦେଶ୍ୟରେ ଲେଖିଥିବା 'ମହାତ୍ମା ଗାନ୍ଧୀ' କବିତାରେ କବି କହନ୍ତି –

"ଜନମି ଥିଲେ ଗାନ୍ଧୀ ଏହି ଭାରତେ,
ସୁମରୁ ଥିବେ ତାଙ୍କୁ ଜନେ ଜଗତେ ।
ଗୋରାଙ୍କ ତଳେ ଥିଲା ଆମ ଦେଶ,
ଗୋରାଙ୍କୁ ଲୋକଙ୍କ ଡର ବିଶେଷ ।
**** ****

ଗାନ୍ଧୀ କହିଲେ ଡର ଛାଡିଲେ ଲୋକେ,
ତୋପ ବନ୍ଧୁକ ଆଗେ ଦେଖାଅ ବୁକେ ।
ଶତ୍ରୁ ବୋଲି କାହାକୁ ନ କର ଘୃଣା,
ଯେତେ ଦରପ ହେଲେ ହୋଇବ ଚୂନା ।"

ଏହିପରି ଅନେକ କବିତାରେ ଶିଶୁମାନଂକ ହୃଦୟରେ ନୈତିକତା ଓ ଦେଶାତ୍ମବୋଧ ସୃଷ୍ଟି କରିବା ପାଇଁ ସେ ସୁନ୍ଦର ପ୍ରୟାସ କରିଛନ୍ତି ।

ପଣ୍ଡିତ ନୀଳକଣ୍ଠ ଓଡିଆ ସାହିତ୍ୟ ଜଗତର ଜଣେ ସୁସମାଲୋଚକ । ତାଙ୍କ 'ଓଡ଼ିଆ ଭାଷା ଓ ସାହିତ୍ୟ' ପୁସ୍ତକଟି ପ୍ରାଚୀନ ଓ ଆଧୁନିକ ଓଡ଼ିଆ ସାହିତ୍ୟ ସମାଲୋଚନାରେ ଋଦ୍ଧିମନ୍ତ। ଏତଦ୍‌ବ୍ୟତୀତ ପୁସ୍ତକଟିରେ ଓଡ଼ିଆ ଭାଷା ଓ ବ୍ୟାକରଣ ସମ୍ବନ୍ଧୀୟ ଆଲୋଚନା ରହିଛି। ପୁସ୍ତକଟିରେ ସଂକଳିତ ବିଭିନ୍ନ ସମାଲୋଚନା ଭିନ୍ନ ଭିନ୍ନ ସମୟରେ ଏକାଧିକ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା। ପ୍ରକାଶିତ ପ୍ରବନ୍ଧଗୁଡ଼ିକୁ ଏକତ୍ର କରି ପଣ୍ଡିତ ନୀଳକଣ୍ଠ ୧୯୫୪ ମସିହାରେ 'ଓଡ଼ିଆ ଭାଷା ଓ ସାହିତ୍ୟ' ପୁସ୍ତକ ନାମରେ ପ୍ରଥମେ ପ୍ରକାଶ କରିଥିଲେ। ଏହି ପୁସ୍ତକ ଅନ୍ତର୍ଭୁକ୍ତ ପ୍ରଥମ ଦଶଟି ସମାଲୋଚନାତ୍ମକ ପ୍ରବନ୍ଧ ହେଉଛି ଓଡ଼ିଆ ବର୍ଣ୍ଣ, ଭାଷା, ଲିପି ଓ ଛନ୍ଦ ସମ୍ବନ୍ଧୀୟ। ଶେଷ ଛଅଟି ପ୍ରବନ୍ଧ ସାରଳା ଦାସ, ଉପେନ୍ଦ୍ର ଭଞ୍ଜ, ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କ ସାହିତ୍ୟ ଉପରେ ପର୍ଯ୍ୟବେସିତ।

ଆଲୋଚକ ପଣ୍ଡିତ ନୀଳକଣ୍ଠଙ୍କର ପ୍ରଥମ ସମାଲୋଚନାତ୍ମକ ପ୍ରବନ୍ଧ 'ଓଡ଼ିଆବର୍ଣ୍ଣ ବିଚାରର ସଂକ୍ଷିପ୍ତସୂଚନା' ଆଲୋଚନାଟି ପ୍ରଥମେ ସତ୍ୟବାଦୀ ବନବିଦ୍ୟାଳୟର ସାହିତ୍ୟ ପତ୍ରିକା 'ସତ୍ୟବାଦୀ'ରେ ପ୍ରକାଶିତ ହୋଇଥିଲା। ଏହି ପ୍ରବନ୍ଧଟିରେ ନୀଳକଣ୍ଠ ବର୍ଣ୍ଣ ସମ୍ବନ୍ଧରେ ତାତ୍ତ୍ୱିକ ଓ ଗଭୀର ଆଲୋଚନା କରିଛନ୍ତି। ଏ ପ୍ରସଂଗରେ ତାଙ୍କର ଯୁକ୍ତି ହେଲା ଯେ,- ଲିଖିତ ଅକ୍ଷର ଓ ଉଚ୍ଚାରିତ ଅକ୍ଷର-ଉଭୟକୁ ବର୍ଣ୍ଣଭାବରେ ବିଚାର କରା ଯାଇଥିଲେ ମଧ ଭାଷାତତ୍ତ୍ୱ ଦୃଷ୍ଟିରୁ ଲିଖିତ ଅକ୍ଷରକୁ ବର୍ଣ୍ଣ କୁହାଯାଇ ନ ପାରେ। ଏହା ବର୍ଣ୍ଣର ଏକ ସଂକେତ ବା ଚିହ୍ନ। ମାତ୍ର ମୁଖର ଉଚ୍ଚାରଣ ହିଁ ବର୍ଣ୍ଣ। ରେଫ( ) ଓ ଅନୁସ୍ୱାର( ଂ)ର ଆଲୋଚନା କରି ସେ କହନ୍ତି — ରେଫ ଅର୍ଥାତ୍ ର୍ ମନୁଷ୍ୟର ସ୍ୱରଯନ୍ତ୍ରରୁ ବାହାରିବ। ଜଳତୁମ୍ବିକା ପରି ତାହା ସ୍ୱରଯନ୍ତ୍ରରେ ବା ଉଠିଯିବ କିପରି ? ଅନୁସ୍ୱାର ଗୋଟିଏ ଅନୁନାସିକ ଉଚ୍ଚାରଣ। ତାହା ସ୍ୱରଯନ୍ତ୍ରରେ ଗୋଟିଏ ବିନ୍ଦୁ ନୁହେଁ।

ଓଡ଼ିଆ ବର୍ଣ୍ଣବିଚାର ବେଳେ ସମାଲୋଚକ ମୂଳ ସଂସ୍କୃତ ଓ ପ୍ରାକୃତ ଭାଷା ମଧ୍ୟରେ ପ୍ରଭେଦ ଦର୍ଶାଇଛନ୍ତି। ଅନେକ ସମାଲୋଚକ ଚିରାଚରିତ ପ୍ରଥାନୁସାରେ ସଂସ୍କୃତକୁ ମୂଳ ଆର୍ଯ୍ୟଭାଷା ଭାବେ ସ୍ୱୀକାର କରୁଥିଲାବେଳେ ପ୍ରାକୃତକୁ ମୂଳ ଭାଷା ସଂସ୍କୃତର ଅପଭ୍ରଂଶ ବା ବିକୃତ ଭାଷା ଭାବେ ବିଚାର କରନ୍ତି। ମାତ୍ର ସମାଲୋଚକମାନେ କେବେ ବି ଭାବି ନାହାନ୍ତି ଯେ, ପ୍ରାଚୀନ ଭାରତୀୟମାନଙ୍କର ବ୍ୟବହୃତ ଭାଷା ହିଁ ପ୍ରକୃତ ଭାଷା। ପ୍ରାକୃତ ଓ ଅପଭ୍ରଂଶ ଭାଷା ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନରେ ଜନସାଧାରଣଙ୍କର ବିଚାରବୋଧର ଅଭାବ ଲକ୍ଷ୍ୟକରି ପଣ୍ଡିତ ନୀଳକଣ୍ଠ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କର ଦ୍ୱିତୀୟ ସମାଲୋଚନାତ୍ମକ ପ୍ରବନ୍ଧ ହେଉଛି 'ଭାଷାତତ୍ତ୍ୱ

ପ୍ରବେଶ' । ଏହା ଭାଷାତତ୍ତ୍ୱବିଦ୍ ପଣ୍ଡିତ ଗୋପୀନାଥ ଶର୍ମାଙ୍କ ଓଡ଼ିଆ ଭାଷାତତ୍ତ୍ୱ ଗ୍ରନ୍ଥର ଗ୍ରନ୍ଥପ୍ରବେଶ । ଆଲୋଚନାକୁ ଅଧିକ ଶୃଙ୍ଖଳିତ ଓ ପ୍ରାଣବନ୍ତ କରିବା ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ୟୁରୋପୀୟ ଭାଷା ଓ ସାହିତ୍ୟର ଦୃଷ୍ଟାନ୍ତ ଦେଇଛନ୍ତି । 'ଓଡ଼ିଆ ଭାଷାତତ୍ତ୍ୱ' ସମଗ୍ର ଭାରତୀୟ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ଫିଟାଇଛି । କହିବା ବାହୁଲ୍ୟ ଯେ, ଓଡ଼ିଆ ବର୍ଣ୍ଣ ଓ ଲିପି ସଂସ୍କାର ନିମନ୍ତେ ବିଂଶ ଶତାବ୍ଦୀର ଚତୁର୍ଥ ଦଶକ ବେଳକୁ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଯେଉଁ ଅଭିନବ ଓ ସ୍ୱାଗତଯୋଗ୍ୟ ଉଦ୍ୟମ ଆରମ୍ଭ ହୋଇଥିଲା ତାହାର ମୁଖ୍ୟ ଥିଲେ ପଣ୍ଡିତ ନୀଳକଣ୍ଠ ଦାସ । ଓଡ଼ିଆ ବର୍ଣ୍ଣମାଳାରେ ଦେଖାଦେଇଥିବା ବିଭିନ୍ନ ସମସ୍ୟାର ସମାଧାନପାଇଁ ସର୍ବ ପ୍ରଥମେ ସେ ଏକ କ୍ରାନ୍ତିକାରୀ ପଦକ୍ଷେପ ନେଇଥିଲେ । ଓଡ଼ିଆଲିପି ସଂସ୍କାର ପାଇଁ ସେ ଯେଉଁ ମତାମତ ଦେଇଥିଲେ ତାହା ହେଉଛି –

୧– ତଦ୍‌ଭବ ଦେଶୀ ଓ ବିଦେଶୀ ଶବ୍ଦରେ ସବୁପ୍ରକାର ସ'କାର କେବଳ 'ସ' ରେ ପ୍ରକାଶିତ ହେବ । ଅବର୍ଗ୍ୟ 'ଯ' ବର୍ଗ୍ୟ 'ଜ' ରେ ପ୍ରକାଶିତ ହେବ । 'କ୍ଷ' ପାଇଁ 'ଖ୍ୟ' ଲେଖାହେବ ।

୨– ବ୍ୟଞ୍ଜନବର୍ଣ୍ଣ ପୂର୍ବରୁ ବର୍ଗର ପଞ୍ଚମବର୍ଣ୍ଣ ସର୍ବତ୍ର ଅନୁସ୍ୱାରରେ ପ୍ରକାଶିତ ହେବ।

୩– ତତ୍ସମ ଓ ସଂସ୍କୃତରୁ ଆସୁଥିବା ଶବ୍ଦ ବର୍ତ୍ତମାନ ପାଇଁ ସକାର ହ୍ରସ୍ୱଦୀର୍ଘ ସ୍ୱର ସମ୍ପର୍କରେ ଠିକ୍ ସଂସ୍କୃତରେ ଯେପରି ଅଛି ସେହିପରି ଲେଖିବାକୁ ହେବ ।

୪– ଓଡିଆ ତଦ୍ଭବଶବ୍ଦ, ଦେଶୀ ଓ ବିଦେଶୀ ଶବ୍ଦରେ ଗୋଟିଏ 'ଇ'କାର ଓ ଗୋଟିଏ 'ଉ'କାର ରହିବ ।

ପଣ୍ଡିତ ନୀଳକଣ୍ଠଙ୍କ 'ଓଡ଼ିଆ ଭାଷା ଓ ସାହିତ୍ୟ' ପୁସ୍ତକଟି ପ୍ରାଚୀନ ଓ ଆଧୁନିକ ଓଡ଼ିଆ ସାହିତ୍ୟ ସମାଲୋଚନାରେ ଋଦ୍ଧିମନ୍ତ । ଏହା ବ୍ୟତୀତ ଏଥିରେ ଓଡ଼ିଆ ଭାଷା ଓ ବ୍ୟାକରଣ ସମ୍ବନ୍ଧୀୟ ଆଲୋଚନା ରହିଛି । ନୀଳକଣ୍ଠଙ୍କର ପ୍ରଥମ ସମାଲୋଚନାତ୍ମକ ପ୍ରବନ୍ଧ ହେଉଛି 'ଓଡ଼ିଆ ବର୍ଣ୍ଣ ବିଚାରର ସଂକ୍ଷିପ୍ତ ସୂଚନା' ।

ଉପରୋକ୍ତ ଆଲୋଚନାରୁ ପଣ୍ଡିତ ନୀଳକଣ୍ଠଙ୍କ ସମାଲୋଚନା ସାହିତ୍ୟର ଉତ୍କର୍ଷତା ଜଣା ପଡିଥାଏ । ସାହିତ୍ୟ ଆଲୋଚକ ଭାବରେ ସେ ସାରଳାଦାସଙ୍କ ଠାରୁ ଆରମ୍ଭକରି ଫକୀର ମୋହନଙ୍କ ପର୍ଯ୍ୟନ୍ତ ସାହିତ୍ୟର ବିଭିନ୍ନ ବିଭାଗ ଓ ବିଭବକୁ ଅତି ସୁନ୍ଦର ଭାବେ ବିଶ୍ଳେଷଣ କରି ଓଡିଆ ସାହିତ୍ୟର ସ୍ୱରୂପ ଉନ୍ମୋଚନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ସାହିତ୍ୟ ଆଲୋଚନା ବେଳେ ସେ ଭାବବିହ୍ୱଳତା, ପକ୍ଷପାତିତାକୁ ପରିହାର କରି ଜଣେ ନିରପେକ୍ଷ ତଥା ଅଭିଜ୍ଞ ସମାଲୋଚକର ଦୃଷ୍ଟି ନେଇ ସେ ଏହି କାର୍ଯ୍ୟ ସଂପାଦନ କରିଛନ୍ତି।

ପଣ୍ଡିତ ନୀଳକଣ୍ଠଙ୍କ ନିଷ୍ପାପର ସାଧନା ଓଡିଆ ଜାତିକୁ, ଓଡିଆ ଭାଷା ସାହିତ୍ୟକୁ, ସମାଜକୁ, ରାଜନୀତିକୁ, ଆଦର୍ଶର ମାର୍ଗ ଦେଖାଇଛି । ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । କିନ୍ତୁ ସେ ଥିଲେ ଏହି ଦେଶର ପ୍ରାଚୀନ ସଂସ୍କୃତିର ପ୍ରବକ୍ତା । ସମାଜ ଜୀବନରେ ନୂତନ ମୂଲ୍ୟବୋଧ ସୃଷ୍ଟି ପାଇଁ ସେ ଯେଉଁ ପ୍ରୟାସ କରିଥିଲେ ତାହା ପ୍ରଶଂସନୀୟ । ବିଗତ ଶତାବ୍ଦୀର ଜାତୀୟ ଇତିହାସ ସହିତ ପଣ୍ଡିତ ନୀଳକଣ୍ଠଙ୍କ ଜୀବନ ଏକାନ୍ତ ଭାବରେ ଜଡିତ ।

# ୨.୬ ପଣ୍ଡିତ ଗୋଦାବରୀଶ ମିଶ୍ର (୧୮୮୬ -୧୯୫୬)

ସତ୍ୟବାଦୀ ଯୁଗର ଅନ୍ୟତମ ସହିତ୍ୟସାଧକ ପଣ୍ଡିତ ଗୋଦାବରୀଶ ମିଶ୍ର ଥିଲେ ଜଣେ ସଫଳ ଜାତୀୟତାବାଦୀ କବି। ସତ୍ୟବାଦୀର ଏହି ଯଶସ୍ୱୀ କବି ୧୮୮୬ ମସିହା ଅକ୍ଟୋବର ୨୬ ତରିଖ ପୁରୀ ଜିଲ୍ଲାର ବାଣପୁରଠାରେ ଜନ୍ମଗ୍ରହଣ କରିଥିଲେ। ଗୋଦାବରୀଶ ତାଙ୍କର ସମଗ୍ର ଜୀବନକୁ ଓଡ଼ିଶାର ଜାତୀୟଜୀବନ ସହିତ ସାମିଲ କରି ତା ଉନ୍ନତି ପରିକଳ୍ପେ ଯେଉଁ ପ୍ରୟାସ କରିଥିଲେ ତାହା ଓଡିଆ ଜାତି ପାଇଁ ଗୌରବର ବିଷୟ । ସେ ରେଭେନ୍ସା କଲେଜରୁ ବି.ଏ. ଓ କଲିକତାରୁ ଅର୍ଥନୀତିରେ ଏମ୍.ଏ. ଡିଗ୍ରୀ ଲାଭ କରିଥିଲେ। ଗୋପବନ୍ଧୁଙ୍କ ପ୍ରେରଣା ଓ ଉତ୍ସାହରେ ସତ୍ୟବାଦୀ ବନବିଦ୍ୟାଳୟ ରେ ଶିକ୍ଷକ ଭାବରେ ଯୋଗ ଦେଇଥିଲେ। ମାତ୍ର ଶିକ୍ଷକତା ତାଙ୍କ ଜୀବନର ଏକମାତ୍ର ପରିଚୟ ନ ଥିଲା। ସେ ଏକାଧାରାରେ ଜଣେ ସାହିତ୍ୟିକ, ସଂଗଠକ ଓ ରାଜନୀତିଜ୍ଞ ଭାବରେ ପରିଚିତ ଓ ଅନେକ ଖ୍ୟାତିର ଅଧିକାରୀ।

ସାହିତ୍ୟ ସ୍ରଷ୍ଟା ଭାବରେ ତାଙ୍କର ଅନେକ କବିତା, ନାଟକ, ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ଓଡିଆ ସହିତ୍ୟ ଜଗତକୁ ସମୃଦ୍ଧ କରିଛି । ଗୋଦାବରୀଶଙ୍କର ପ୍ରଥମ କବିତା ହେଉଛି 'ସରସ୍ୱତୀ ଆବାହନ' । ବିଶ୍ୱନାଥ କର ସଂପାଦିତ 'ଉତ୍କଳ ସାହିତ୍ୟ' ପତ୍ରିକାରେ ତାହା ୧୯୦୯ ମସିହାରେ ପ୍ରକାଶିତ ହୋଇଥିଲା । ସେ କବିତାଟି ପଢି ଫକୀରମୋହନ ସେନାପତି ଖୁସୀ ବ୍ୟକ୍ତକରି ଗୋଦାବରୀଶଙ୍କୁ ପ୍ରଶଂସାପତ୍ର ପଠାଇଥିଲେ । ଲେଖାଲେଖି ଆରମ୍ଭକାଳରେ ଫକୀରମୋହନଙ୍କ ପରି ବିଶିଷ୍ଟ ସାହିତ୍ୟିକଙ୍କ ପ୍ରଶଂସା ଗୋଦାବରୀଶଙ୍କୁ ଉତ୍ସାହିତ କରିଥିଲା । 'ଉତ୍କଳ-ସାହିତ୍ୟ'ରେ ତାଙ୍କର ଦ୍ୱିତୀୟ କବିତା ପ୍ରକାଶିତ ହେଲାବେଳକୁ କବି କଲିକତାରେ ଏମ୍.ଏ. ପଢୁଥିଲେ। ଫକୀରମୋହନଙ୍କ ପାଖରୁ ଏହି କବିତାର ମଧପ୍ରଶଂସାପତ୍ର ଆସିଥିଲା । ପ୍ରଥମପତ୍ରର ଉତ୍ତର କବି କିଂକର୍ତ୍ତବ୍ୟବିମୂଢ଼ ହୋଇ ଦେଇ ପାରି ନ ଥିଲେ। ଦ୍ୱିତୀୟପତ୍ରର ଉତ୍ତର କିନ୍ତୁ ଦେଇଥିଲେ। ଦୁଇପଇସା ଖର୍ଚ୍ଚ କରି ଫକୀରମୋହନ ସେନାପତିଙ୍କ ନିକଟକୁ ତାହା ପ୍ରେରଣ କରିଥିଲେ। କବି ଗୋଦାବରୀଶ ମିଶ୍ର ଏ ପ୍ରସଂଗରେ କହିଛନ୍ତି – "ଏହି ଚିଠିର ମୂଲ୍ୟ ମାତ୍ର ଦୁଇପଇସା ନଥିଲା, ଲକ୍ଷେ ଟଙ୍କାରୁ ଅଧିକ ଥିଲା। ତାହା ଫକୀରମୋହନଙ୍କ ପରି ମହାସିନ୍ଧୁ ସଙ୍ଗେ ମୋ ଜୀବନର କ୍ଷୁଦ୍ର ପାଣି ଟୋପା ଟିକି ନେଇ ମିଶାଇ ପାରିଲା।" ଏହି ଉତ୍ସାହ, ତାଙ୍କୁ ପରବର୍ତ୍ତୀକାଳରେ ଓଡିଶାର ଜଣେ ବଡ କବି କରି ଗଢି ତୋଳି ଥିଲା । ତାଂକ ବିରଚିତ ଫକିଶଳୟ', ଫକଳିକା', 'ଆଲେଖିକା', 'ଚୟନିକା', 'ପୁରୁଷୋତ୍ତମଦେବ', 'ମୁକୁନ୍ଦଦେବ', 'ଅଠରଶହ ସତର', 'ଅର୍ଦ୍ଧଶତାବ୍ଦୀର ଓଡିଶା ଓ ତହିଁରେ ମୋର ସ୍ଥାନ' (ଆତ୍ମଜୀବନୀ) ଆଦି ଓଡିଆ ସାହିତ୍ୟ ଜଗତର ଗୋଟିଏ ଗୋଟିଏ ଅମ୍ଳାନ କୃତି । ତାଙ୍କର 'ଚୟନିକା'ରେ ମୋଟ ତେୟାଳିଶ ଗୋଟି କବିତା ରହିଛି। ଏହି କବିତା ସଂକଳନଟି ସମ୍ପୂର୍ଣ୍ଣ ରୂପେ ଇଂରାଜୀ କବିତାର ଅନୁବାଦ।

ପଣ୍ଡିତ ଗୋଦାବରୀଶଙ୍କ ଜୀବନ ଥିଲା ତ୍ୟାଗ, ଆଦର୍ଶବାଦ, ରାଷ୍ଟ୍ରବାଦ ତଥା ଜାତୀୟତାବାଦର ପ୍ରତୀକ। କବିଙ୍କର ସମଗ୍ର ସାହିତ୍ୟକୃତିରେ ତେଣୁ ଉପରୋକ୍ତ ଭାବଧାରା ପ୍ରମୁଖ ସ୍ୱର ହୋଇ ଝଙ୍କୃତ ହୋଇଅଛି। ଗୋଦାବରୀଶ ମିଶ୍ର ଓଡ଼ିଆ ସାହିତ୍ୟର ଜଣେ ଗୀତିକବି ତଥା ଜଣେ ସଫଳ ଗାଥା କବି ଭାବରେ ପରିଚିତ । 'ଆଲେଖିକା'

କବିଙ୍କର ଏକ ସାର୍ଥକ ଗାଥାକବିତା ସଂକଳନ। ଏହି ସଂକଳନରେ ସଂକଳିତ କବିତା ଗୁଡିକରେ କବି ଐତିହାସିକ ଓ କାଳ୍ପନିକ ବିଷୟବସ୍ତୁ ଉପରେ ବିଭିନ୍ନ ପ୍ରକାରର ଗାଥାକବିତା ରଚନା କରି ଓଡିଶାର ସାମରିକ ଗୌରବ ଗାନ କରିଛନ୍ତି । ଉତ୍କଳୀୟ ସଂସ୍କୃତି, ଐତିହ୍ୟ ଓ ସମାଜଜୀବନର ବିଶ୍ଲେଷଣ ସହ ଜାତୀୟ ଜାଗରଣକୁ ଆଗେଇ ନେବାରେ ତାଙ୍କ ଗାଥାକବିତାଗୁଡ଼ିକର ଅବଦାନ ଅବିସ୍ମରଣୀୟ । ଓଡିଶାର ଲୋକମୁଖରେ ପ୍ରଚଳିତ କିମ୍ବଦନ୍ତି ଆଧାରରେ ସେ ଲେଖିଥିବା ଫକାଳିଜାଇ’ କବିତାଟି ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ଏକ ଅନନ୍ୟ ସୃଷ୍ଟି । ଏହା ଏକ ଉଚ୍ଚକୋଟୀର ଗାଥାକବିତା । ଏକ ପଲ୍ଲୀବାଳିକାର ଯେଉଁ ଦୁର୍ଗତିର ଚିତ୍ର ଏହି କବିତାରେ କବି ବର୍ଣ୍ଣନା କରିଛନ୍ତି ତାହା ପ୍ରକୃତରେ ଅନନ୍ୟ ଓ ଅସାଧାରଣ। ଫକାଳିଜାଇ’ ଗାଥାକବିତାର ଅପରୂପ ମାଧୁରୀ ଓ ସୌନ୍ଦର୍ଯ୍ୟ ଯୋଗୁଁ ଏହାକୁ ଓଡିଆ ସାହିତ୍ୟର ଏକ ମୂଲ୍ୟବାନ ସାରସ୍ୱତ ସଂପଦ ଭାବରେ ପରିଗଣିତ କରାଯାଇଥାଏ। ଏକ ଭାବପ୍ରବଣ, ସଂବେଦନାଶୀଳ କବି ପ୍ରାଣର ଆଲୋଡନରୁ ଏହା ସୃଷ୍ଟି ହୋଇଥିବାରୁ ପାଠକର ହୃଦୟକୁ ଦ୍ରବୀଭୂତ କରିଦିଏ। ଏହି କବିତାରେ କବି ଯେଉଁ ଅପୂର୍ବ ରସ ଲୋକ ସୃଷ୍ଟି କରିଛନ୍ତି ତାହା ନିମ୍ନ ଲିଖିତ ପଦ ଗୁଡିକରୁ ଜଣା ପଡିଥାଏ ।

ଭଲ କରି ନାଆ ବାହୁଛି ନାଉରି,
ଭିଡ଼ି ମାରୁଅଛି କାତ ;
ସୁଲୁ ସୁଲୁ ବାଆ ବୋହି ଆସୁଛି ଲୋ,
ଜଣା ନ ପଡ଼ଇ ବାଟ।
ନାଆ ଭାସି ଆସି ଦଣ୍ଡକ ଭିତରେ
ମଝି ଗଙ୍ଗେ ହେଲା ଯାଇ;
ଥିର ହୋଇ ହେଲା ନାଉରି ଠିଆ ଲୋ,
କାତ ଆଉ ପାଉ ନାହିଁ।
ଭାଲେରି-ଶିଖରୁ କଳାମେଘ ଖଣ୍ଡେ
ଉଠେଇ ଆସିଲା କାହୁଁ;
ଲୁଚିଗଲେ ତହିଁ ସୂର୍ଯ୍ୟଦେବତା ଲୋ,
ଖରା ନ ପଡ଼ଇ ଆଉ।
ମାଡ଼ି ଆସୁଅଛି ଅତି ବେଗେ ମେଘ,
ଜଟିଆ ନାସିକି ଧରି;
ବରଷା ବତାସି ଗରଜୁ ଅଛି ଲୋ,
ଦିନ ଦିଶେ ରାତି ପରି।
ନାଆ ପଡ଼ିଅଛି ମଝି ଗଙ୍ଗେ ଆସି,
ବୁଡ଼ିଯିବ ହାତୀ ଛତି;

ଟଳମଳ ହୋଇ ଟଳୁଛି ନାଆ ଲୋ
ନାଉରିର ବଡ଼ ଭୀତି।
"ଭଲ କରି ବେଗେ ବୁହା,ରେ ନାଉରି,
ନାଆ ହେଲା ଟଳମଳ;
ବରଷା ବତାସି ଗରଜି ଆସୁଛି,
ଝିଅକୁ ମାଡୁଛି ଡର।"
ବରଷା ବତାସି ଗରଜି ଆସିଲା,
ନାଆ ନୁହେ ଥୟ କରି;
ଏକା ପବନକେ ପାହାଡ଼େ ଯାଇ ଲୋ,
ପଟି ହୋଇଗଲା ଚୂରି।

— ୬ —

ମେଘ ଚାଲିଗଲା ମେଘର ବାଟେ ସେ,
ବତାସି ହୋଇଲା ଥିର;
ପଡ଼ିଗଲା ଖରା ନିର୍ମଳ ହୋଇ ଲୋ।
ପାଣି ହୁଏ କଳ କଳ।
ବାପା ପଚାରନ୍ତି ଖୋଜି ନାଉରି ରେ
"ଝିଅ ମୋର ଗଲା କାହିଁ ?"
ବୁଜି ଆଖି ଠିଆ ନାଉରି ନିଜେ ଲୋ,
ତୁଣ୍ଡ ତା ଫିଟଇ ନାହିଁ।
ଚିଲିକା ପାଣିରେ ଦୋଳୁଛି ଲହରୀ,
ବୋହୁଛି ଶୀତଳ ବାଆ,
ସୋରି ସୋରି ଖରା ଡଳିଯାଉଛି ଲୋ,
ଖେଳୁଛି ସହସ୍ର ନାଆ।
ପାହାଡ଼ ଚଢ଼େଇ ଉଡୁଅଛି ରାବି,
ମନେ କି ଅଛି ତା ଧୋକା ?
ପାଣି ତଳେ ଛାଇ ବୁଲିଯାଉଛି ଲୋ,
ଜାଇଟି ନାହିଁଛି ଏକା।

ପୁନଶ୍ଚ ଏହି କବିତାରେ ଶାଶୁଘରକୁ ଯିବା ଆଗରୁ କାଳିଜାଇ ତାର ହୃଦୟର ଭାବାବେଗକୁ ବାପା ଆଗରେ ପ୍ରକାଶ କରି କହୁଛି –

"ବର ବୋଲି ଯାର ଧରାଇଲ ହାତ
କି ତାର ଦେଖିଲ ଶିରୀ ?
ରୂପବିଦ୍ୟ ଆଉ ବିଭବ ବାପା ହେ
ତିହ୍ନିଏ ତିହ୍ନିକି ବଳି ।
ମହୀମଣ୍ଡଳେ ତ ନଥିବ କେ କାହିଁ
ମୋ ଭଳି ନିରେଖ ଜନ,
ଏ ମହା ସମୁଦ୍ର ମଝିରେ ବାପା ହେ
କେମିତି ବଞ୍ଚିବି ଦିନ ।
ଏଡେ ହାନିମାନ କରିବାକୁ ଯେବେ
ମନରେ ଥିଲା ବିଚାର,
ଏନ୍ତୁଡିଶାଳେଟି, କିପାଇଁ, ବାପାହେ
ତଣ୍ଟି ଚିପି ନ ମାରିଲ ।"

ଗୀତିକବି ଗୋଦାବରୀଶଙ୍କର ଏହା ହେଉଛି ବିଶ୍ୱଜନୀନ ଅନୁଭୂତି । ଦୁଃଖି ମଣିଷର ହୃଦୟକୁ କବି ଏଠାରେ ମର୍ମେ ମର୍ମେ ଅନୁଭବ କରିଛନ୍ତି । ଓଡିଆ ଗୀତିକବିତାର ସେ ଅପରାଜେୟ ଶିଳ୍ପୀ । ତାଙ୍କର ରଚନାଶୈଳୀ ଓ ଭାବବିଳାସ ଓଡିଆସାହିତ୍ୟରେ ତାଙ୍କୁ ସ୍ୱତନ୍ତ୍ର ସ୍ଥାନ ଦେଇଅଛି । ତାଙ୍କର ଗୀତିକବିତା ସବୁ ଓଡିଶା ଓ ଓଡିଆ ଜାତିର ମହତ୍ତ୍ୱକୁ ପ୍ରତୀକିତ କରି ଜନଜୀବନରେ ଅସୁମାରୀ ଜାଗରଣ ସୃଷ୍ଟି କରିଛି । କବି ଲେଖିଛନ୍ତି -

" ତୁଙ୍ଗ ଶିଖରୀ-ଚୂଳ
କୁଞ୍ଜ କାନନ-ମାଳ
ପୁଣ୍ୟ ଜଳଧି ଜଳ
ଖେଳି ଉଠ ସଘନେ ।
ପ୍ରାଚୀ ଗଗନ ଶିରେ
ଭାସି କନକ ନୀରେ,
ଆସ ତପନ ଉଇଁ
ଏ ଉତ୍କଳ ଭୁବନେ ।"

ସତ୍ୟବାଦୀ ସାହିତ୍ୟ ଓଡିଆ ଜନଜୀବନ ଉପରେ ଆଧାରିତ । ଓଡିଶାର ପ୍ରତ୍ୟେକ କ୍ଷେତ୍ରରେ ତାହା ବୈପ୍ଳବିକ ପରିବର୍ତ୍ତନ ଆଣି ମୁମୂର୍ଷୁ ଜାତିର ଶରୀରରେ ପ୍ରାଣ ସଂଚାର କରିଥିଲା । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଲେଖାର ଛତ୍ରେ ଛତ୍ରେ ରହିଛି ଓଡିଶାର ରାଜନୈତିକ,ଐତିହାସିକ ଓ ସାମାଜିକ ପୃଷ୍ଠଭୂମିର ଚିତ୍ର । ଜାତୀୟ ଆଦର୍ଶ, ଆତ୍ମାର ସମ୍ମାନବୋଧ ଏବଂ ଐତିହାସିକ ଗୌରବବୋଧ ନଥିଲେ କୌଣସି ଜାତିର ପ୍ରାଣରେ ସଂଗଠନଭାବ ଜାଗ୍ରତ ହୋଇ ପାରେ ନାହିଁ । ଏହା ଗୋଦାବରୀଶ ମିଶ୍ର ଯେମିତି ମର୍ମେ ମର୍ମେ ଅନୁଭବ କରିଥିଲେ । ଏହି ଅନୁଭବ ର ପ୍ରେରଣାରେ ସେ 'ପୁରୁଷୋତ୍ତମ ଦେବ' ଓ 'ମୁକୁନ୍ଦ ଦେବ' ପ୍ରଭୃତି ଚରିତ୍ରକୁ ନେଇ ରଚିତ ନାଟକ ମାଧ୍ୟମରେ ଜାତୀୟତାଭାବ ସୃଷ୍ଟି କରିଥିଲେ । ।

କବି ଗୋଦାବରୀଶଙ୍କ ବୌଦ୍ଧିକ ଅନୁଚିନ୍ତା, ଭାବୁକତା, ମନନଶୀଳତା ଓ ଦାର୍ଶନିକତା ତାଙ୍କର ଫକିଶଳୟ' ଓ ଫକଳିକା'ର ପ୍ରତ୍ୟେକ କବିତାରେ ସ୍ପଷ୍ଟଭାବରେ ବ୍ୟଞ୍ଜିତ ଓ ପ୍ରତିଫଳିତ ହୋଇଅଛି । ଇଂରେଜୀ କବି ୱାର୍ଡସ୍ ୱାର୍ଥ ମାନବଜୀବନ ଓ ପ୍ରକୃତିକୁ ନେଇ ଯେପରି  ଅନେକ କବିତା ରଚନା କରି ଯାଇଛନ୍ତି ଓ ମୁକ୍ତ ଭାବରେ ସ୍ୱୀକାର କରିଛନ୍ତି – "Every great poet is a teacher, I wish to be considered as a teacher or as nothing else." ସେହିପରି ଗୋଦାବରୀଶ ମଧ୍ୟ ଏହା ସ୍ୱୀକାର କରି କହିଛନ୍ତି –"ପ୍ରକୃତି ମୋର ଶିକ୍ଷୟିତ୍ରୀ, ପ୍ରେରଣା ଦାତ୍ରୀ । ପ୍ରତ୍ୟକକବି ଜଣେ ଶିକ୍ଷକ ଉପଦେଷ୍ଟା, ଜନସମାଜର ମଙ୍ଗଳ ବିଧାତା । ମୁଁ ଯଦି ତାହା ହୋଇ ନ ପାରିଲି ତେବେ ମୋର ଲେଖନୀ ଧରିବା ବିଡମ୍ବନା ।" କବି ଗୋଦାବରୀଶ ତେଣୁ ପ୍ରକୃତି, ମଣିଷକୁ ନେଇ ଅନେକ କବିତା ରଚନା କରିଯାଇଛନ୍ତି । କବି ତାଙ୍କର ଜନ୍ମଭୂମିର 'ଶାଳିଆ'ନଇ, ଚିଲିକାର ଅପରୂପଶୋଭା ତାଙ୍କ କବିତାମାଧ୍ୟମରେ ପ୍ରକାଶ କରିଛନ୍ତି । କବି ଲେଖିଛନ୍ତି –

"ପିଲାଦିନେ ଅନୁସରି ତୀର ଯେବେ ତୋର,
ବୁଲୁଥିଲି, ମନୁ ଡିଳେ ଯାଇନି ପାସୋର ।
ଏବେ ମୋର ହେଲା ଆସି ଅଧିକ ବରଷ,
ବୀତି ଏ ଜୀବନୁ ଗଲା ତିରିଶୀ ବରଷ ।
କେତେ ସୁଖଦୁଃଖ ଝଞ୍ଝା ବିହିଲାଣି ଶିରେ,
କେତେ ବେଦନାର ଗାର ପଡିଛି ଅନ୍ତରେ ।
କେତେ ସାଂଗ ସାଥୀ ମେଳେ ଯାଏ ମୋ ଜୀବନ
କେତେ ଆଶା ହୃଦେ ନିତି ଖେଳେ ଅକଳନ ।
ଏ ସବୁ ଭିତରେ କିନ୍ତୁ ତୋ ତୀର ସମ୍ଭାର,
ନଯାଇଛି କ୍ଷଣେ ମନୁ ଶାଳିଆ ବିସୋର ।"

****        ****

"ତୋ ତୀର ନିକୁଞ୍ଜେ ବସି ମଧୁ ଆଳାପନେ,
ବନଫୁଲ ଦେହେ କର ଥାପିଛୁ ଯତନେ ।
ଅନ୍ଧାରିଆ ହୋଇ ଯେବେ ଆସେ ବାଟଘାଟ
ଶଙ୍କିତେ ବରଜି ଆସୁଁ ଶାଳିଆ ତୋ ତଟ ।"

ସତ୍ୟବାଦୀ ବନବିଦ୍ୟାଳୟର କମନୀୟ ସାରସ୍ୱତ ପରିବେଶ ଭିତରେ ଗୋଦାବରୀଶଙ୍କର ସୃଷ୍ଟି ସମ୍ଭାର ବିକଶିତ ହୋଇଛି । ଅମୃତମୟଭାବ ଓ ଭାବନା ବହନ କରି ତାଙ୍କର ଲେଖନୀରୁ ନିସୃତ ହୋଇଛି ସାହିତ୍ୟର ପବିତ୍ରଧାରା । ଉତ୍କଳର ସାମାଜିକ ପରଂପରା ଓ ରାଜନୈତିକ ଉତ୍କର୍ଷ ପ୍ରତିପାଦନରେ କବି ଗୋଦାବରୀଶଙ୍କର ସାହିତ୍ୟ ସଂଭାର ଆଲୋକିତ ହୋଇଉଠିଥିଲା । ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଏକ ହେଲେ ମଧଗୋଦାବରୀଶଙ୍କ ପ୍ରତିଭା ବହୁମୁଖୀ। ଗୀତି କବିତା, ଗାଥା କବିତା ଓ ନାଟକ ରଚନାରେ ତାହା ବ୍ୟାପ୍ତ ଓ ବିସ୍ତୃତ। ଉତ୍କଳ ଇତିହାସକୁ କଳାଗତ ଓ ସୁଷମାୟିତ ରୂପ ପ୍ରଦାନ କରିବାରେ ଗୋଦାବରୀଶଙ୍କ ଉନ୍ନତ କବିକର୍ମ ପ୍ରତିଷ୍ଠିତ।

## ୨.୭ ସାରାଂଶ

ସତ୍ୟବାଦୀର ଅନ୍ୟତମ ସାଧକ ପଣ୍ଡିତ କୃପାସିନ୍ଧୁ ତାଙ୍କର କୋଣାର୍କ, ବାରବାଟୀ ପଭୃତି ଗବେଷଣାତ୍ମକ ଓ ଇତିହାସ ସମ୍ପର୍କୀତ ରଚନା ସୃଷ୍ଟିକରି ଓଡିଶାର ଐତିହାସିକ ଗବେଷଣାର ବିକାଶ ପାଇଁ ପ୍ରୋତ୍ସାହନ ଦେଇଛନ୍ତି। ସେହିପରି ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହରଙ୍କ ପୁଣ୍ୟମୟ ଆଶୀର୍ବଚନ ଓଡିଆ ସାହିତ୍ୟ ଜଗତକୁ ଗଭୀର ପ୍ରେରଣା ଯୋଗାଇଛି । ଛାତ୍ରମାନଙ୍କ ପାଇଁ ଭାଗବତଗୀତା, ଇଂରାଜୀ ବ୍ୟାକରଣ, ପରି ପୁସ୍ତକ ରଚନା କରି ଆଲୋଚ୍ୟ ଯୁଗର ସାରସ୍ୱତ ପରିବେଶକୁ ସମୁଜ୍ଜ୍ୱଳକରିଛନ୍ତି । ସେହିପରି ସତ୍ୟବାଦୀ ଯୁଗର ସ୍ରଷ୍ଟା ଭାବରେ ଶ୍ରୀ ଅନନ୍ତ ମିଶ୍ର, ପଣ୍ଡିତ ବାସୁଦେବ ମହାପାତ୍ର, ଶ୍ରୀ ଲିଙ୍ଗରାଜ ମିଶ୍ର ପ୍ରମୁଖଙ୍କ ଉପାଦେୟ ରଚନା ସମକାଳର ପତ୍ରପତ୍ରିକାରେ ପ୍ରକାଶିତ ହୋଇ ସତ୍ୟବାଦୀ ସାହିତ୍ୟର ଆଦର୍ଶକୁ ପ୍ରଖ୍ୟାପିତ କରିଥିଲା ।

ଉପସଂହାରରେ ଏତିକି କୁହାଯାଇ ପାରେ ଯେ, ସତ୍ୟବାଦୀ ଯୁଗରେ ଓଡିଆ ଭାଷା. ସାହିତ୍ୟ ଓ ସଂସ୍କୃତିର ସର୍ବାଙ୍ଗୀନ ବିକାଶ ସାଧିତ ହୋଇଅଛି । ସତ୍ୟବାଦୀର ସ୍ରଷ୍ଟାଗଣ ଓଡିଶା ଓ ଓଡିଆଜାତିର କଲ୍ୟାଣ ପାଇଁ ସାହିତ୍ୟ ସୃଷ୍ଟି କରିଛନ୍ତି । ସେମାନେ ଓଡିଆ ସାହିତ୍ୟର ଯେଉଁ ଧାରା ପ୍ରବାହ କରିଛନ୍ତି ତହିଁରୁ ଆମେ, ଓଡିଆଜାତିର ପ୍ରକୃତ ସ୍ୱରୂପ ଓ ସ୍ୱାଭିମାନକୁ ଖୋଜି ପାଇଥାଉ ।

## ୨.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।

(କ) ଗୋପବନ୍ଧୁ ଦାସଙ୍କ ସାହିତ୍ୟକୃତିର ବୈଶିଷ୍ଟ୍ୟ ଲେଖ ।

(ଖ) ସତ୍ୟବାଦୀ ସାହିତ୍ୟସ୍ରଷ୍ଟାଙ୍କର ପରିଚୟ ପ୍ରଦାନ କର ।

(ଗ) ଗୋଦାବରୀଶ ମିଶ୍ରଙ୍କର ଗାଥାକବିତା ।

(ଘ) ସତ୍ୟବାଦୀସାହିତ୍ୟର ବିକାଶରେ ପତ୍ରପତ୍ରିକାର ଭୂମିକା ।

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(କ) ଧର୍ମପଦ କାବ୍ୟରେ ତ୍ୟାଗ ଓ ଆତ୍ମବଳିଦାନର ମହତ୍ୱ କିଭଳି ପ୍ରତିପାଦିତ ହୋଇଛି ଆଲୋଚନା କର ।

(ଖ) ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୀବନ ଓ ସାରସ୍ୱତକୃତିର ମୂଲ୍ୟାୟନ କର ।

(ଗ) ଗୋଦାବରୀଶ ମିଶ୍ରଙ୍କ କବିତାରେ ହୃଦୟର ଆବେଗ କିଭଳି ପ୍ରତିଫଳିତ ହୋଇଛି ଆଲୋଚନା କର ।

(ଘ) ସତ୍ୟବାଦୀଯୁଗର କାବ୍ୟଧାରା ସଂପର୍କରେ ଆଲୋଚନା କର ।

## ୨.୯ ସହାୟକ ଗ୍ରନ୍ଥସୂଚୀ


- ଆଚାର୍ଯ୍ୟ ବୃନ୍ଦାବନ ଚନ୍ଦ୍ର – ସତ୍ୟବାଦୀଯୁଗ (୧୯୬୩), ଦାସ୍ ବ୍ରଦର୍ସ, ବ୍ରହ୍ମପୁର
- ପ୍ରଧାନ ଡକ୍ଟର କୃଷ୍ଣଚନ୍ଦ୍ର – ଓଡିଆ ସାହିତ୍ୟର ଇତିହାସ (୨୦୧୨) ବିଦ୍ୟାପୁରୀ, କଟକ
- ଦାସ, ନୀଳକଣ୍ଠ - କୋଣାର୍କେ (୧୯୪୭) ଭାରତୀ ବିହାର, କଟକ
- ଦାସ, ଗୋପବନ୍ଧୁ - ଧର୍ମପଦ (ନବମ ସଂସ୍କରଣ) , ଗୋପବନ୍ଧୁ ସାହିତ୍ୟ ମନ୍ଦିର, କଟକ
- ମିଶ୍ର, ପଣ୍ଡିତ ରଘୁନାଥ (ସଂ)- ଗୋଦାବରୀଶ ଗ୍ରନ୍ଥାବଳୀ,୧ମ ଖଣ୍ଡ (୧୯୬୧) କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍, କଟକ

# ତୃତୀୟ ଏକକ : ସତ୍ୟବାଦୀ ଯୁଗର ଗଦ୍ୟସାହିତ୍ୟ

**ବିଷୟ ଗଠନ :**

୩.୧ ପଠନର ଉଦ୍ଦେଶ୍ୟ
୩.୨ ଶିକ୍ଷଣୀୟ ବିଷୟ
୩.୩ ବିଷୟ ପ୍ରବେଶ
୩.୪ ସତ୍ୟବାଦୀ ଯୁଗର ପ୍ରବନ୍ଧ ସାହିତ୍ୟ
୩.୫ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରବନ୍ଧ : ଓଡ଼ିଆ ଜାତି କିଏ ?
୩.୬ ପଣ୍ଡିତ ନୀଳକଣ୍ଠଙ୍କ ପ୍ରବନ୍ଧ : ଜାତୀୟତାର ଭିତ୍ତିଭୂମି
୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୩.୮ ସହାୟକ ଗ୍ରନ୍ଥସୂଚୀ

## ୩.୧ ପଠନର ଉଦ୍ଦେଶ୍ୟ

ସତ୍ୟବାଦୀ ଯୁଗରେ ଓଡ଼ିଆ ଗଦ୍ୟ ସାହିତ୍ୟର ଭୂୟୋବିକାଶ ସାଧିତ ହୋଇଥିଲା । ସତ୍ୟବାଦୀ ସାହିତ୍ୟସ୍ରଷ୍ଟା, ଉଭୟ ପଦ୍ୟ ଓ ଗଦ୍ୟରେ ଉନ୍ନତ ସାହିତ୍ୟ ସର୍ଜନା କରି ସାହିତ୍ୟ ଜଗତରେ ଆଲୋଡନ ସୃଷ୍ଟି କରିଥିଲେ । ଏହି ସ୍ରଷ୍ଟାଗଣ ଅନେକ ପ୍ରବନ୍ଧ, ନାଟକ, ଗଳ୍ପ, ସାହିତ୍ୟ ସମାଲୋଚନା ଆଦି ରଚନା କରି ଓଡିଆ ଗଦ୍ୟ ସାହିତ୍ୟର ସ୍ୱରୂପକୁ ନୂତନ ପରିଚୟ ପ୍ରଦାନ କରିଥିଲେ । ଆଲୋଚ୍ୟ ସମୟରେ 'ସତ୍ୟବାଦୀ' ଓ 'ସମାଜ' ପତ୍ରିକାରେ ପ୍ରକାଶିତ ପ୍ରବନ୍ଧ ସବୁ ବେଶ୍ ଚିତ୍ତାକର୍ଷକ ଓ ଭାବୋଦ୍ଦୀପକ । ଏହି ଲେଖା ସବୁରେ ପ୍ରତିଫଳିତ ନୈତିକଆଦର୍ଶ ଓ ମୂଲ୍ୟବୋଧର ମହନୀୟତା ତଥା ଉଦ୍‌ବୋଧନଧର୍ମିତା ପାଠକମାନଙ୍କୁ ମୁଗ୍ଧ କରିଥାଏ । ବିଶେଷକରି ଓଡ଼ିଆ ପ୍ରବନ୍ଧସାହିତ୍ୟ ଏହି ସମୟରେ ଯେଉଁ ନୂତନ ମୂଲ୍ୟବୋଧ ନେଇ ଆତ୍ମପ୍ରକାଶ କରିଥିଲା ଓ ଯେଉଁ ଲେଖକ ମାନେ ଉଚ୍ଚକୋଟୀର ପ୍ରବନ୍ଧ ରଚନା କରି ଓଡ଼ିଆ ଗଦ୍ୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ସେ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରିବା ହେଉଛି ଏହି ଏକକର ମୂଳ ଉଦ୍ଦେଶ୍ୟ ।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଏକକ ଅଧ୍ୟୟନ ଦ୍ୱାରା ନିମ୍ନ ଲିଖିତ ବିଷୟ ଉପରେ ବିଦ୍ୟାର୍ଥୀମାନେ ଶିକ୍ଷାଲାଭ କରି ପାରିବେ –

- ଓଡ଼ିଆ ଗଦ୍ୟସାହିତ୍ୟର ବିଭିନ୍ନ ବିଭାଗ ସଂପର୍କରେ ଧାରଣା ।
- ସତ୍ୟବାଦୀଯୁଗର ଗଦ୍ୟସାହିତ୍ୟସ୍ରଷ୍ଟା ଓ ତାଙ୍କର ଆଭିମୁଖ୍ୟ ।
- ଗଦ୍ୟସାହିତ୍ୟର ବିକାଶରେ ପତ୍ର, ପତ୍ରିକାମାନଂକର ଭୂମିକା
- ସତ୍ୟବାଦୀଯୁଗର ପ୍ରବନ୍ଧସାହିତ୍ୟର ବୈଶିଷ୍ଟ୍ୟ

## ୩.୩ ବିଷୟ ପ୍ରବେଶ

ଓଡ଼ିଆ ସାହିତ୍ୟର ସତ୍ୟବାଦୀଯୁଗର ସ୍ରଷ୍ଟା ପଣ୍ଡିତ ଗୋପବନ୍ଧୁ ଦାସ , ପଣ୍ଡିତ ନୀଳକଣ୍ଠଦାସ, ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର, ପ୍ରମୁଖ ଆଲୋଚ୍ୟକାଳରେ ଗଦ୍ୟସାହିତ୍ୟ ରଚନାକରି ଏହାର ବିକାଶରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଗଦ୍ୟସାହିତ୍ୟର ପ୍ରତ୍ୟେକ ବିଭାଗରେ ଏହି ଲେଖକମାନେ ଲେଖନୀ ଚାଳନା କରି ଗଦ୍ୟସାହିତ୍ୟ ସ୍ରଷ୍ଟା ଭାବରେ ସେମାନେ ନିଜର ପରିଚୟ ସୃଷ୍ଟି କରିଛନ୍ତି । ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର ପ୍ରମୁଖ ଉଚ୍ଚମାନର ପ୍ରବନ୍ଧ ରଚନା କରିଥିବା ବେଳେ ଗୋଦାବରୀଶ ମିଶ୍ର ନାଟକ, ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଆତ୍ମଜୀବନୀ ଆଦି ରଚନା କରି ଗଦ୍ୟସାହିତ୍ୟର ଅଧିକାଂଶ ବିଭାଗରେ ନିଜ ଲେଖକୀୟ ଦକ୍ଷତାର ପ୍ରମାଣ ଦେଇଛନ୍ତି । ସେହିପରି ପଣ୍ଡିତ ନୀଳକଣ୍ଠ  ଦାସ ଥିଲେ ଏହି ଯୁଗର ଜଣେ ଉଚ୍ଚକୋଟୀର ଗଦ୍ୟ ଲେଖକ । ସେହିପରି ସାହିତ୍ୟ ଆଲୋଚନା ଆଧାରିତ 'ଓଡ଼ିଆସାହିତ୍ୟର କ୍ରମ ପରିଣାମ' ପୁସ୍ତକଟି ମଧ୍ୟ ଏକ ସାର୍ଥକ କୃତି । ସେହିପରି ଗୀତାର ଭାଷ୍ୟ ଓ ମୁଖବନ୍ଧ ସହିତ 'ଲାବଣ୍ୟବତୀ' କାବ୍ୟର ଟୀକା ରଚନାରେ ପଣ୍ଡିତ ନୀଳକଣ୍ଠଙ୍କର ସୁନ୍ଦର ଗଦ୍ୟଶୈଳୀକୁ ଦେଖିହୁଏ । ଆଲୋଚ୍ୟ କାଳର କୃତବିଦ୍ୟ ସ୍ରଷ୍ଟା ଗୋଦାବରୀଶ ମିଶ୍ର ଅନେକ ଗଦ୍ୟଧର୍ମୀ ସାହିତ୍ୟ ରଚନାକରି ସତ୍ୟବାଦୀଯୁଗର ସିଦ୍ଧିବାନ୍ ସ୍ରଷ୍ଟା ଭାବରେ ଗଦ୍ୟସାହିତ୍ୟକୁ ବିକଶିତ କରିଛନ୍ତି। ସେ ଦୁଇଗୋଟି ଐତିହାସିକ ନାଟକ ରଚନା କରିଛନ୍ତି । ତାହା ହେଉଛି 'ପୁରୁଷୋତ୍ତମ ଦେବ' ଓ 'ମୁକୁନ୍ଦ ଦେବ'। ଓଡ଼ିଆ ନାଟ୍ୟସାହିତ୍ୟର ଆଦି ପର୍ଯ୍ୟାୟରେ ରଚିତ ଏହି ନାଟକ ଦୁଇଟି ସ୍ୱତନ୍ତ୍ର ସ୍ଥାନ ଦାବୀ କରିଥାଏ । ଜଣେ ଔପନ୍ୟସିକ ଭାବରେ ସେ ଲେଖିଥିବା ଉପନ୍ୟାସ ଗୁଡ଼ିକ ହେଉଛି- ଅଭାଗିନୀ , ଘଟାନ୍ତର, ଅଠରଶହ ସତର । ଏହି ଉପନ୍ୟାସ ଗୁଡ଼ିକ ଯଦିଓ ତାଙ୍କର ମୌଳିକ ସୃଷ୍ଟି ନୁହେଁ ତଥାପି ଇଂରାଜୀ ଉପନ୍ୟାସର ଅନୁସୃଜନରେ ଲେଖା ହୋଇଥିବା ଏହି ଉପନ୍ୟାସସବୁର ଗଦ୍ୟଶୈଳୀ ଉଚ୍ଚକୋଟୀର । ସେ ଜଣେ ଗାଳ୍ପିକ ଭାବରେ ମଧ୍ୟ ପରିଚିତ । ତାଙ୍କ ଦ୍ୱାରା ଲିଖିତ ଗଳ୍ପ ସଂକଳନ ଗୁଡିକ ହେଉଛି- 'ଗଳ୍ପମାଳା', 'ପୁଆଣିଘର' ,ଏବଂ  'ନଅଟି ଗଳ୍ପ' । ଗୋଦାବରୀଶ ମିଶ୍ରଙ୍କ କେତୋଟି ଲୋକପ୍ରିୟ ଗଳ୍ପ ହେଉଛି- ପାଣ୍ଡୁ ମିଶ୍ରେ, ବିଧବା କନ୍ୟା ,ତୋଳା କନ୍ୟା, ପାଷାଣର ଭାଷା ଇତ୍ୟାଦି । ସେହିପରି ତାଙ୍କର ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକଟି ମଧ୍ୟ ଏହି ପରିପ୍ରେକ୍ଷୀରେ ଉଲ୍ଲେଖଯୋଗ୍ୟ । କହିବା ବାହୁଲ୍ୟ ଯେ ଏହି ପୁସ୍ତକର ଉନ୍ନତ ଗଦ୍ୟଶୈଳୀ ଓ ପ୍ରକାଶ ଭଙ୍ଗୀ ପାଇଁ ପଣ୍ଡିତ ଗୋଦାବରୀଶ ମିଶ୍ର ମରଣୋତ୍ତୋର ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଦ୍ୱାରା ସମ୍ମାନୀତ ହୋଇଛନ୍ତି ।

## ୩.୪ ସତ୍ୟବାଦୀ ଯୁଗର ପ୍ରବନ୍ଧ ସାହିତ୍ୟ

ସତ୍ୟବାଦୀଯୁଗକୁ ଓଡ଼ିଆ ପ୍ରବନ୍ଧସାହିତ୍ୟର ସୁବର୍ଣ୍ଣଯୁଗ ବୋଲି କୁହାଯାଇପାରେ । ଓଡ଼ିଆ ପ୍ରବନ୍ଧ ସାହିତ୍ୟର ପ୍ରତିଷ୍ଠା ଓ ସମୃଦ୍ଧି ଏହି ସମୟରେ ହିଁ ଘଟିଛି । ଏହି ଯୁଗର ପ୍ରାବନ୍ଧିକମାନେ ସାମାଜିକ, ରାଜନୈତିକ, ସଂସ୍କାରମୂଳକ, ଐତିହାସିକ, ଭାଷାସାହିତ୍ୟ ଓ ସଂସ୍କୃତିମୂଳକ ପ୍ରବନ୍ଧ ରଚନାକରି ଓଡ଼ିଆ ପ୍ରବନ୍ଧସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି। ଏହିଯୁଗର ବିଶିଷ୍ଟ ପ୍ରାବନ୍ଧିକଗଣ ହେଲେ ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତକୃପାସିନ୍ଧୁ ମିଶ୍ର, ପଣ୍ଡିତ ବାସୁଦେବ ମହାପାତ୍ର ପ୍ରମୁଖ ଉଲ୍ଲେଖଯୋଗ୍ୟ । ଜାତୀୟତାବାଦ ସହ ସଂସ୍କାର ଚେତନା ଓ ବୌଦ୍ଧିକ

ସାଧନାକୁ ଏହି କାଳର ପ୍ରବନ୍ଧରେ ଅଗ୍ରାଧିକାର ଦିଆଯାଇଛି । ସତ୍ୟବାଦୀ ଯୁଗର ସାହିତ୍ୟାଦର୍ଶକୁ ନେଇ ଓଡ଼ିଆ ପ୍ରବନ୍ଧସାହିତ୍ୟର ଇତିହାସରେ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲା । ଏହି କାଳର ପ୍ରବନ୍ଧ ସାହିତ୍ୟର ବିକାଶ ଓ ଉନ୍ନତି ପ୍ରଧାନତଃ ପତ୍ରପତ୍ରିକାର ପ୍ରସାର ଫଳରେ ସମ୍ଭବ ହୋଇଥିଲା ।

## ୩.୫ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରବନ୍ଧ : ଓଡିଆ ଜାତି କିଏ ?

ସତ୍ୟବାଦୀ ଯୁଗୀୟ ସାହିତ୍ୟର କର୍ଣ୍ଣଧାର ପଣ୍ଡିତ ଗୋପବନ୍ଧୁ ଜଣେ ଉଚ୍ଚକୋଟୀର ଗଦ୍ୟ ଲେଖକ। ଚିନ୍ତାଶୀଳ ଓ ଭାବମୂଳକ ପ୍ରବନ୍ଧ ରଚନା କରି ଗଦ୍ୟକୁ ଏକ ନିର୍ଦ୍ଧିଷ୍ଟ ମାର୍ଗରେ ଜାତୀୟ ଚେତନାଧର୍ମୀ କରିବାରେ ସେ ସିଦ୍ଧହସ୍ତ। ଉତ୍କଳ ସମ୍ମିଳନୀର ସଭାପତି ଓ ବକ୍ତାଭାବେ ଦେଇଥିବା ଅଭିଭାଷଣ ଗୁଡ଼ିକ ତତ୍କାଳୀନ 'ସତ୍ୟବାଦୀ' ମାସିକ ପତ୍ରିକାର ସଂପାଦକୀୟରେ ପ୍ରକାଶିତ ହୋଇ ପାଠକମାନଙ୍କୁ ବହୁଳ ଭାବରେ ଉଦ୍‌ବୋଧିତ କରୁଥିଲା। ତାଙ୍କଦ୍ୱାରା ପ୍ରତିଷ୍ଠିତ 'ସମାଜ' (୧୯୧୯) ଦୈନିକ ସଂବାଦପତ୍ର ମଧ୍ୟ ଓଡ଼ିଆ ଗଦ୍ୟସାହିତ୍ୟକୁ ନୂତନ ଦିଗ ଦେଖାଇଛି। ତାଙ୍କର ବୈପ୍ଳବିକ ଚିନ୍ତାଧାରା, ବିଭିନ୍ନ ରାଜନୈତିକ ଏବଂ ସାମାଜିକ ସମସ୍ୟାମୂଳକ ପ୍ରବନ୍ଧରେ ପ୍ରତିଫଳିତ ହୋଇଥାଏ। ତାଙ୍କ ପ୍ରବନ୍ଧରେ ସେ ସରଳ, ଲଳିତ ଭାଷାଶୈଳୀର ପ୍ରୟୋଗ କରିଥିଲେ। **ଗୋପ**ବନ୍ଧୁଙ୍କର ଗଦ୍ୟରଚନାକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ, ଯଥା –

(କ) ସାଧାରଣସଭାରେ ବକ୍ତୃତା ଓ ଭାଷଣମୂଳକଗଦ୍ୟ

(ଖ) ସାମ୍ବାଦିକ ଗଦ୍ୟ

(ଗ) ଜୀବନୀମୂଳକ ରଚନାରେ ଗଦ୍ୟ

(ଘ) ପର୍ଯ୍ୟଟନ, ଅନୁଭୂତିଶୀର୍ଷକ ଗଦ୍ୟ

(ଙ) ଆଲୋଚନାମୂଳକ ଗଦ୍ୟ

ତାଙ୍କଦ୍ୱାରା ରଚିତ 'ଗୁରୁଶିଷ୍ୟ','ଦୟା','ଆଜ୍ଞାନୁବର୍ତ୍ତୀତା', 'ସଂସ୍କାର ଓ ସମୟ', 'ପ୍ରାଦେଶିକଭାଷା ସାହାଯ୍ୟରେ ଶିକ୍ଷା', 'ଶିକ୍ଷା ଓ ଶାସନ', 'ଓଡ଼ିଆ ଜାତି କିଏ ?' ପ୍ରଭୃତି ହେଉଛି ତାଙ୍କର ଉଲ୍ଲେଖଯୋଗ୍ୟ ପ୍ରବନ୍ଧ ତାଙ୍କର ପ୍ରବନ୍ଧ ସାହିତ୍ୟର ଆଭିମୂଖ୍ୟ, ଗଠନକୌଶଳ, ଭାଷାଶୈଳୀ ଖୁବ୍ ଉଚ୍ଚକୋଟୀର। ଏହାର ଉଦାହରଣ ଭାବରେ ଗୋପବନ୍ଧୁଙ୍କର ଏକ ସୁପାଠ୍ୟ ପ୍ରବନ୍ଧ 'ଓଡ଼ିଆଜାତି କିଏ' ନିମ୍ନରେ ବିଦ୍ୟାର୍ଥୀମାନଂକ ଅଧ୍ୟୟନ ସକାଶେ ଦିଆଗଲା ।

### ଓଡିଆ ଜାତି କିଏ ?

ଓଡ଼ିଆ ଜାତି କିଏ ? ପୃଥିବୀର ସ୍ଥାନ ଅନୁସାରେ ଜାତିର ନାମକରଣ ହୋଇଥିବା ପ୍ରାୟ ସର୍ବତ୍ର ଦେଖାଯାଏ। ଏକ ସ୍ଥାନରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ମାୟା ମମତା ଜନ୍ମେ। ସେମାନଙ୍କ ଆଶା, ଅଭିପ୍ରାୟ, ଭାଗ୍ୟ ଓ ଭବିଷ୍ୟତ ଏକ ଶ୍ରେୟ ସ୍ୱାର୍ଥରେ ଆବଦ୍ଧ। ସେମାନଙ୍କର କର୍ମଭୂମି ଏକ ଓ ଅଭିନ୍ନ। ସେହି ଭୂମି ସେମାନଙ୍କ ପକ୍ଷରେ ପବିତ୍ର ଏବଂ ପ୍ରେମମୟ କ୍ଷେତ୍ର। ଏହା ସେମାନଙ୍କର ଜନ୍ମଭୂମି। ସେମାନଙ୍କ ଦୃଷ୍ଟିରେ "ସ୍ୱର୍ଗାଦପି ଗରୀୟସୀ"। ସୁତରାଂ ଯେଉଁମାନେ ଏପରି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରନ୍ତି ସେମାନେ ଏକ ଜାତି ଏବଂ ସେହି ଭୂଖଣ୍ଡର ନାମାନୁସାରେ ନାମିତ ହୁଅନ୍ତି। ଏହି ପ୍ରାକୃତିକ ବିଧାନରେ ଯେଉଁମାନେ ଉତ୍କଳ ବା ଓଡ଼ିଶାରେ ସମାନ ଆଶା ଆକାଂକ୍ଷା ଧରି ଜନ୍ମ ମରଣରେ ସମ୍ମାନ ଶ୍ରେୟଃ ସ୍ୱାର୍ଥରେ ବିଜଡ଼ିତ, ସେମାନେ ସମସ୍ତେ ଓଡ଼ିଆଜାତି।

କେହି କେହି ପୁଣି ଉତ୍କଳ ଓ ଓଡ଼ିଆ ମଧ୍ୟରେ ପାର୍ଥକ୍ୟ ଦେଖନ୍ତି । ଯଥାର୍ଥରେ ଏ ଉଭୟ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, କିମ୍ବା ରହିବା ଉଚିତ ନୁହେଁ । ବଙ୍ଗଳାର ହୁଅନ୍ତୁ ବା ପଞ୍ଜାବର ହୁଅନ୍ତୁ, ମାରଓ୍ୱାର ହୁଅନ୍ତୁ ବା ମାନ୍ଦ୍ରାଜର ହୁଅନ୍ତୁ, ହିନ୍ଦୁ ହୁଅନ୍ତୁ ବା ମୁସଲମାନ ହୁଅନ୍ତୁ, ଆର୍ଯ୍ୟ ହୁଅନ୍ତୁ ବା ଆଦିମ ଅଧିବାସୀ ହୁଅନ୍ତୁ, ଯେ ଉତ୍କଳ ବା ଓଡ଼ିଶା ସଙ୍ଗେ ଆପଣର ସମସ୍ତ ସ୍ୱତ୍ୱ ଓ ସ୍ୱାର୍ଥ ମିଳାଇ ଦେଇଅଛନ୍ତି, ଓଡ଼ିଶା ତାଙ୍କର ଏବଂ ସେ ଓଡ଼ିଶାର । ଆଜିକାଲି ସମୟରେ ଏକ ସ୍ଥାନରେ ଯେ କେବଳ ଏକ ପ୍ରକାର ଲୋକ ରହିବେ ତାହା ଅସମ୍ଭବ । ପୃଥିବୀରେ ଏପରି ପ୍ରାୟ ସ୍ଥାନ ନାହିଁ ଯେଉଁଠାରେ ଭିନ୍ନ ଭିନ୍ନ ଜାତି ବା ସମାଜର ଲୋକ ଏକତ୍ରବାସ କରୁନାହାନ୍ତି । ମାତ୍ର ସେମାନଙ୍କର ସ୍ୱାର୍ଥର କେନ୍ଦ୍ର ଏକ । ତେଣୁ କାଳକ୍ରମେ ଏକୀଭୂତ ହେବା ସେମାନଙ୍କ ପକ୍ଷେ ସ୍ୱାଭାବିକ ଏବଂ ଶ୍ରେୟସ୍କର । ଆମେରିକାର ଇଉନାଇଟେଡ୍ ଷ୍ଟେଟସ୍ ଏହି ଜାତୀୟତା ଗଠନ ବିଷୟରେ ଉଦାହରଣ ସ୍ଥଳ ।

ଭଗବାନ ଏକ ଏକ ଜାତି ନିମନ୍ତେ ସ୍ୱତନ୍ତ୍ର ଏକ ଏକ ଦେଶ ନିରୂପଣ କରିଥିଲା ପରି ଜଣାଯାଏ । ମାତ୍ର ଏକ ଦେଶ ବା ପ୍ରଦେଶର ଜାତିବିଶେଷ କାଳକ୍ରମେ ଅନ୍ୟ ଜାତିର ସଂସ୍ପର୍ଶରେ ଆସିଲେ ସେହି ଦେଶର ଭାଷା, ଆଶା, ଶିକ୍ଷା, ସଭ୍ୟତାରେ ପରିବର୍ତ୍ତନ ଘଟିବା ସ୍ୱାଭାବିକ । ଏହି ନବ ପରିବର୍ତ୍ତିତ ସଭ୍ୟତା ସେ ଦେଶର ତଥା ସେ ଦେଶର ନୂତନ ଏବଂ ପୁରାତନ ଅଧିବାସୀଙ୍କ ସଭ୍ୟତା ହୁଏ । ପ୍ରାକୃତିକ ଅବସ୍ଥାନ ଦ୍ୱାରା ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ । ଆଜିକାଲି ରାଜନୈତିକ ଓଡ଼ିଶା ନୁହେଁ, ସ୍ୱାଧୀନ ଓଡ଼ିଶା ଯେଉଁ ପର୍ଯ୍ୟନ୍ତ ବିସ୍ତୃତ ଥିଲା, ଗଙ୍ଗା ନଦୀଠାରୁ ଗୋଦାବରୀ ପର୍ଯ୍ୟନ୍ତ, ମହୋଦଧିଠାରୁ ମଧ୍ୟପ୍ରଦେଶର ପର୍ବତଶ୍ରେଣୀ ପର୍ଯ୍ୟନ୍ତ, ସେହି ବିଶାଳ ରାଜ୍ୟ ଯେ ଏକ ସ୍ୱତନ୍ତ୍ର ପ୍ରାକୃତିକ ଭୂଖଣ୍ଡ ଏହା ଦେଖିବା ମାତ୍ରେ ଯେ କେହି ସ୍ୱୀକାର କରିବାକୁ କୁଣ୍ଠିତ ହେବେନାହିଁ । ଓଡ଼ିଆମାନେ ଏଠାରେ ବାସକରି ନିଜର ଏକ ସ୍ୱତନ୍ତ୍ର ସଭ୍ୟତା ଗଠନ କରୁଥିଲେ । କାଳକ୍ରମେ ଅନ୍ୟାନ୍ୟ ଧର୍ମ ଓ ଜାତିର ଲୋକେ ସ୍ଥାନାନ୍ତରରୁ ଆସି ସେମାନଙ୍କ ସଙ୍ଗରେ ଏକତ୍ର ବାସ କରିଅଛନ୍ତି । ଏହି ବିଭିନ୍ନ ଶ୍ରେଣୀର ସମ୍ମିଳନରେ ଆଜି ଓଡ଼ିଆ ସଭ୍ୟତା ପ୍ରଭାବିତ ହୋଇଅଛି, ଏହା ବୋଲିବା ବାହୁଲ୍ୟ ।

ଭାଇ ଉତ୍କଳବାସୀ, ତୁମେ ଯେ ହୁଅ ବଙ୍ଗାଳୀ, ଓଡ଼ିଆ, ତେଲଙ୍ଗା, ହିନ୍ଦୁସ୍ଥାନୀ, କୋହ୍ଲ, ହିନ୍ଦୁ, ଖ୍ରୀଷ୍ଟିୟାନ, ମୁସଲମାନ ଯେ ହୁଅ, ଉତ୍କଳଭୂମି ତୁମକୁ ଆପଣା ଶରୀରରେ ବହି ତୁମର କେତେ ଅଳି ଅର୍ଦ୍ଦଳି ସହୁଛନ୍ତି । ତୁମର ହେଉ ବା ତୁମ ଶିଶୁସନ୍ତାନ ମାନଙ୍କର ହେଉ ଏହା ଶୈଶବର ଲୀଳାଭୂମି, ଯୌବନର କର୍ମକ୍ଷେତ୍ର, ବାର୍ଦ୍ଧକ୍ୟର ବିଶ୍ରାମ ସ୍ଥଳ ଏବଂ ଅନ୍ତିମ କାଳର ଆଶ୍ରୟ । ଏ ଦେଶକୁ ଏପରି ଭାବରେ ଯେବେ ଗ୍ରହଣ କରିଥାଅ, ଦେଶାନୁରାଗର ପବିତ୍ର ସ୍ରୋତରେ ଏ ଦେଶର ଭାଗ୍ୟ ଅନ୍ୟମାନଙ୍କ ସଙ୍ଗେ ଯଦି ଆବଦ୍ଧ କରିଥାଅ ଏବଂ ଏ ଦେଶର ଜାତୀୟ ଭାଷା, ଶିକ୍ଷା ଓ ସଭ୍ୟତାରେ ଆତ୍ମସମର୍ପଣ କରିଥାଅ, ତେବେ ଏ ଦେଶାନୁସାରେ ତୁମର ଜାତି । ଏ ଦେଶର ଇତିହାସ ଓ ସଭ୍ୟତା ତୁମର; କାରଣ ଏ ଦେଶର ଅତୀତ ଇତିହାସର ଫଳ ଏବେ ତୁମ୍ଭେ ଭୋଗ କରୁଅଛ ଏବଂ ଏହାର ବର୍ତ୍ତମାନ ଓ ଭବିଷ୍ୟତ ଗଠନରେ ତୁମ୍ଭେ ଯୋଗ ଦେଇଅଛ । ସୁତରାଂ ତୁମ୍ଭେ ଓଡ଼ିଆ, ଉତ୍କଳ ସମ୍ମିଳନୀରେ ତୁମ୍ଭ ନିମନ୍ତେ ପ୍ରସସ୍ତ ସ୍ଥାନ ରହିଅଛି । ଉତ୍କଳ ମାତା ମଧ୍ୟତୁମର ସେବା ପୂଜା ଗ୍ରହଣ କରିବାକୁ ସତୃଷ୍ଣ ନୟନରେ ଅନାଇଁ ରହିଅଛନ୍ତି ।

ଭାରତରେ ଜାତୀୟତା ଗଠନର ନାନା ଅନ୍ତରାୟ ରହିଅଛି । ନାନା ଭାଷା, ନାନା ଧର୍ମ ନାନା ବିଧ ଆଚାର ବ୍ୟବହାର ଯୋଗୁଁ, ଭାରତୀୟମାନଙ୍କ ମଧ୍ୟରେ ଏତେ ପାର୍ଥକ୍ୟ ରହିଅଛି ଯେ, ଭାରତର ଜାତୀୟତା କେହି ଅସମ୍ଭବ ମନେ କରନ୍ତି ; ସେଥିରେ ପୁଣି କୌଣସି ଏକ ପ୍ରଦେଶ ବା ଅଞ୍ଚଳରେ ସେହି ପ୍ରକାରଭେଦ ଘଟିଲେ ଭାରତର ଜାତୀୟ ସମସ୍ୟା ଅଧିକ ଦୁଃସାଧ୍ୟ ଏବଂ ଜଟିଳ ହେବ । ଏ ପ୍ରଦେଶରେ ବାସକରି ସମସ୍ତ ଶ୍ରେୟ ସ୍ୱାର୍ଥ-ମାୟା-ମମତା ତହିଁ ସଙ୍ଗେ ମିଶାଇ ନ ଦେଇ ଯେଉଁମାନେ ସ୍ୱତନ୍ତ୍ର ବା ସ୍ୱତ୍ୱ ଦାବୀ କରନ୍ତି ସେମାନେ ସେ ପ୍ରଦେଶର ଉନ୍ନତି ପଥରେ କଣ୍ଟକ ସ୍ୱରୂପ । ନିଜର ଆପାତ ସ୍ୱାର୍ଥଲାଗି ଅନ୍ୟ ଜାତିର ଉନ୍ନତିର ଅନ୍ତରାୟ ଏକ ପ୍ରଦେଶ ମଧ୍ୟରେ ସ୍ୱାର୍ଥର ଅନୈକ ଘଟାଇବା ଦ୍ୱାରା ଭାରତର ସମୂହ କଲ୍ୟାଣର ସେମାନେ ଶତ୍ରୁ; ସୁତରାଂ ପରିଣାମରେ ଆତ୍ମଘାତୀ । ଅତଏବ ପ୍ରାକୃତିକ ଓଡ଼ିଶାରେ ଯେଉଁ ବିଭିନ୍ନ ପ୍ରାଣୀ ସଂପ୍ରଦାୟର ଲୋକେ ବାସ କରି ଏହାକୁ ନିଜ ଦେଶ ବୋଲି ଗ୍ରହଣ କରିଅଛନ୍ତି, ସେ ସମସ୍ତଙ୍କ ସମ୍ମିଳନୀରେ ଯେଉଁ ଓଡ଼ିଆ ଜାତି ସଂଗଠିତ, ତାହାରି ଜାତୀୟତା ବିକାଶ ସମ୍ମିଳନୀର ଉଦ୍ଦେଶ୍ୟ ।

ଅନେକଥର ପ୍ରଶ୍ନଉଠିଛି ଯେ ସମ୍ମିଳନୀ ରାଜନୈତିକ କି ନୁହେଁ? ଭିନ୍ନ ଭିନ୍ନ ଘଟଣାରେ ଏ ପ୍ରଶ୍ନର ମୀମାଂସା ଭିନ୍ନ ଭିନ୍ନ ପ୍ରକାରର ହୋଇଅଛି । ମାତ୍ର ସମ୍ମିଳନୀରେ ଯେତେବେଳେ ସେ ସବୁ ବିଷୟରେ ଆଲୋଚନା କରାଯାଇଥାଏ ତାହା ସବୁ ରାଜନୈତିକ । ସେ ଯାହା ହେଉ, ଗତ ବିଶେଷ ଅଧିବେଶନରେ ଶାସନ ସଂସ୍କାର ପ୍ରସ୍ତାବମାନଙ୍କର ଆଲୋଚନା କରିବା ଦ୍ୱାରା ସମ୍ମିଳନୀ ଯେ ରାଜନୈତିକ କ୍ଷେତ୍ରରେ ପ୍ରବେଶ କରିଅଛି ଏହା ଅସ୍ୱୀକାର କରାଯାଇ ନପାରେ । ସମ୍ମିଳନୀ ଯଦି ଆମ୍ଭମାନଙ୍କର ଜାତୀୟ ଆକାଂକ୍ଷାର ପ୍ରକାଶକ ହୁଏ, ଏହା ଜାତୀୟ କାର୍ଯ୍ୟର ସକଳ ବିଭାଗ ଅବଶ୍ୟ ଆଲୋଚନା କରିବ । ଜାତୀୟ ପ୍ରବୃତ୍ତି, ଜାତୀୟ ପ୍ରଭାବ ଓ ଜାତୀୟ ଅଭାବ, ଇଚ୍ଛା ସକଳ ପୂରଣ ନିମନ୍ତେ ପ୍ରୟାସ କରିବ । ଜାତୀୟ ଉନ୍ନତି ନିମନ୍ତେ ଶିଳ୍ପ, କୃଷି, ସାହିତ୍ୟ, ଶିକ୍ଷା ଯେପରି ପ୍ରୟୋଜନ, ରାଜନୈତିକ ଅଧିକାର ତତୋଽଧିକ ପ୍ରୟୋଜନ । ବସ୍ତୁତଃ ରାଜନୈତିକ ଅଧିକାର ବିନା ଅନ୍ୟାନ୍ୟ କ୍ଷେତ୍ରରେ କୌଣସି ନିର୍ଦ୍ଦିଷ୍ଟ ସୀମା ପରେ ଅଧିକ ଦୂର ଉନ୍ନତି ଅସମ୍ଭବ । ଶିକ୍ଷା, ଶିଳ୍ପ, ବାଣିଜ୍ୟ, ଏମନ୍ତ କି ଧର୍ମ ଏବଂ ସମାଜଗତ ପ୍ରସଙ୍ଗମାନ କେତେବେଳେ ହେଲେ ରାଜନୀତି ସଙ୍ଗେ ସଂଘର୍ଷରେ ଅବଶ୍ୟ ଆସିବ; ତେଣୁ କେହି କେହି ପଣ୍ଡିତ ମନୁଷ୍ୟକୁ ରାଜନୈତିକ ପ୍ରାଣୀ ବୋଲି କହିଅଛନ୍ତି । ଯେଉଁମାନେ କହନ୍ତି- ପରାଧୀନ ଜାତିର ରାଜନୀତି ନାହିଁ, ସେମାନେ ମାନବ ଜୀବନକୁ ପୂର୍ଣ୍ଣ ଭାବରେ ଦେଖନ୍ତି ନାହିଁ । ପରାଧୀନ ହେଉ ବା ସ୍ୱାଧୀନ ହେଉ, ଯେଉଁ ଜାତି ବା ସମାଜ କୌଣସି ରାଜ୍ୟରେ ବାସ କରେ ଏବଂ କୌଣସି ସୁଗଠିତ ଓ ସୁଶୃଙ୍ଖଳାବଦ୍ଧ ଶାସନ ଶକ୍ତିର କର୍ତ୍ତୃତ୍ୱ ସୀକାର କରେ, ତାହାର କୌଣସି ନା କୌଣସି ପ୍ରକାରରେ ରାଜନୀତି ରହିବ । ପରାଧୀନ ଜାତିର ରାଜନୀତି ସ୍ୱାଧୀନ ଜାତିର ରାଜନୀତିଠାରୁ ପୃଥକ ହୋଇପାରେ ; କିନ୍ତୁ ତାହାର ରାଜନୀତି ନାହିଁ ବୋଲି କୁହାଯାଇ ନ ପାରେ । ସମ୍ମିଳନୀ ପରି ଜାତୀୟ ଅନୁଷ୍ଠାନ ରାଜନୀତିର ଚର୍ଚ୍ଚା ଛାଡିଦେଲେ ତାହାର ଉଦ୍ଦେଶ୍ୟ ଚିରଦିନ ଅସମ୍ପୂର୍ଣ୍ଣ ରହିବ । ଏ ସମ୍ବନ୍ଧେ କୌଣସି ସୁନିଶ୍ଚିତ ସିଦ୍ଧାନ୍ତ ନ କରିବା ଆମ୍ଭମାନଙ୍କର ଜାତୀୟ ଦୁର୍ବଳତାର ପରିଚୟ । ମୋ ମତରେ ସମ୍ମିଳନୀ କେବଳ ସାହିତ୍ୟିକ, ସାମାଜିକ ବା ରାଜନୈତିକ ଅନୁଷ୍ଠାନ ନୁହେଁ; କେବଳ କୃଷି, ଶିଳ୍ପ, ବାଣିଜ୍ୟ, ଶିକ୍ଷା ଏହାର କାର୍ଯ୍ୟ ନୁହେଁ ; ସମ୍ମିଳନୀ ଆମ୍ଭମାନଙ୍କର ଜାତୀୟ ଅନୁଷ୍ଠାନ । ସୁତରାଂ ଜାତୀୟ ଉନ୍ନତି ନିମନ୍ତେ ଯାହା ପ୍ରୟୋଜନ, ସମ୍ମିଳନୀର ତାହା କର୍ତ୍ତବ୍ୟ । ଏହିପରି ବ୍ୟାପକ ଭାବରେ ସମ୍ମିଳନୀର କାର୍ଯ୍ୟ

ନିରୂପିତ ନ ହେଲେ ଜାତିର ତହିଁରେ ପ୍ରତ୍ୟୟ ଜନ୍ମିବ ନାହିଁ। କୌଣସି କାରଣରୁ ହେଉ, ଓଡିଶାରେ ତଥା ଭାରତରେ ଆଭିଜାତ୍ୟର ପ୍ରଭାବ ଆମ୍ଭମାନଙ୍କର ଜାତୀୟ ଶକ୍ତିକୁ ଅତ୍ୟନ୍ତ ହୀନବଳ କରିଅଛି; ମାତ୍ର ସମ୍ମିଳନୀ ପରି ଜାତୀୟତା ଗଠନ ଉଦ୍ୟମରେ ଆଭିଜାତ୍ୟ ନିମନ୍ତେ କୌଣସି ପ୍ରକାର ଅବକାଶ ରହିବା ବାଞ୍ଛନୀୟ ନୁହେଁ। ଏ ମାତୃପୂଜା ମଣ୍ଡପରେ ସମସ୍ତଙ୍କ ସମାନ ଅଧିକାର, ସମାନ ଆସନ । ତାହା ନ ହେଲେ ସମ୍ମିଳନୀର ଉଦ୍ଦେଶ୍ୟ କଦାପି ସିଦ୍ଧ ହେବନାହିଁ। ଉଦାର ମାନବିକତା ସମ୍ମିଳନୀର ଲକ୍ଷ୍ୟ ହେଲେ ଭାରତର ଜାତୀୟ ଆନ୍ଦୋଳନରୁ ଆମ୍ଭେମାନେ ପୃଥକ୍ ହୋଇ ରହିଲେ ଚଳିବ ନାହିଁ। ଓଡିଶା ନଦୀ-ବନ-ପର୍ବତାଦି ପ୍ରାକୃତିକ ଅବଚ୍ଛେଦ ଦ୍ୱାରା ଭାରତର ଅନ୍ୟାନ୍ୟ ପ୍ରଦେଶରୁ ବିଚ୍ଛିନ୍ନ ଥିଲାପରି ବୋଧ ହେଲେ ସୁଦ୍ଧା ଏହା ଅନ୍ୟାନ୍ୟ ପ୍ରଦେଶ ପରି ବିଶାଳ ଭାରତର ଅଙ୍ଗ ବିଶେଷ। ଭାରତୀୟ ଆକାଂକ୍ଷାର ସାମଞ୍ଜସ୍ୟ ରହିବା ଉଚିତ୍। ଭାରତ ସଙ୍ଗେ ଉତ୍କଳର ନିତ୍ୟ ସମ୍ବନ୍ଧ ରହିବ ହିଁ ରହିବ । ଏହି ସମ୍ବନ୍ଧ ଚିରଦିନ ରହିଅଛି। ସମ୍ମିଳନୀ କାର୍ଯ୍ୟରେ ଭାରତୀୟ ଆନ୍ଦୋଳନରୁ ପୃଥକ୍ ଥିଲେ ସୁଦ୍ଧା ମହାଭାରତ ଜାତୀୟତା ସହିତ ଏହାର ସଂଯୋଗ ମୂଳମନ୍ତ୍ର। ବର୍ଷକୁ ବର୍ଷ ସମ୍ମିଳନୀର ପ୍ରାରମ୍ଭରେ ଆମ୍ଭେ ଭକ୍ତିପୂତ ପ୍ରାଣରେ ଅବହିତ ହୋଇ ପ୍ରଥମେ ଗାଉ -

"ସର୍ବେଷାଂ ନୋ ଜନନୀ ଭାରତ ଧରଣୀ କଳ୍ପଲତେୟଂ"

ଏହି ଜାତୀୟ ଗୀତରେ "ଭାରତ ମେକୋ ଗତିରସ୍ମାକଂ" ବୋଲି ଆମ୍ଭେମାନେ ଯାହା କହୁଅଛୁ, ଜାତୀୟ ଜୀବନରେ ତଥା ଜାତୀୟ କାର୍ଯ୍ୟରେ ତାହାର ସାର୍ଥକତା ବିଧେୟ। ଉଦାର ମାନବିକତା ଲାଭ କରିବା ପଥରେ ଭାରତ ଭାବ ଆମ୍ଭମାନଙ୍କୁ ଅବଶ୍ୟ ସହାୟ ହେବ। ମନେ ରଖିବାକୁ ହେବ, ଆମ୍ଭେମାନେ ଭାରତ ଜାତିର ଅନ୍ତର୍ଗତ। ଭାରତ ଏକ ମହାଦେଶ। ତେଣୁ ସେଥିରେ ଅନେକ କ୍ଷୁଦ୍ରଜାତି, ପ୍ରାଦେଶିକ ପାର୍ଥକ୍ୟ ଅନୁସାରେ କାଳକ୍ରମେ ଉଦ୍ଭବ ହୋଇଛନ୍ତି ; ମାତ୍ର ସେ ସମସ୍ତଙ୍କ ଭାଗ୍ୟ ଭାରତ ଭାଗ୍ୟ ସଙ୍ଗେ ସୀମାବଦ୍ଧ। ଆମ୍ଭେମାନେ ଭାରତୀୟ ଅନୁଷ୍ଠାନ ସଙ୍ଗେ ସଂପୃକ୍ତ ହେଉ ବା ନ ହେଉ ଭାରତର ସୁଖ ଦୁଃଖରେ ଆମ୍ଭମାନଙ୍କୁ ଅଳ୍ପାଧିକ ପରିମାଣରେ ଭାଗୀ ହେବାକୁ ପଡିବ। ଏକ ଶରୀରର ଅବୟବ ବିଶେଷ ଶରୀର ସମୂହ କ୍ରିୟାରେ ନିଜର କର୍ମ କରୁ ବା ନକରୁ ସର୍ବଶରୀର ରୋଗବ୍ୟାଧି ସ୍ୱାସ୍ଥ୍ୟ ସୁଖରେ ତାହାର ଭାଗ ରହିବଇଁ ରହିବ। ଭାରତୀୟ ରାଜନୈତିକ ଆନ୍ଦୋନଳନରେ ଆମ୍ଭମାନଙ୍କର ଏ ଉଦାସିନତାରେ ଯେ ରାଜଭକ୍ତିର ପରିଚୟ ମିଳୁଅଛି, ତାହାର ବିଶେଷ କିଛି ମୂଲ୍ୟ ଅଛି କି ନାହିଁ ସନ୍ଦେହ। କେହି ରାଜପୁରୁଷ ଏପର୍ଯ୍ୟନ୍ତ ମଧକହିଅଛନ୍ତି ଯେ "Orissa is hot bed of loyality" ଅର୍ଥାତ୍ ଓଡ଼ିଶା ଭକ୍ତିରେ ସଡ଼ି ଯାଉଛି। ଏ ଭକ୍ତିରେ ଦେବତାଙ୍କ ନିକଟରେ ଆଦର କ'ଣ ? ଏତେ ଭକ୍ତି ସତ୍ତ୍ୱେ ଭାରତ ରକ୍ଷା ଆଇନ (Defence of India Act) ଓଡ଼ିଶାରେ ଜାରି ହେଲା ତ ? ପ୍ରେସ ଆଇନ (Press Act) ର ବିଧାନରୁ ଓଡ଼ିଶା ମୁକ୍ତ କି ? ଆଜି ସେ ରାଓଲାଟ୍ ବିଲ୍ (Rowlatt Bill) ଘେନି ଭାରତରେ ଏତେ ଆନ୍ଦୋଳନ ଲାଗିଛି। ସ୍ଥାନେ ସ୍ଥାନେ ତୁମୁଳ ଉତ୍ପାତ ଘଟୁଛି। ସାଧାରଣ ମନୁଷ୍ୟର ପ୍ରାଥମିକ ନ୍ୟାୟସଙ୍ଗତ ଅଧିକାରରୁ ଭାରତର ପ୍ରଜାସାଧାରଣ ବଞ୍ଚିତ ହେବା ଭୟରେ ଅସାମାନ୍ୟ ସ୍ୱାର୍ଥ ତ୍ୟାଗକରି ଯେ ଆଇନର ତୀବ୍ର ପ୍ରତିବାଦ କରୁଅଛନ୍ତି। ଓଡ଼ିଶା ଛାଡ଼ ଅନ୍ୟସର୍ବତ୍ର ଜାରି ହେବବୋଲି କିଛି ବିଧାନ ଅଛି କି ? ଘଟଣାଚକ୍ରରେ ଭାରତରକ୍ଷା ଆଇନ ପରି ଏହା ଦିନେ ଓଡ଼ିଶାରେ ଜାରି ହେବାର ସମ୍ଭବ କି ? ପୁଣି ସମଗ୍ର ଭାରତର ଆନ୍ଦୋଳନରେ ଭାରତ ଯାହା ସମୂହ ଭାବରେ ଲାଭ କରୁଅଛି, ଓଡ଼ିଶା ଜାତି ବା ଓଡ଼ିଆ ତହିଁରେ ଫଳଭୋଗୀ ହୋଇନାହାନ୍ତି କି

? ଅତଏବ ଭାରତୀୟ ଆକାଂକ୍ଷା ସଙ୍ଗେ ଆମ୍ଭମାନଙ୍କର ଜାତୀୟ ଆକାଂକ୍ଷ୍ୟା ମିଳାଇ ସମଗ୍ର ଭାରତ ମହାଜାତିର କଲ୍ୟାଣରେ ଯଥାଶକ୍ତି ଆତ୍ମବିନିଯୋଗ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ। ମନେରଖିବାକୁ ହେବ ଆମ୍ଭେମାନେ ପ୍ରଥମେ ମନୁଷ୍ୟ, ପରେ ଭାରତୀୟ ଓ ସର୍ବଶେଷରେ ଓଡ଼ିଆ। ଏହି ଭାବ ମନରେ ନ ରଖିଲେ, ଜାତୀୟ କ୍ରମବିକାଶ ଅସମ୍ଭବ। ପ୍ରତ୍ୟେକ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଅଛି; ମାତ୍ର ସାମାଜିକ ଭିତ୍ତି ବିନା ଏ ସ୍ୱାତନ୍ତ୍ର୍ୟ ପ୍ରକଟିତ ହୁଏନାହିଁ। ସେହିପରି ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟ ଫୁଟିବ ପ୍ରଶସ୍ତତର ଜାତୀୟତା କ୍ଷେତ୍ରରେ ଏବଂ ଉଦାର ସାର୍ବଜାନୀନ ମାନବିକତାରେ।

ଓଡ଼ିଆ ଯେ ଏହି ଉଦାର ମାନବ ଧର୍ମରେ ଚିରଦିନ ଦୀକ୍ଷିତ ଏବଂ ଭାରତ ସହିତ ଉତ୍କଳର ନିତ୍ୟ ସମ୍ବନ୍ଧ ଅନୁଭବ କରିଅଛନ୍ତି, ଓଡ଼ିଆ ଜାତିର ଇତିହାସ ଅଭ୍ରାନ୍ତଭାବରେ ଏହା ପ୍ରମାଣ କରୁଅଛି। ଓଡ଼ିଶାର ଯଥାର୍ଥ ଇତିହାସ ଏ ପର୍ଯ୍ୟନ୍ତ ଲେଖାହୋଇ ନାହିଁ। ଏହାର ଗରିବର କନ୍ଦରରେ ସେ ସମସ୍ତ ଉପାଦାନ ବିକ୍ଷିପ୍ତ ଭାବରେ ପଡିରହିଛି, ଭାଗମନ୍ଦିରରେ ଯେ ସମସ୍ତ ସ୍ମୃତି ଏବଂ ସଂସ୍କାର ଜଡ଼ିତ ଅଛି, ପୁଣ୍ୟ ପର୍ବମାନଙ୍କରେ ଏମନ୍ତ କି ଯେ ସମସ୍ତ ଅନୁଷ୍ଠାନ ଆଜି ଅନେକଙ୍କ ନିକଟରେ କୁସଂସ୍କାର, ସେ ସବୁର ମଜ୍ଜାରେ ଯେ ସତ୍ୟ ସାର ନିହିତ ଅଛି। ପ୍ରବାଦ ଓ ପ୍ରଚଳିତ ପରମ୍ପରାରେ ଜୀବନର ଯେ ସମସ୍ତ ତଥ୍ୟ ପ୍ରକାଶ ପାଉଅଛି, ସେ ସବୁର ଭିତରକୁ ଦେଖିଲେ ଜଣାଯାଏ, ଓଡ଼ିଆ ଜାତି ଇତିହାସରେ କେବେ ସଂକୀର୍ଣ୍ଣ ସେବାରେ ଆବଦ୍ଧ ନଥିଲେ। ନଦୀ ପର୍ବତଦ୍ୱାରା ଓଡ଼ିଶାର ସୀମା ଆବଦ୍ଧ ହେଲେ ସୁଦ୍ଧା, ସେ ସୀମା ଅତିକ୍ରମ କରି ବିଶାଳତା ଆଡ଼କୁ ଗତିକରି ଅଛନ୍ତି। ଜାତୀୟତାର ଲକ୍ଷ୍ୟରେ ଉଦାର ମାନବିକତା ସମଗ୍ର ଭାରତରେ ତାହା ଓଡ଼ିଆ ହିଁ ବୁଝିଥିଲେ। ବିଶ୍ୱପ୍ରୀତି ହିଁ ଓଡ଼ିଆର ଜାତୀୟତା, ସ୍ୱର୍ଣ୍ଣପ୍ରାଣ ଓଡ଼ିଶାର ମନୁଷ୍ୟତା। ଓଡ଼ିଆର ଏ ଜାତୀୟତା ଦେଶାନୁରାଗ କେବେ ଜଡ଼, ନିର୍ଜୀବ, ନୀରସ ଓ ସ୍ୱାର୍ଥ କଳୁଷିତ ନୁହେଁ। ରାଜ୍ୟଲାଭ ବା ରକ୍ତ ପାତରେ ଏହାର ପ୍ରତିଷ୍ଠା ନୁହେଁ। ଗଭୀର ଧର୍ମଭାବ ଏବଂ ଦୃଢ଼ବିଶ୍ୱାସ ଏହାର ଭିତ୍ତି। ସାମ୍ୟ, ମୈତ୍ରି, ସ୍ୱାଧୀନତା ଏହାର ବିଗ୍ରହ । ଓଡ଼ିଆର ଏହି ଭାବ ନୀଳାଚଳଧାମରେ ପ୍ରକଟିତ; ତେଣୁ ଜଗନ୍ନାଥ ଓଡ଼ିଆର ଜାତୀୟ ଦେବତା ବଦ୍ରିନାଥ, ରାମନାଥ, ଦ୍ୱାରିକାନାଥ ସ୍ଥାନ ବିଶେଷର 'ନାଥ' ମାତ୍ର ଜଗତର ନାଥ ନୁହଁନ୍ତି। ପ୍ରାଚୀନ କାଶୀଧାମରେ ବିଶ୍ୱନାଥ ଅଛନ୍ତି ; କିନ୍ତୁ ସମଗ୍ର ବିଶ୍ୱକୁ ଆଲିଙ୍ଗନ କରିବାର ଉଦାରତା ସେଠାରେ ନାହିଁ। କାଳକ୍ରମେ ଆମ୍ଭମାନଙ୍କର ଜାତୀୟ ଅଧୋଗତି ସଙ୍ଗେ ନୀଳାଚଳର ମୌଳିକ ଉଦାରଭାବ ଆଦି ବହୁ ସଙ୍କୁଚିତ ହୋଇଅଛି ସତ; କିନ୍ତୁ ଧର୍ମ ଜୀବନରେ ସାର୍ବଜନୀନ ଉଦାରତା ଯେ ଏକମାତ୍ର ସତ୍ୟ, ଏ ଭାବ ଓଡ଼ିଶାରୁ ଲୋପ ପାଇନାହିଁ। ନୀଳାଚଳର ନୀତିରେ କ୍ଷୁଦ୍ର-ବୃହତ୍ ନାହିଁ ; ରାଜା-ପ୍ରଜା ନାହିଁ; ବ୍ରାହ୍ମଣ - ଚଣ୍ଡାଳ ନାହିଁ ; ପାମର-ପ୍ରେମିକ ନାହିଁ; ଏମନ୍ତ କି ହିନ୍ଦୁ-ବୌଦ୍ଧର ଭେଦନାହିଁ। ପରବର୍ତ୍ତୀ ଚୈତନ୍ୟ ଯୁଗରେ ମଧ୍ୟହିନ୍ଦୁ ମହମ୍ମଦୀୟ ଭେଦ ପର୍ଯ୍ୟନ୍ତ ଏଠାରେ ଲୁଚି ଯାଇଥିଲା। ଏହି ଉଦାର ମାନବିକତା ଏବଂ ମହାଭାରତ ଜାତୀୟତାର ବୀଜ ନୀଳାଚଳ ଧାମରେ ଅଛି ବୋଲି ତ କାଳେ କାଳେ ଭାରତର ଦିଗଦିଗନ୍ତରୁ ସିଦ୍ଧସାଧକ ଓ ମହାପୁରୁଷମାନେ ଆକୃଷ୍ଟ ହୋଇ ଆସିଛନ୍ତି। ଜଗନ୍ନାଥ ସାକ୍ଷାତ ବୌଦ୍ଧ ଅବତାର। ଶଙ୍କରଙ୍କର ପ୍ରଧାନ ମଠ ପୁରୀରେ । ରାମାନୁଜଙ୍କର ଏହା ପୁଣି ଏକ ପ୍ରଧାନ ଧର୍ମକେନ୍ଦ୍ର। ମାନବ ପୁରୀର ସାଗର ସୈକତରେ ନିଜର ସର୍ବୋତ୍କୃଷ୍ଟ ମଧୁମୟ ସଙ୍ଗୀତ ଗାଇଥିଲେ। କବୀରଙ୍କର ମଧ୍ୟଆସ୍ଥାନ ଏହିଠାରେ। ଅବଶେଷରେ ପ୍ରେମର ଅବତାର ଭାଗବାନ ଶ୍ରୀକୃଷ୍ଣ ଚୈତନ୍ୟ ଭାରତର ସମଗ୍ର ତୀର୍ଥଭୂମି ବୁଲି ଶେଷରେ ଏହି ସାର୍ବଜୀନନ ପ୍ରେମଧାମରେ ସ୍ଥାୟୀ ନିବାସ କରି ଗାଇଲେ -

"ଜଗନ୍ନାଥ ସ୍ୱାମୀ,
ନୟନ ପଥଗାମୀ ଭବତୁ ମେ"

ମୁସଲମାନ ଭକ୍ତ ହରିଦାସ, ସାଲବେଗ ପ୍ରଭୃତିଙ୍କର ସମାଧି ଏହି ପୁରୀରେ ପ୍ରତିଷ୍ଠିତ। ବାସ୍ତବିକ ଉତ୍କଳଭୂମି ସଂକୀର୍ଣ୍ଣ ନୁହେଁ। ଓଡ଼ିଆ କେବେ କ୍ଷୁଦ୍ରତାର ସୀମାବଦ୍ଧ ନୁହେଁ। ପୁରୀ, ଭୁବନେଶ୍ୱର ଓ କୋଣାର୍କ ମନ୍ଦିରର ବିଶାଳତା ଏହାର ପରିଚୟ। ମନୁଷ୍ୟ ହାତଗଢ଼ା ଶିଳ୍ପ ଛଡ଼ା ଓଡ଼ିଶାର ପାରିପାର୍ଶ୍ୱିକ ବେଷ୍ଟନୀ ଓଡ଼ିଆର ସେହି ବିଶାଳ ଭାବ ଓ ଉଦାରତାର ପ୍ରମାଣ। ଯେଉଁ ଦେଶର ଦେବତା ଜଗନ୍ନାଥ, ସେ ଦେଶର ନଦୀ, ଗିରି, ସାଗର, ଶ୍ମଶାନରେ ଯେ ସେହି ମହା ଉଦାରଭାବ ବିକାଶ ପାଇବ; ତାହା ସ୍ୱାଭାବିକ। ଓଡ଼ିଶାର ନଦୀ ମହାନଦୀ, ସମୁଦ୍ର ମହୋଦଧି; ଗିରି ମହେନ୍ଦ୍ର; ବୃକ୍ଷ କଳ୍ପବଟ; ଏମନ୍ତ କି ଶ୍ମଶାନ ମାନବର ଅନ୍ତିମ ସ୍ଥାନ ନୁହେଁ; ଦିବ୍ୟ ଅନନ୍ତ ଧାମର ପ୍ରବେଶ ଦ୍ୱାର – ସ୍ୱର୍ଗଦ୍ୱାର। ଏହି ନାମସବୁ କଣ ପ୍ରକାଶ କରୁଅଛି ? ଓଡ଼ିଆ ପ୍ରାଣରେ ମହାଭାବ କଳ୍ପନା କରିଅଛି। ଚତୁର୍ଦ୍ଦିଗରେ ତାହା ହିଁ ଦେଖିବାକୁ ପ୍ରୟାସୀ ହୋଇଅଛି। ଗୋଟିଏ ଗୋଟିଏ ଶବ୍ଦ ଏକ ଏକ ଜାତିର ଇତିହାସ ପଟ ଫିଟାଇ ଦେଇ ଅତୀତର ଅନ୍ଧାରରେ ଆଲୋକ ଦେଉଅଛି। ମହାନଦୀ, ମହୋଦଧି ପ୍ରଭୃତି ଓଡ଼ିଆ ପ୍ରାଣର ବିଶାଳତା ଏବଂ ପୂର୍ଣ୍ଣତା ନିମନ୍ତେ ଓଡ଼ିଆ ହୃଦୟରେ ଆକାଂକ୍ଷା ଜାତ କରୁନାହିଁ କି ? ଶିଳ୍ପରେ ଏବଂ ଦେବମୂର୍ତ୍ତିରେ ଓଡ଼ିଆ ହୃଦୟର ଯେ ଭାବ ବ୍ୟକ୍ତ କରିଅଛି, ଏହିପରି ଗୋଟିଏ ଗୋଟିଏ ଶବ୍ଦରେ ତାହାର ପ୍ରାଣର କବିତା ଉଦାର ମନୋଭାବ ପ୍ରକାଶ କରିଅଛି।

କବିତା, ଶିଳ୍ପ ବା ଦେବତା କଳ୍ପନାରେ ଯେଉଁ ଭାବରେ ସୂଚନା ଦେଖା ଯାଉଛି, ଓଡ଼ିଆ ଜୀବନ କ୍ରିୟାରେ ଇତିହାସରେ ଯୁଗେ ଯୁଗେ ତାହାହିଁ ପ୍ରକଟିତ ହୋଇଛି। ହିନ୍ଦୁ, ବୌଦ୍ଧ, ଶିଖ, ଶୈବ; ଶାକ୍ତ ପରମାର୍ଥ ନାନା ଶାଖା ସଂପ୍ରଦାୟର ମହାସମନ୍ୱୟ ସ୍ଥଳୀ ପବିତ୍ର ଉତ୍କଳଭୂମି। ଓଡ଼ିଆ କେବେ କାହାକୁ ବିଦ୍ୱେଷ ଦୃଷ୍ଟିରେ ଦେଖିନାହିଁ। ଧର୍ମକ୍ଷେତ୍ର ଛଡ଼ା ଶାସନ ଏବଂ ସାମାଜିକ କ୍ଷେତ୍ରରେ ଓଡ଼ିଆ ମଧ୍ୟଏହି ଉଦାରତା ବରାବର ଦେଖାଇ ଆସିଅଛି। ମୁଁ ଏଠାରେ ଏ ସମ୍ବନ୍ଧେ ଅଧିକ କିଛି ନ କହି ଶ୍ରଦ୍ଧେୟ କୃପାସିନ୍ଧୁ ମିଶ୍ରଙ୍କ ବିରଚିତ ବାରବାଟୀ ଦୁର୍ଗରୁ ଏକ ପଂକ୍ତି ଉଦ୍ଧାର କଲି-

"ଭାରତ ଇତିହାସରେ ତେଜସ୍ୱୀ ଓଡ଼ିଆର ଦାନ ହେୟ ନୁହେଁ ; ବୀର ଓଡ଼ିଆ ବଦାନ୍ୟତାରେ ପ୍ରସିଦ୍ଧ ଥିଲା। ଚିରକାଳ ଓଡ଼ିଆ ଆତ୍ମନିର୍ଭରଶୀଳ। କେବେ କାହାର ଅନୁଗ୍ରହ ଭିକ୍ଷା କରିବାର ପ୍ରମାଣ ନାହିଁ ; ଯଶୋନାଶୀ, କାଳ ଗର୍ଭରେ ବିଲୁପ୍ତ ପ୍ରାୟ ହେଲେହେଁ ଏକଥା ସତ୍ୟ ଅନୁସନ୍ଧାନ ସେବୀଙ୍କର ସ୍ୱୀକାର୍ଯ୍ୟ ଯେ, ଅନୁଗ୍ରହ ଦେଖାଇବା ନିମନ୍ତେ ଭାରତ ଇତିହାସରେ ପ୍ରସିଦ୍ଧ। ଅନେକ ଜାଣିଥିବେ, କିପରି ୧୨୦୩ ଖ୍ରୀଷ୍ଟାବ୍ଦରେ ମହମ୍ମଦ୍ ବକ୍ତିଆର ଖିଲିଜଙ୍କ ଦ୍ୱାରା ସଂହାସନରୁ ବିତାଡ଼ିତ ହୁଅନ୍ତେ ବଙ୍ଗଦେଶର ଶେଷ ହିନ୍ଦୁ ରାଜା ଲକ୍ଷ୍ମଣ ସେନ୍ ଓଡ଼ିଆଙ୍କ ଅନୁଗ୍ରହ ଭିକ୍ଷା କରି ପୁରୀରେ ନିରାପଦରେ ଶେଷ ଜୀବନ ଯାପନ କରିଥିଲେ ହେଁ ୧୪୫୭ ଖ୍ରୀଷ୍ଟାବ୍ଦରେ ବାହମନୀ ରାଜ୍ୟର ସୁଲତାନ, ହୁମାୟୁନଙ୍କ ଦ୍ୱାରା ବାରମ୍ବାର ପରାସ୍ତ ହୋଇ ତେଲଙ୍ଗୀ ହିନ୍ଦୁରାଜା ନରସିଂହଦେବଙ୍କ ରାଜତ୍ୱ କାଳରେ ୧୪୭୦ ଖ୍ରୀଷ୍ଟାବ୍ଦରେ ହିମ୍ମୁରଙ୍କ ପରିବର୍ତ୍ତେ ସ୍ୱୟଂ ରାଜା ହେବା ନିମନ୍ତେ ମଙ୍ଗଳ ରାୟ ଏହି ବାରବାଟୀରେ ଆଶ୍ରୟ ଲୋଡ଼ିଥିଲେ। ଓଡ଼ିଆମାନେ ଫେରିବା ପରେ ମଲବା ସୁଲତାନ୍ ମହମ୍ମଦ ସାହାଙ୍କ ଆଶ୍ରୟରେ ହିମ୍ମୁର ପୁଣି ରାଜା ହୋଇ ଯେତେବେଳେ ମୁସଲମାନ୍ ଦୌରାତ୍ମ୍ୟରେ ପ୍ରପୀଡିତ ହେଲେ, ସେତେବେଳେ ଉପହାର ସହ ସେହି

ପୁର୍ବ ଶତ୍ରୁ ଓଡିଆ ରାଜାଙ୍କ ସାହାଯ୍ୟ ମଗାଇ ପଠାଇଥିଲେ ଏବଂ ଉତ୍କଳ ରାଜା ମଧ୍ୟଆଶ୍ରିତ ରକ୍ଷା କଲେ। ଉତ୍ତର ଭାରତରେ ବି ଓଡଡ଼ିଆମାନେ ଏହିପରି ସାହାଯ୍ୟ ଦାନପାଇଁ ପ୍ରସିଦ୍ଧ ଥିଲେ। ଖ୍ରୀଷ୍ଟୀୟ ୬ଷ୍ଠ ଶତାବ୍ଦୀର ମଧ୍ୟଭାଗରେ ସୁଲେମାନଙ୍କ କର୍ତ୍ତୃକ ପରାଭୁତ ଓ ଦୂରୀକୃତ ବଙ୍ଗର ସୁଲତାନ ଇବ୍ରାହିମ୍ ଜୀବନ ରକ୍ଷା ନିମନ୍ତେ ଇତସ୍ତତଃ ହୋଇ ପରି ଶେଷରେ ଓଡ଼ିଆଙ୍କ ଦ୍ୱାରେ ସାହାଯ୍ୟ ପ୍ରାର୍ଥୀ ହୋଇଥିଲେ ଏବଂ ସ୍ୱଦେଶ ତଥା ସ୍ୱଜାତିର ଗୌରବ ରକ୍ଷା କରି ଓଡ଼ିଆମାନେ ଆପଣାର ସହଜାତ ବଦାନ୍ୟ ଗୁଣରେ ଆଶ୍ରୟପ୍ରାର୍ଥୀଙ୍କୁ ଯଥୋପଯୁକ୍ତ ଭିକ୍ଷାଦାନ କରୁଥିଲେ। ପୁଣି ଦୁର୍ଦ୍ଦାନ୍ତ ବଙ୍ଗ ନବାବ ସୁଲେମାନଙ୍କୁ ଦମନ କରିବାପାଇଁ ଅହର୍ନିଶି ବହୁ ଅର୍ଥ ଓ ସମୟ ବ୍ୟୟ କରି ଅକୃତକାର୍ଯ୍ୟ ହେଲା ପରେ ସ୍ୱୟଂ ମୋଗଲ ସମ୍ରାଟ ଆକବର ଦିନେ ଓଡଡ଼ିଆଙ୍କ ସାହାଯ୍ୟ ଲୋଡୁଥିଲେ ଏବଂ ଓଡ଼ିଆମାନେ ଯଥାର୍ଥ ସାହାଯ୍ୟ ଦାନ କରି ଜନ୍ମଭୂମିକୁ ଦେଶବ୍ୟାପୀ ମହା ଗୌରବରେ ମହିୟାନ କରିଥିଲେ। ରାଜନୈତିକ ସ୍ୱାଧୀନତା ବିଲୋପ ପରେ ମଧ୍ୟ ୧୬୩୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ପ୍ରଥମ ଇଂରେଜ ବଣିକ କାର୍ଟରାଇଟ୍ ଓ ତାହାଙ୍କର ପାଞ୍ଚୋଟି ମାତ୍ର ସହଚରଙ୍କ ପ୍ରତି ହରିପୁର ଠାରେ ତତ୍କାଳୀନ ପ୍ରତାପୀ ପର୍ତ୍ତୁଗୀଜ ରାଜାମାନଙ୍କ ଆକ୍ରମଣରୁ ତାହାଙ୍କୁ ରକ୍ଷା କରି ଓଡ଼ିଆମାନେ ସେ ମାନବ ପ୍ରୀତି ଓ ବଦାନ୍ୟତା ଦେଖାଇଥିଲେ, ତାହା ମଧ୍ୟସ୍ମରଣୀୟ।"

ଏହି ସମସ୍ତ ଐତିହାସିକ ଘଟଣାରୁ କେବଳ ଯେ ଓଡ଼ିଆମାନଙ୍କର ଉଦାରତାର ପରିଚୟ ମିଳୁଅଛି ତାହା ନୁହେଁ, ଭାରତୀୟ ରାଜନୀତିରେ ସେମାନେ ପୂର୍ବେ ବରାବର ଯୋଗଯୋଗ ରଖିଥିଲେ; ଏହା ମଧ୍ୟପ୍ରମାଣିତ ହୋଇଅଛି। ଧର୍ମ ରାଜନୀତି ପ୍ରଭୃତି ସକଳ ବିଷୟରେ ଭାରତ ସଙ୍ଗେ ଓଡ଼ିଶାର ଏହି ଯେ ଚିର ସମ୍ବନ୍ଧ ରହିଅଛି, ତାହା ଅସ୍ୱୀକାର କରାଯାଇ ନପାରେ। ଭାଇ ଓଡିଆ; ବର୍ତ୍ତମାନ ତୁମ୍ଭେ ଯାହାହୁଅ କିମ୍ବା ତୁମ୍ଭକୁ ଅନ୍ୟ ଯାହା ବୋଲି ମନେକରୁ ପଛକେ, ଯେତେଦିନ ଯାଏ ନୀଳାଚଳରେ ସାମ୍ୟ- ମୈତ୍ରୀର ଧ୍ୱଜା ଉଡୁଥିବ, ତେତେଦିନ ଯାଏ ଓଡିଶା ସମଗ୍ର ଭାରତର ଏକତାର କେନ୍ଦ୍ରଭୂମି ହୋଇ ବିରାଜୁଥିବ। ତୁମ୍ଭେ ଏହି ଭାରତ ଜାତୀୟତା କେନ୍ଦ୍ରରେ ଅଧିକାରୀ। ଏ ଅଧିକାରର ଉପଯୁକ୍ତ କାର୍ଯ୍ୟ ନ କଲେ ଆମ୍ଭମାନଙ୍କୁ ଭାରତ ନିକଟରେ ଅପମାନିତ ହେବାକୁ ହେବ ଏବଂ ଭବିଷ୍ୟତ ପୁରୁଷମାନେ ଆମ୍ଭମାନଙ୍କର ସଂକୀର୍ଣ୍ଣତା ଓ ଅଦୂର ଦର୍ଶିତାର ନିନ୍ଦା କରିବେ। ଭାରତର ବର୍ତ୍ତମାନ ଉପର୍ଯ୍ୟୁପରି କେତେ ଘଟଣା ଘଟି ଯାଉଅଛି; କିନ୍ତୁ ସେ ସବୁରେ ଆମ୍ଭେମାନେ ଉଦାସୀନ।

ସରଳଭାବରେ କହ ଦେଖି; ଏ ଉଦାସୀନତା ଆମ୍ଭମାନଙ୍କର ବିଚକ୍ଷଣତା ନା ଦୁର୍ବଳତା ? କେହି କେହି କହନ୍ତି ଭାରତର ଜାତୀୟ ସମସ୍ୟାରେ ଯୋଗଦେବା ଭଳି ଅମ୍ଭମାନଙ୍କର ଶକ୍ତି ଜନ୍ମିନାହିଁ; କିନ୍ତୁ ଜାତୀୟତା ଗଠନର ଯେ ନିୟମ ଏଠାରେ ନିର୍ଦ୍ଦେଶ କରାଗଲା ତାହା ଦୃଷ୍ଟିରେ ଏସବୁ ଆପାତ ସଙ୍ଗତ ନୁହେଁ। ଆମ୍ଭମାନଙ୍କର ଉପଯୋଗିତା ଯାହା ହେଉନା କାହିଁକି, ଆମ୍ଭେମାନେ ସେ ଶରୀରର ଅଙ୍ଗ ବିଶେଷ ତାହାର ସମୂହ କାର୍ଯ୍ୟରେ ସମ୍ପର୍କ ରଖି ଯାହା ପାରିବା, ତାହା ନ କଲେ ଆମ୍ଭେମାନେ ଅତ୍ମଘାତୀ। ଆମ୍ଭମାନଙ୍କ ମଧ୍ୟରେ ବର୍ତ୍ତମାନ ଯେ ଜାତୀୟ ଚୈତନ୍ୟର ଜାଗରଣ ସଙ୍ଗେ ସଙ୍ଗେ ଜାତୀୟତାର ଉପଯୋଗୀ କାର୍ଯ୍ୟ ଲାଗି ଆମ୍ଭମାନଙ୍କର ଶକ୍ତି ଜନ୍ମି ଅଛି। ମାତ୍ର ସେହି ଆତ୍ମଶକ୍ତିରେ ପ୍ରତ୍ୟୟ ଜନ୍ମି ନାହିଁ। ଅଲଗା ହୋଇ ରହିଥିଲେ ଏ ପ୍ରତ୍ୟୟ କଦାପି ଜନ୍ମିବ ନାହିଁ; ଚିଲିକା ସଙ୍ଗେ ସମୁଦ୍ରର ସଂଯୋଗ ଲାଗିଥିବା ଯାଏ ଚିଲିକା ସୀମାବଦ୍ଧ କ୍ଷୁଦ୍ର ଜଳାଶୟ ନୁହେଁ, ଏହା ହ୍ରଦ ହେଲେ ସୁଦ୍ଧା ସମୁଦ୍ରର ଅଙ୍ଗ। ମୁହାଣ ବନ୍ଧ ହୋଇଗଲେ ବଢ଼ିପାଣିରେ ଏହା ଆପାତତଃ ବଡ଼ ଦିଶିପାରେ। କିନ୍ତୁ ସେ ବୃଦ୍ଧି କେବଳ ପଟୁ ସଞ୍ଚୟ ପାଇଁ ଏବଂ ଶେଷରେ ତାହା ଚିଲିକାକୁ ପୋତି ପକାଇବ।

## ୩.୬ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରବନ୍ଧ : ଜାତୀୟତାର ଭିତ୍ତିଭୂମି

ବନ ବିଦ୍ୟାଳୟର ଶିକ୍ଷକ, କବି, ଦାର୍ଶନିକ, ସମାଲୋଚକ, ପ୍ରାବନ୍ଧିକ ପଣ୍ଡିତ ନୀଳକଣ୍ଠ ବଳିଷ୍ଠ ପ୍ରତିଭାଦ୍ୱାରା ସାମାଜିକ ଓ ସାହିତ୍ୟିକ ସଂସ୍କାର କରି ଉନ୍ନତ ସଂସ୍କୃତିସମ୍ପନ୍ନ ସମାଜଗଠନ ଓ ରୁଚିପୂର୍ଣ୍ଣ ସାହିତ୍ୟ ସୃଷ୍ଟି କରିବାକୁ ବଦ୍ଧପରିକର ହୋଇଥିଲେ। ଓଡ଼ିଆପ୍ରବନ୍ଧ ସାହିତ୍ୟକୁ ନୀଳକଣ୍ଠଙ୍କ ଅବଦାନ ଅତୁଳନୀୟ । ଶିକ୍ଷା, ସଂସ୍କୃତିମୂଳକ, ସଂସ୍କାରମୂଳକ, ସମାଲୋଚନାମୂଳକ, କଳାତ୍ମକ ଓ ଆଧ୍ୟାତ୍ମିକ ଭାବନାମୂଳକ ବହୁ ଉପାଦେୟ ପ୍ରବନ୍ଧ ରଚନାକରି ଜଣେ ଅସାମାନ୍ୟ ଗଦ୍ୟଶିଳ୍ପୀ ଭାବରେ ପରିଚୟ ବହନ କରିଛନ୍ତି । 'ଆର୍ଯ୍ୟଜୀବନ' ହେଉଛି ତାଙ୍କର ଶ୍ରେଷ୍ଠ ଗଦ୍ୟକୃତି । ଏଥିରେ ତାଙ୍କର ବୌଦ୍ଧିକତା ଏବଂ ବିଶ୍ଳେଷଣାତ୍ମ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ହୋଇଥାଏ। 'ମହାତ୍ମା ଚନ୍ଦ୍ରଶେଖର ସିଂହସାମନ୍ତ' (୧୯୦୫) ହେଉଛି ତାଙ୍କର ପ୍ରଥମ ପ୍ରବନ୍ଧ । ଏତଦ୍‌ବ୍ୟତୀତ 'ମୋ ନିଶ', 'ପ୍ରତିଭାପୂଜା ଓ ପ୍ରତିମାପୂଜା', 'ନୀତି ଓ ପ୍ରକୃତି', 'ଅଛୁଁ ଓ ହେବୁଁ', 'ଜାତୀୟତାର ଭିତ୍ତିଭୂମି', 'ଯୌବନର ପ୍ରଭାବ ଓ ପ୍ରତିଷ୍ଠା', 'ଶିକ୍ଷାର ଭବିଷ୍ୟତ' ପ୍ରଭୃତି ପ୍ରବନ୍ଧ ହେଉଛି ପଣ୍ଡିତ ନୀଳକଣ୍ଠଙ୍କର ଗୋଟିଏ ଗୋଟିଏ ଅମ୍ଳାନ ସୃଷ୍ଟି । ବିଦ୍ୟାର୍ଥୀମାନଙ୍କ ଅଧ୍ୟୟନ ପାଇଁ ତାଙ୍କର 'ଜାତୀୟତାର ଭିତ୍ତିଭୂମି' ପ୍ରବନ୍ଧ ନିମ୍ନରେ ଦିଆଗଲା ।

### ଜାତୀୟତାର ଭିତ୍ତିଭୂମି :

ଜାତୀୟତା କଥାଟି ଏକ ପ୍ରକାର ନୂତନ। ପ୍ରାଚୀନ ମାନବ ପ୍ରକୃତିର ଜନ୍ତୁ ପରି ବଢ଼ୁ ଥିଲା। ତାହାର ବୃତ୍ତି ବିକାଶ ପ୍ରକୃତିର ହସ୍ତରେ ଗୋଟିଏ କ୍ରୀଡ଼ନକ ପରି ଥିଲା। କଣ କଲେ କଣ ହେବ, କେଉଁ ବୃତ୍ତିର ବିକାଶ ଓ କାହାର ନିରୋଧ କରିବାକୁ ହେବ, କାହିଁକି ଓ କିପରି ତାହା କରିବା ଉଚିତ, ଏସବୁ ଫଳାଫଳ ବିଚାର ଓ ତଦନୁରୂପ ବ୍ୟବସ୍ଥା ସ୍ପଷ୍ଟତଃ ତାହା ମନକୁ ଅଧୀନ କରି ନ ଥିଲା। ପ୍ରକୃତିର ବାଳକ ପରି ସେ ବୃତ୍ତିର ଅନନ୍ତ ଲୀଳାରେ ଚାଳିତ ହୋଇଥିଲା। ବର୍ତ୍ତମାନ ମଧ୍ୟସ୍ଥଳ ବିଶେଷରେ ଲୋକେ ଇତର ବିଶେଷ ଏ ଅବସ୍ଥାରେ ରହି ନାହାନ୍ତି। ଫଳାଫଳ ବିଚାର ଓ ଆଦର୍ଶ ସ୍ୱତଃ ପ୍ରକାଶ ପାଇଲା; ଜୀବନର ଭବିଷ୍ୟତ ବିଚାର କରି ବ୍ୟକ୍ତିବିଶେଷ କ୍ରିୟା ବିଧାନ କଲା ଏବଂ କ୍ରମେ ବ୍ୟକ୍ତିର କ୍ରିୟା ସହିତ ସମାଜିକ ଜୀବନର ଆବଶ୍ୟକତା ଅନୁଭବ କଲା। ଏହିଠାରେ ସମାଜ ଓ ଜାତିର ବିକାଶ।

ସମାଜଦ୍ୱାରା ବ୍ୟକ୍ତି ପ୍ରତିହତ; ମାତ୍ର ବ୍ୟକ୍ତିରେ ହିଁ ସମାଜ ପୁଷ୍ଟ। ସମାଜ ବ୍ୟକ୍ତିର ଆଦର୍ଶ, ବ୍ୟକ୍ତି ସମାଜର ବିଗ୍ରହ। ସମାଜଦ୍ୱାରା ବ୍ୟକ୍ତି ନିୟମିତ ହେବ, ଅଥଚ ବ୍ୟକ୍ତି ବିନା ସମାଜ ଅସମ୍ଭବ। ବ୍ୟକ୍ତି ଓ ସଂହତିର ଏହି ପରସ୍ପର ଦ୍ୱନ୍ଦ, ଘର୍ଷଣ ତଥା ଅନୁପୂରକତାରେ ମାନବ ସଭ୍ୟତାର ବିକାଶ ଚାଲିଅଛି। ବ୍ୟକ୍ତିର ଆଦର୍ଶ ହେଲେହେଁ ଏହା ବ୍ୟକ୍ତି ଜୀବନର ଅଭାବ ଅନୁଭୂତିରେ ପ୍ରତିଷ୍ଠିତ। ଏହା ବ୍ୟକ୍ତି ଜୀବନର ଭିତରୁ ବାହାରେ; ଏହା ମାନବର ଆତ୍ମବିକାଶ। କୌଣସି ନିରସ ଗୁରୁ ଉପଦେଶ ପରି ଏହା ବାହାରୁ ଆସି ବ୍ୟକ୍ତିକୁ ଆକ୍ରମଣ କରେନାହିଁ। ବ୍ୟକ୍ତି ପକ୍ଷରେ ଏହା ଗୋଟିଏ ବନ୍ଧନ, ଶୃଙ୍ଖଳ, ନିୟମ, ଫଳତଃ ନିୟନ୍ତ୍ରଣ । କିନ୍ତୁ ଏହା ସ୍ୱାଭାବିକ । ଏଥିରେ ଶାସନ ଅଛି, ଯାତନା ନାହିଁ। ଯାତନା ଥିଲେ, ଏହାର ସ୍ୱଭାବ ବିକାଶ ଅସମ୍ଭବ। ଏଥିରେ ବ୍ୟକ୍ତି ସଂକୁଚିତ ଓ ମ୍ରିୟମାଣ ହୁଏ, ଏବଂ ବେଳେବେଳେ ଲୋପପାଏ। ବ୍ୟକ୍ତି ଲୋପ ପାଇଲେ ସମାଜ ବା ରହିବ କେଉଁଠାରେ ? ତାହା ରହେ ନାହିଁ, ସଭ୍ୟତା ଲୀନ ହୁଏ। ଏହିପରି ବହୁ ଆଦର୍ଶ ଅବଲମ୍ବନ କରି ପୃଥିବୀରେ ବହୁ ସଭ୍ୟତାର ସରସ, ମୁକ୍ତ, ପ୍ରକୃତ ପରଂପରା ଛିନ୍ନ ହୋଇଅଛି। ବହୁ ଜାତି ଲୋପ ପାଇଅଛି ଏବଂ ପୃଥିବୀର ବହୁ ମୌଳିକତା ବିଲୁପ୍ତ ହୋଇଅଛି।

ସମୂହଭାବେ ପୃଥିବୀର ସଭ୍ୟତା ଦେଖିଲେ ସଂହତି, ଜୀବନର ଆଦର୍ଶ, ଅର୍ଥାତ୍ ଜାତୀୟତାର ଭିତ୍ତିଭୂମି ବାରମ୍ବାର ପରିବର୍ତ୍ତିତ ହୋଇଅଛି। ସରଳ, ସ୍ୱାଧୀନ ଓ ପ୍ରାକୃତିକ ବିକାଶ ପ୍ରଚାରିତ ଭାବରାଶିରେ ପ୍ଲାବିତ ହୋଇଅଛି। ଜଣେ ପ୍ରଖ୍ୟାତ ସମାଜତତ୍ତ୍ୱସନ୍ଧିତ୍ସୁ ପାରିବାରିକ ଜୀବନରେ ଏହି ଜାତୀୟ ଭାବର ଆଦିମ ବିକାଶ ଅନ୍ମାନ କରିଅଛନ୍ତି। ବାସ୍ତବିକ ତାହାହିଁ ହୋଇଥିବ। ବ୍ୟକ୍ତିର ପ୍ରଥମ ଆତ୍ମପ୍ରସାଦ ପରିବାରରେ। ପରିବାର ହିଁ ସଞ୍ଚିତ ଜୀବନର ବୀଜ; ସମାଜ ଓ ଜାତିର ଆଦିସ୍ଥାନ। ଏହି ପରିବାରର ଶୁଭାଶୁଭ କଳନାରେ ପ୍ରଥମେ ବ୍ୟକ୍ତିର ବିଶୃଙ୍ଖଳତା ନିୟମିତ ହୋଇଥିବ। ଆଜି ମଧକେବଳ ପରିବାରରେ ଜାତୀୟତା ସୀମାବଦ୍ଧ ରହିବା ସମ୍ଭବ ନୁହେଁ।

ପଣ୍ଡିତମାନେ ସ୍ଥିର କରନ୍ତି, ପୃଥିବୀର ଆର୍ଯ୍ୟଜାତି ଆଦିମ କାଳରେ ଏହି ପାରିବାରିକ ଜାତୀୟତାରେ ହିଁ ବଢୁଥିଲେ। ପ୍ରଗ୍‌ବୈଦିକ ଯୁଗର ଯେଉଁ ଅନୁଷ୍ଠାନ ସବୁ ଆମ୍ଭେମାନେ ବେଦରୁ ପାଉଅଛୁଁ ତାହା ଏହି ଭାବେ ସମର୍ଥନ କରୁଅଛି। ପିତା ପରିବାରର ପୁରୋହିତ, ଯୁବକ ଯୋଦ୍ଧା, ଦୁହିତା ଧାତ୍ରୀ ଏବଂ ମାତା କର୍ତ୍ତ୍ରୀ। ପରେ ଜାତିବିଭାଗ ହେଲା; କିନ୍ତୁ ସେଠାରେ ମଧସେହି ପରିବାର ଭାବର ବ୍ୟାପ୍ତି। ସମାଜରେ କେହି ପୁରୋହିତ, କେହି ଯୋଦ୍ଧା, କେହି ଧନାଧିକାରୀ, କେହି ସେବକ। ସେତିକି ନୁହେଁ, ଏହି ସମାଜିକ ଶୃଙ୍ଖଳାରେ ମଧପାରିବାରିକତା ଓ ରକ୍ତସମ୍ପର୍କର ଭାବ ଦୃଢ଼ ଥିଲା। ସେ ଭାବ ଇତର ବିଶେଷ ପରିମାଣରେ ଆଜି ପର୍ଯ୍ୟନ୍ତ ରହିଅଛି। ଏହାହିଁ ଭାରତୀୟ ଗୋଷ୍ଠୀର ସ୍ମରଣ କରେ, ସଗୋତ୍ରରେ ବିବାହ ନିଷେଧ କରେ। ଆଦିମ ବିକାଶ ସବୁଠାରେ ଏହିପରି, କିନ୍ତୁ ଏହା ବହୁଦିନ ସର୍ବତ୍ର ସ୍ଥିର ରହି ନାହିଁ। ବ୍ୟକ୍ତି ଯେତେବେଳେ ଆଦର୍ଶରେ ଚାଳିତ ହେଲା, ଯେତେବେଳେ ସେ ବୁଝିଲା କୌଣସି ସମୂହ ଆଦର୍ଶ ବିନା ବିକାଶ ଅସମ୍ଭବ; ସେତେବେଳେ ଆଦର୍ଶ ପ୍ରତି ତାହାର ଆକାଂକ୍ଷା ବଳବତ୍ତ ହେଲା ଏବଂ କୌଣସି ବ୍ୟକ୍ତି ନିଜର ମନୀଷାସମ୍ଭୁତ ଆଦର୍ଶର ଲୋକସମାଜରେ ବିକାଶକୁ ନିୟମିତ କରିବାକୁ ପ୍ରୟାସୀ ହେଲେ। ଏହି ଠାରେ ପ୍ରଚାରିତ ଧର୍ମବାଦର ତାଣ୍ଡବ। ବୁଦ୍ଧ, କନ୍‌ଫୁସିୟସ, ଯୀଶୁ, ମହମ୍ମଦ ପ୍ରଭୃତି ଏଥିରେ ପ୍ରମଥନାଥ। ଏହିଠାରେ ଜାତୀୟ ଆଦର୍ଶ ଉପରେ ବ୍ୟକ୍ତିର ପ୍ରତିଶୋଧ। ସଂହତି ଜୀବନର ଆବଶ୍ୟକତାରେ ପାରିବାରିକ ଜୀବନର ସ୍ୱତଃ ବିକାଶ ହେଲା। ତାହାର ବ୍ୟାପ୍ତିରେ ଏକପ୍ରକାର ଜାତୀୟତା ‘ୁଟିଲା। ବ୍ୟକ୍ତି ସେଥିରେ ନିୟମିତ ଓ ଶାସିତ ହେଲା ; କିନ୍ତୁ ବହୁଦିନ ସହିଲା ନାହିଁ। ପୁଣି ସଂହତି ଉପରେ ବ୍ୟକ୍ତିର ରାଜତ୍ୱ। ବ୍ୟକ୍ତିଗତ ମନୀଷୀର ଆଘାତରେ ସଂହତି ଆଦର୍ଶର ପରିବର୍ତ୍ତନ।

ଧର୍ମବାଦର ନାନା ବ୍ୟାଖ୍ୟା ଥାଇପାରେ। ଧାର୍ମିକ ମତବାଦୀମାନେ ତାହାକୁ ଯାହା କହନ୍ତି, ଜାତୀୟତାର ବିକାଶରେ ପ୍ରଚାରିତ ଧର୍ମବାଦର ଏ କ୍ରିୟା ଅସ୍ୱୀକାର କରିହେବ ନାହିଁ। ଏହି ଧର୍ମଭାବର ଜାତୀୟତାରେ ଚାଳିତ ହୋଇ ସମସ୍ତ ଖ୍ରୀଷ୍ଟୀଆନ-ଇଉରୋପ ବିବାଦ-ବିସମ୍ବଦ ଭଳି ଶତଶତ ବର୍ଷବ୍ୟାପୀ କ୍ରୁସେଡ ଯୁଦ୍ଧରେ ବ୍ୟାପିତ ଥିଲା। ମୁସଲମାନ ଏହି ଭାବରେ ଦିନେ ସମସ୍ତ ପ୍ରାଚ୍ୟ ଭୂଖଣ୍ଡ ପ୍ଲାବିତ କରିଥିଲା; ଲକ୍ଷ ଲକ୍ଷ ନରହତ୍ୟା କରି ଧର୍ମାର୍ଜନ କରୁଛି ବୋଲି ବିଚାରୁଥିଲା । ଆଜି ମଧସେ ଭାବ ସଂଯତ ଓ ସଂକୁଚିତ ହେଲେହେଁ ବିଲୁପ୍ତ ହୋଇନାହିଁ। କାହିଁ ତୁରସ୍କର ମୁସଲମାନ, କାହିଁ ଭାରତପଲ୍ଲୀର ମୁସଲମାନ ! କି ଜାତୀୟ ଭାବରେ ଉଦବୁଦ୍ଧ ହୋଇ ଭାରତର ପଲ୍ଲୀବାସୀ ତୁରସ୍କ ଆଡ଼କୁ ଚାହିଁ ବସିଅଛି ? କେଉଁ ଭାବରେ ବା ପ୍ରଣୋଦିତ ହୋଇ ଖ୍ରୀଷ୍ଟୀଆନ୍ ମିତ୍ର-ଶକ୍ତି-ପୁଞ୍ଜୀ ଇଉରୋପରେ ତୁରସ୍କର ଅହଙ୍କାରକୁ ଅସହ୍ୟ ମନେକରୁ ଅଛି ?

କିନ୍ତୁ ଏ ଧର୍ମଗତ ଜାତୀୟତା ବହୁ ବିସ୍ତୀର୍ଣ୍ଣ ଓ ବ୍ୟାପକ ହେଲେହେଁ ସ୍ଥାୟୀ ହେବାର ନୁହେଁ। ମୂଳତଃ ଏହା ସଂହତି ଉପରେ ବ୍ୟକ୍ତିର ଅତ୍ୟାଚାର; ସଂହତିର ପ୍ରାକୃତିକ ବିକାଶ ନୁହେଁ। ପ୍ରାକୃତିକ ଜାତୀୟ ବିକାଶ ଏଥି ମଧ୍ୟରେ ଭିନ୍ନ ଗତି କରୁଅଛି। ଭିନ୍ନ ଦେଶବାସୀ ଏକ ଧର୍ମାବଲମ୍ବୀଙ୍କ ମଧ୍ୟରେ ରାଜନୈତିକ ଓ ସାମାଜିକ । ପାର୍ଥକ୍ୟ ଅବଶ୍ୟମ୍ଭାବୀ। ଏ ପାର୍ଥକ୍ୟ ବଳରେ ଜାତୀୟତାର ପୃଥକ୍ ବିକାଶ ସ୍ୱାଭାବିକ। ଧର୍ମରେ ଭାରତର ମୁସଲମାନ ତୁରସ୍କର ମୁସଲମାନ ସଙ୍ଗେ ଏକ ହୋଇପାରେ; କିନ୍ତୁ ଜୀବନସଂଗ୍ରାମରେ ଦୁହେଁ ଏକପଥାବଲମ୍ବୀ ହୋଇପାରିବେ ନାହିଁ। ଭାରତର ରାଜନୀତି, ସ୍ୱାସ୍ଥ୍ୟ, ଶିକ୍ଷା, ସଭ୍ୟତା ପ୍ରଭୃତି ଆଲୋଚନା କଲାବେଳେ ତୁରସ୍କକୁ ଚହିଁବାକୁ ଭାରତୀୟର ଅବକାଶ କାହିଁ? ଫଳତଃ ଧର୍ମଗତ କୃତ୍ରିମ ଆଦର୍ଶ ଛାଡ଼ି ଜାତୀୟତା କୌଣସି ପ୍ରାକୃତିକ ଆଦର୍ଶ ଅବଲମ୍ବନ କରିବ। ଆଦିମ ପରିବାର-ଭାବ, ତଥା ଅପ୍ରାକୃତିକ ଧର୍ମଭାବ ଏହି ପରବର୍ତ୍ତୀ ଜାତୀୟ ଭାବର ଅଧୀନ ହୋଇ ସେଥିରେ ବିଲୀନ ହେବ। ଏହି ପ୍ରାକୃତିକ ଆଦର୍ଶ ତେବେ କଣ ? ଆଧୁନିକ ଜଗତରେ ରାଜନୀତିର ଲୀଳା। ଜୀବନ-ସଂଗ୍ରାମରେ ଆଜି ଶାସନତନ୍ତ୍ର ହିଁ ପୃଥିବୀବାସୀର ସମସ୍ତ ଭାବ ଅଧିକାର କରିଅଛି। ଶାସନତନ୍ତ୍ର କିପରି ହେବ, ଶାସନତନ୍ତ୍ରର ନିୟାମକତାରେ ଲୋକସାଧାରଣର ଭାବ କିପରି ପ୍ରତିଷ୍ଠିତ ହେବ, ଫଳତଃ ରାଜ୍ୟର ଶାସନ କିପରି ଲୋକସମୂହର ଆବଶ୍ୟକତାର ଯଥାର୍ଥ ପରିପୂରକ ହେବ, ଲୋକର ଆତ୍ମବିକାଶ କିପରି ଦେଶର ନିୟମତନ୍ତ୍ର ହେବ, ଏହାହିଁ ବର୍ତ୍ତମାନ ଜାତୀୟତାର ଲକ୍ଷଣ। ବିଶିଷ୍ଟ ଭୂମିଖଣ୍ଡ ହିଁ ଏହାର କର୍ମକ୍ଷେତ୍ର । ଏକ ପରିବାର ବା ଧର୍ମର ଲୋକ ଭାରତ ତଥା ଦକ୍ଷିଣ ଆଫ୍ରିକାରେ ରହିପାରନ୍ତି ; କିନ୍ତୁ ଭାରତୀୟ ଭାରତର ଜାତୀୟତାରେ ନିୟନ୍ତ୍ରିତ ହେବେ । ଦୁଇ ଭୂମିର ଅଭାବ ଓ ଆବଶ୍ୟକତା ଏକ ନୁହେଁ, ଫଳତଃ ଜାତୀୟତା ଏକ ହୋଇ ନପାରେ।

ବିଶିଷ୍ଟ ଭୂମିଖଣ୍ଡ ଜାତୀୟତାର ବିଗ୍ରହ, ଜାତୀୟ ଆଦର୍ଶର ଗଣ୍ଡି; କିନ୍ତୁ ପ୍ରାଣ କିଏ ? ସମସ୍ତେ ସ୍ୱୀକାର କରିବେ ଭାବ ହିଁ ଏହାର ପ୍ରାଣ, ଭାବର ପ୍ରଚାରରେ ଏହି ଆଦର୍ଶର ପ୍ରାଣ - ପ୍ରତିଷ୍ଠା ହେବ। ଲୋକସାଧାରଣ ଯେତେ ଅଧିକ ପରିମାଣରେ ଜାତୀୟଭାବ ହୃଦୟଙ୍ଗମ କରିବେ, ସେତିକି ଏ ନବୀନ ଜାତୀୟ ଭାବର ପୁଷ୍ଟି ଓ ପ୍ରଚାର ହେବ। ଏହିଠାରେ ଜାତୀୟ ଭାଷା ଓ ଜାତୀୟ ସାହିତ୍ୟର କାର୍ଯ୍ୟ।

ଦେଶ ତଥା ପ୍ରଦେଶ, ଯେକୌଣସି ବିଶିଷ୍ଟ ଭୂଖଣ୍ଡରେ ଏକ ସାହିତ୍ୟ ତଥା ଏକ ଭାଷା ହେବା ଉଚିତ। ଭାବର ପ୍ରଚାର ନିମନ୍ତେ ଏହାହିଁ ଏକମାତ୍ର ପନ୍ଥା। ପୃଥିବୀର ସୁସଭ୍ୟ ଜାତିମାନେ ଏହା ବୁଝିଅଛନ୍ତି; ମାତ୍ର ସ୍ଥଳବିଶେଷରେ ସଂକୀର୍ଣ୍ଣ ସ୍ୱାର୍ଥ ଓ ଆପାତପ୍ରୀତି ବେଳେବେଳେ ଏ ଭାବରେ ବିଶୃଙ୍ଖଳା ଘଟାଉଛି। ବର୍ତ୍ତମାନ ଯୁଗରେ ପୃଥିବୀ ସମସ୍ତଙ୍କପାଇଁ ଏକପ୍ରକାର ଉନ୍ମୁକ୍ତ। ଜର୍ମାନ୍ ଆମେରିକାରେ, ଆମେରିକାନ୍ ଆଫ୍ରିକାରେ, ଇଂରେଜ ଭାରତରେ, ଭାରତୀୟ ଫିଲିପାଇନ୍‌ରେ, ଜାପାନିଜ୍ କାନାଡାରେ, କାନାଡିଆନ୍ ବ୍ରାଜିଲରେ - ଏହିପରି ଯେ ଯେଉଁଠାରେ ଇଚ୍ଛା ସେଠାରେ ସ୍ଥାୟୀ ବାସ କରିପାରନ୍ତି। କିନ୍ତୁ ନୂତନ ବାସଭୂମିକୁ ସେମାନେ ନିଜର ସବୁ ଘେନି ଯାଆନ୍ତୁ, ମାତ୍ର ସାହିତ୍ୟର ଭାଷା ଘେନି ଗଲେ ଚଳିବ ନାହିଁ। ସେମାନଙ୍କ ମାତୃଭାଷା ଯାହାହେଉ, ଦେଶୀ ଭାଷା - ସ୍କୁଲ, କଲେଜ କଚେରି ଓ ଲେଖାପଢ଼ା ଆଲୋଚନାର ଭାଷା ସର୍ବଦା ବିଶିଷ୍ଟ ଭୂମିଖଣ୍ଡରେ ଏକ ହେବା ଉଚିତ ଏବଂ କାଳକ୍ରମେ ସେହି ଦେଶଖଣ୍ଡର ଭାଷା ହିଁ କିପରି ତାଙ୍କର ମାତୃଭାଷା ହେବ, ସେଥିପାଇଁ ତାଙ୍କର ବିଶିଷ୍ଟ ଲକ୍ଷ୍ୟ ଥିବା ବିଧେୟ; ତାହା ନହେଲେ ଫଳରେ ସେମାନେ ଆତ୍ମଘାତୀ ଓ ଦେଶଦ୍ରୋହୀ। ଆପାତ ମୋହର ଏପରି ଆତ୍ମନାଶପ୍ରବଣତା ମନୁଷ୍ୟକୁ ବେଳେବେଳେ ଗ୍ରାସକରେ ; କିନ୍ତୁ ତାହା ଅନୁଚିତ। କର୍ତ୍ତବ୍ୟଜ୍ଞାନରେ ସେ ମୋହ ଭେଦ କରିବାକୁ ହେବ।

ଆମେରିକାର ଯୁକ୍ତରାଜ୍ୟ ଗୋଟିଏ, ନୂତନ ଦେଶ। ଆଜିକୁ ଦୁଇଶ ବର୍ଷ ତଳେ ସେଠାରେ କୌଣସି ପ୍ରକାର ରାଜନୈତିକ ଜାତୀୟଭାବ ସ୍ପଷ୍ଟ ପ୍ରକାଶ ପାଇ ନଥିଲା। ନାନା ଦେଶୀ, ନାନା ଭାଷୀ ଲୋକଙ୍କର ସମନ୍ୱୟରେ ଏହା ଏକ କିମ୍ଭୁତକିମାକାର ବସ୍ତୁ ଥିଲା। କିନ୍ତୁ ଜାତୀୟତାର ବିକାଶ ସଙ୍ଗେ ସେମାନଙ୍କର ଜୀବନ ଶୃଙ୍ଖଳାବଦ୍ଧ ହୋଇଅଛି। ସେମାନେ ପୃଥିବୀର ଆଜି ଗୋଟିଏ ସୁସଭ୍ୟ ଜାତି। ଇଂରେଜଭାଷୀ ଲୋକଙ୍କ ସଂଖ୍ୟା ସେଠାରେ ବେଶି। ଜର୍ମାନ, ଫ୍ରେଞ୍ଚ ପ୍ରଭୃତି ମଧ୍ୟସେଠାରେ ବସତି ସ୍ଥାପନ କରିଅଛନ୍ତି। ଦେଶରେ ଧର୍ମ ମତବାଦର ସଂଖ୍ୟା ନାହିଁ। ପାରିବାରିକତାର ସୀମା ନାହିଁ। ମାତୃଭାଷା (Mother-Tongue) ର ବିଭିନ୍ନତା ମଧ୍ୟକ୍ୱଚିତ୍ ଦେଖାଯାଏ। କିନ୍ତୁ ସେମାନଙ୍କର ଦେଶୀଭାଷା (vernacular) ଇଂରେଜୀ। ଜାତୀୟତାର ପ୍ରତିଷ୍ଠା ଓ ବିକାଶ ସହଜ ଏବଂ ସୁଗମ ହେବ ବୋଲି ସେମାନେ ଆଇନ କରିଅଛନ୍ତି – "ଯେ ଇଂରାଜୀକୁ ଦେଶୀଭାଷା ବୋଲି ସ୍ୱୀକାର ଓ ପାଳନ ନ କରିବ, ସେ ଆମେରିକା ଯୁକ୍ତରାଜ୍ୟର ସ୍ଥାୟୀ ଅଧିବାସୀର କୌଣସି ଅଧିକାର ପାଇବ ନାହିଁ"।

ଭାରତର ଶାସନ ପ୍ରାଦେଶିକ ସ୍ୱତନ୍ତ୍ର ଆଡକୁ ଯାଉଅଛି। ପ୍ରଦେଶ ହିଁ ଭାରତର ରାଜନୈତିକ କର୍ମକେନ୍ଦ୍ର ହେବ। ଦିନେ ସମଗ୍ର ଭାରତପଇଁ ଏକ ସାଧାରଣ ଭାଷା ହୋଇପାରେ। ମାତ୍ର ପ୍ରାଦେଶିକ ଭାଷା ହିଁ ମୁଖ୍ୟ ଭାବରେ ଜାତୀୟ ଭାଷା ହେବ ; ସେହି ଭାଷା ଓ ସାହିତ୍ୟ ବଳରେ ଲୋକର ଭାବ ପ୍ରଚାରିତ ହେବ। ଭାରତର ପ୍ରଦେଶମାନଙ୍କରେ ପ୍ରାଦେଶ ଓ ଦେଶାନ୍ତରର ଲୋକଙ୍କ ବସତି ବହୁତ। ବେଳେବେଳେ ମାତୃଭାଷାର ମୋହରେ ଜାତୀୟ ଭାଷାକୁ ଅନାଦର କରିବା ଗୋଟିଏ ଆପାତ ପ୍ରଲୋଭନ ପରତନ୍ତ୍ର - ଲୋକେ ଦେଖାଯାଆନ୍ତି। କିନ୍ତୁ ମନେ ରଖିବାକୁ ହେବ, ଏ ପ୍ରଲୋଭନ କାମ୍ୟ ନୁହେଁ। ଏଥିରେ ଆଶାନାଶ ଓ ଜାତିଦ୍ରୋହିତା ହିଁ ସାର। ଭାଷା ଓ ସାହିତ୍ୟ ଛଡ଼ା ଅନ୍ୟ କୌଣସି ପ୍ରଭେଦ ପ୍ରାର୍ଥକ୍ୟରେ ଜାତୀୟତାର କ୍ଷତି ନାହିଁ। ଭାଷା ଓ ସାହିତ୍ୟ ହିଁ ଆଧୁନିକ ଜାତୀୟତାର ଭିତ୍ତିଭୂମି।

## ୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।

(କ) ଗଦ୍ୟସାହିତ୍ୟର ବିଭିନ୍ନ ବିଭାଗ ସଂପର୍କରେ ଲେଖ ।

(ଖ) ସତ୍ୟବାଦୀଯୁଗର ଗଦ୍ୟସାହିତ୍ୟର ପରିଚୟ ଦିଅ ।

(ଗ) ସତ୍ୟବାଦୀଯୁଗର ନାଟକ।

(ଘ) ସତ୍ୟବାଦୀଯୁଗର ପ୍ରାବନ୍ଧିକଙ୍କ ପରିଚୟ ପ୍ରଦାନ କର ।

### (୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।

(କ) ସତ୍ୟବାଦୀ ଯୁଗୀୟ ଗଦ୍ୟସାହିତ୍ୟର ସ୍ୱରୂପ ନିର୍ଣ୍ଣୟ କର ।

(ଖ) 'ଓଡିଆଜାତି କିଏ' ପ୍ରବନ୍ଧରେ ପ୍ରାବନ୍ଧିକଙ୍କ ଜାତୀୟତାବାଦୀ ଚିନ୍ତାଧାରା କିଭଳି ପ୍ରକାଶିତ ହୋଇଛି ଆଲୋଚନା କର ।

(ଗ) 'ଭାଷା ଓ ସାହିତ୍ୟ ହିଁ ଆଧୁନିକ ଜାତୀୟତାର ଭିତ୍ତିଭୂମି'- ଉକ୍ତିଟିର ଯଥାର୍ଥତା ନୀଳକଣ୍ଠଙ୍କ ପ୍ରବନ୍ଧ ଅନୁସରଣରେ ଆଲୋଚନା କର ।

## ୩.୮ ସହାୟକ ଗ୍ରନ୍ଥସୂଚୀ


- ଆଚାର୍ଯ୍ୟ, ବୃନ୍ଦାବନ ଚନ୍ଦ୍ର– ସତ୍ୟବାଦୀଯୁଗ (୧୯୬୩), ଦାସ୍ ବ୍ରଦର୍ସ, ବ୍ରହ୍ମପୁର
- ମହାପାତ୍ର, ଡକ୍ଟର ପ୍ରେମାନନ୍ଦ - ଓଡିଆ ସାହିତ୍ୟର ଇତିହାସ (୨୦୧୯) ସତ୍ୟନାରାୟଣ ବୁକ୍ ଷ୍ଟୋର୍, କଟକ-୨
- ମିଶ୍ର, ଡକ୍ଟର ଗୋପାଳଚନ୍ଦ୍ର – ଗୋପବନ୍ଧୁଙ୍କ ସାହିତ୍ୟ ଓ ଜୀବନଦର୍ଶନ(୧୯୯୦) ଗ୍ରନ୍ଥମନ୍ଦିର, କଟକ-୨
- ପ୍ରଧାନ ଡକ୍ଟର କୃଷ୍ଣଚନ୍ଦ୍ର – ଓଡିଆ ସାହିତ୍ୟର ଇତିହାସ (୨୦୧୨) ବିଦ୍ୟାପୁରୀ, କଟକ

# ଚତୁର୍ଥ ଏକକ : ଆତ୍ମିକ ଓ ଆଙ୍ଗିକ ବିଭବ

**ବିଷୟ ଗଠନ :**

୪.୧ ପଠନର ଉଦ୍ଦେଶ୍ୟ
୪.୨ ଶିକ୍ଷଣୀୟ ବିଷୟ
୪.୩ ବିଷୟ ପ୍ରବେଶ
୪.୪ ସତ୍ୟବାଦୀ ସାହିତ୍ୟର ଆଙ୍ଗିକ ବିଭବ
୪.୫ ସତ୍ୟବାଦୀ ସାହିତ୍ୟର ଆତ୍ମିକ ବିଭବ
୪.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୪.୭ ସହାୟକ ଗ୍ରନ୍ଥସୂଚୀ

## ୪.୧ ପଠନର ଉଦ୍ଦେଶ୍ୟ

ଉନ୍ନତ ଆଦର୍ଶ ଓ ମୂଲ୍ୟବୋଧର ଭିତ୍ତି ଉପରେ ଏକ ସୁସ୍ଥ ସମାଜଜୀବନ ଗଠନ କରିବାର ଆଭିମୁଖ୍ୟ ବହନ କରି ସତ୍ୟବାଦୀ ସାହିତ୍ୟ ସାଧକମାନେ ସାହିତ୍ୟ ସୃଷ୍ଟି କରିଥିଲେ । ସତ୍ୟବାଦୀ ସାହିତ୍ୟରେ ତେଣୁ ପବିତ୍ରସୁନ୍ଦର ଭାବ ଓ ଭାବନା ସହିତ ସମୁନ୍ନତ ରୁଚି ପ୍ରତିଫଳିତ ହୋଇଥାଏ । ସତ୍ୟବାଦୀ ସାହିତ୍ୟସ୍ରଷ୍ଟାମାନଙ୍କର ମହତ୍ତର ଆଭିମୁଖ୍ୟ ତଥା ତାଙ୍କର ଆଦର୍ଶବିମଣ୍ଡିତ ହୃଦୟରୁ ସାହିତ୍ୟ ସୃଷ୍ଟି ହୋଇଥିବାରୁ ସେଥିରେ କୌଣସି ପ୍ରକାର ଆଳଙ୍କାରିକତା କି କ୍ଳିଷ୍ଟ ବୌଦ୍ଧିକତା ଦେଖିବାକୁ ମିଳି ନ ଥାଏ । ସରଳସୌନ୍ଦର୍ଯ୍ୟ ଓ ପାଠକପ୍ରିୟତା ଘେନି ଏହି ସାହିତ୍ୟ ଜନଗଣଙ୍କୁ ଉଦ୍‌ବୋଧିତ କରିଥାଏ । ସତ୍ୟବାଦୀ ସ୍ରଷ୍ଟାଙ୍କର ଦୃଷ୍ଟିକୋଣ ଅନୁଯାୟୀ ଏହି ସାହିତ୍ୟର ଆତ୍ମିକ ଓ ଆଙ୍ଗିକ ବୈଶିଷ୍ଟ୍ୟ ପ୍ରତିଷ୍ଠା ହୋଇଛି । ଯେଉଁ ଆତ୍ମିକ ଓ ଆଙ୍ଗିକ ବୈଶିଷ୍ଟ୍ୟ ଯୋଗୁଁ ସତ୍ୟବାଦୀ ଯୁଗର ସାହିତ୍ୟ, ମହତ ଭାବ ଓ ଭାବନାରେ ଓଡ଼ିଆ ଜାତିକୁ ବହୁଳ ଭାବରେ ପ୍ରଭାବିତ କରିଥିଲା ଓ ଓଡ଼ିଆ ସାହିତ୍ୟରେ ମହତ୍ୱପୂର୍ଣ୍ଣ ।

## ୪.୨ ଶିକ୍ଷଣୀୟ ବିଷୟ

ଏହି ଏକକ ଅଧ୍ୟୟନ ଦ୍ୱାରା ବିଦ୍ୟାର୍ଥୀମାନେ ନିମ୍ନଲିଖିତ ବିଷୟ ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ :-

- ସତ୍ୟବାଦୀଯୁଗର ସାହିତ୍ୟରେ ପ୍ରତିଫଳିତ ହୋଇଥିବା ବିଭିନ୍ନ ଚିନ୍ତା ଓ ଚେତନା ।
- ସତ୍ୟବାଦୀ ସାହିତ୍ୟର ଅନ୍ତଃସ୍ୱର
- ସତ୍ୟବାଦୀ ସାହିତ୍ୟର ଆଙ୍ଗିକ ସ୍ୱରୂପ

## ୪.୩ ବିଷୟ ପ୍ରବେଶ

ସାହିତ୍ୟର ଦୁଇଟି ରୂପକୁ ନେଇ ତାହାର ବୈଶିଷ୍ଟ୍ୟ ନିରୂପିତ ହୋଇଥାଏ । ଗୋଟିଏ ହେଉଛି ତାହାର ଆଙ୍ଗିକରୂପ ଓ ଅନ୍ୟଟି ହେଉଛି ଆତ୍ମିକ ରୂପ । ଗୋଟିକରେ ତାହାର ଗଠନଗତ ଶୋଭା ଅବଧାରିତ ହୋଇଥାଏ ଓ ଅନ୍ୟଟିରେ ତାହାର ଆତ୍ମିକଶୋଭା ପ୍ରସ୍ଫୁଟିତ ହୋଇଥାଏ । ଆଙ୍ଗିକ (Form) ରୂପ ଓ ଆତ୍ମିକ (Matter) ରୂପର ପ୍ରକୃତ ଅଧ୍ୟୟନ ଦ୍ୱାରା ସାହିତ୍ୟର ଉଚିତ ମୂଲ୍ୟାୟନ ହୋଇଥାଏ । ସତ୍ୟବାଦୀଯୁଗର ସାହିତ୍ୟସ୍ରଷ୍ଟାଗଣ ତାଙ୍କର ସାହିତ୍ୟର ଅଂଗ ଓ ଆତ୍ମାର ଗଠନ ସକାଶେ ଯେଉଁ ଆଦର୍ଶ ଅନୁସରଣ କରିଥିଲେ, ତାହା ଏଠାରେ ଆଲୋଚନାର ବିଷୟ । ଦୁଇଟି ଶିରୋନାମା ଭିତ୍ତିରେ ଏହି ଆଲୋଚନାକୁ ସ୍ପଷ୍ଟ କରିବା ପାଇଁ ପ୍ରୟାସ କରାଯାଇଛି ।

## ୪.୪ ସତ୍ୟବାଦୀ ସାହିତ୍ୟର ଆଙ୍ଗିକ ବିଭବ

**କାବ୍ୟ :-** ସତ୍ୟବାଦୀ ଯୁଗର ପୂର୍ବବର୍ତ୍ତୀ ରାଧାନାଥ ଯୁଗରେ ଆଧୁନିକ ସାହିତ୍ୟର ଯେଉଁ ଆଙ୍ଗିକ ଆଦର୍ଶ ପ୍ରତିଷ୍ଠା ହୋଇଥିଲା ତାହା ଏହିଯୁଗର ସ୍ରଷ୍ଟାମାନଙ୍କ ଦ୍ୱାରା ଅନୁସୃତ ହୋଇଥିଲା । ସତ୍ୟବାଦୀଯୁଗରେ ରଚିତ କାବ୍ୟର ଆଙ୍ଗିକ ଶୈଳୀ ତେଣୁ ରାଧାନାଥ ଯୁଗୀୟ କାବ୍ୟ ଓ ଖଣ୍ଡକାବ୍ୟ ଶୈଳୀରେ ରଚିତ ହୋଇଛି । ଗୋପବନ୍ଧୁଙ୍କର 'ଧର୍ମପଦ', ପଣ୍ଡିତ ନୀଳକଣ୍ଠଙ୍କ 'କୋଣାର୍କେ' 'ପ୍ରଣୟିନୀ', 'ଖାରବେଳ', 'ଦାସନାଏକ' ଆଦି, ଆଲୋଚ୍ୟ କାଳରେ କାବ୍ୟ ବା ଖଣ୍ଡକାବ୍ୟ ଶୈଳୀରେ ରଚିତ ହୋଇଛି । ସତ୍ୟବାଦୀ ଯୁଗର କବିମାନେ ରାଧାନାଥଙ୍କ ପରି ଗୀତିକାବ୍ୟର ଆଙ୍ଗିକରେ କାବ୍ୟ ରଚନା କରିଥିଲେ । ନୀଳକଣ୍ଠଙ୍କ 'କୋଣାର୍କେ' କାବ୍ୟର ଶେଷ ଅଂଶକୁ ଛାଡ଼ିଦେଲେ ରାମଚଣ୍ଡିରେ ସଂଧ୍ୟା ଓ ସକାଳ ବର୍ଣ୍ଣନା ଗୀତିକାବ୍ୟ ଆଙ୍ଗିକଶୈଳୀରେ ହୋଇଛି । ଯେମିତିକି:-

"କି କରାଳ ଆଜି ରଜନୀ ବହେ ଝଞ୍ଜା ପବନ,
ତରା ନ ଦିଶଇ ଗଗନେ, ଶୁଭେ ଘନ ଗର୍ଜନ ।
ମୂଷଳ ଧାରାରେ ଝଟିକା ଦିଏ କଚାଡ଼ି କେବେ,
ଶୋଇ ପଡ଼ିଛ ତ ବାପା ହେ ଜାଣୁ ନଥିବ ଲବେ ।"

ଏହିପରି ବର୍ଣ୍ଣନାର ଗୀତିଧର୍ମିତା, 'କୋଣାର୍କେ' କାବ୍ୟକୁ ଉଚ୍ଚକୋଟୀର ଗୀତିକାବ୍ୟ ରୂପେ ଅଭିହିତ କରିଥାଏ ।

**କବିତା :-** ଆଲୋଚ୍ୟକାଳରେ ରଚିତ ଖଣ୍ଡକବିତା ହିଁ ସତ୍ୟବାଦୀଯୁଗର ସାହିତ୍ୟର ଆଙ୍ଗିକ ଆଦର୍ଶକୁ ମୁଖ୍ୟତଃ ପୁଷ୍ଟ କରିଛି । ଗୋପବନ୍ଧୁ ଦାସ ଓ ଗୋଦାବରୀଶ ମିଶ୍ର ଅନେକ କବିତା ରଚନା କରି ଓଡ଼ିଆ ସାହିତ୍ୟରେ ଗୀତିକବିତାକୁ ଏକ ନୂତନ ପରିଚୟ ପ୍ରଦାନ କରିଥିଲେ । ସତ୍ୟବାଦୀ ଯୁଗର ଏହି ଦୁଇ କୃତବିଦ୍ୟ ସ୍ରଷ୍ଟାଙ୍କୁ ଗୀତିକବି ଭାବରେ ଗ୍ରହଣ କରା ଯାଇପାରେ । ସାରଳା ଦାସଙ୍କୁ ପ୍ରଶସ୍ତି ଜଣାଇ କବି ଗୋପବନ୍ଧୁ ଲେଖିଛନ୍ତି :-

"ଉଠୁ ଘରେ ଘରେ    ଅକୁଣ୍ଠିତ ସ୍ୱରେ
ସ୍ୱାଧୀନ ସଙ୍ଗୀତ ଧ୍ୱନି
ଗାଆନ୍ତୁ ଉତ୍କଳେ    ବୃଦ୍ଧ ଯୁବା କୁଳ
ପ୍ରିୟ ଭାରତ ଜନନୀ ।

ଏହି ପଦର ଗୀତିମୟତା କେତେ ମଧୁର ଓ ପ୍ରାଣସ୍ପର୍ଶୀ । ଗୋପବନ୍ଧୁଙ୍କର ଫକାରାକବିତା', 'ଅବକାଶଚିନ୍ତା' ଓ ଗୋଦାବରୀଶଙ୍କ ଫକିଶଳୟ', 'ଚୟନିକା' ପ୍ରଭୃତି କବିତା ଗ୍ରନ୍ଥର ଅଧିକାଂଶ ଗୀତି କବିତା ଆଲୋଚ୍ୟ ସମୟରେ ରଚିତ ହୋଇ ସତ୍ୟବାଦୀ ସାହିତ୍ୟର ଆଙ୍ଗିକ ଆଦର୍ଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

**ଗାଥା କବିତା :-** ଓଡ଼ିଆ ସାହିତ୍ୟକୁ ସତ୍ୟବାଦୀ ସ୍ରଷ୍ଟାମାନଙ୍କର ଏକ ନୂତନ ଓ ବଡ଼ ଅବଦାନ ହେଉଛି ଗାଥାକବିତା । ଓଡ଼ିଶାର ଲୋକଙ୍କ ମୁଖରେ ଯୁଗ ଯୁଗଧରି ପ୍ରଚଳିତ ଥିବା ବିଭିନ୍ନ ଓଷା, ବ୍ରତ ତଥା ପର୍ବପର୍ବାଣୀର ଆଖ୍ୟାନ ହେଉଛି ଓଡ଼ିଆ ଗାଥାକବିତାର ପ୍ରଚୀନ ସ୍ୱରୂପ । ବିଶେଷକରି ତଅପୋଇ କଥା, ଭାଲୁକୁଣୀ ଓଷାକଥା, ଗୋବିନ୍ଦ୍ରଚନ୍ଦ୍ର କଥା ଆଦି ହେଉଛି ପ୍ରାଚୀନ ଓଡ଼ିଆ ଗାଥା କବିତା । ଓଡ଼ିଆ ଆଧୁନିକ ସାହିତ୍ୟରେ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଗାଥା କବିତା ପ୍ରାୟତଃ ରଚିତ ହୋଇ ନାହିଁ । ତେଣୁ କରି ସତ୍ୟବାଦୀ ଯୁଗର କବି ଗୋଦାବରୀଶ ମିଶ୍ର ହିଁ ଓଡ଼ିଆ ଆଧୁନିକ ସାହିତ୍ୟରେ ଗାଥା କବିତାର ଜନକ । ଗୋଦାବରୀଶଙ୍କ 'ଆଲେଖିକା' ହେଉଛି ଏକ ସାର୍ଥକ ଗାଥା କବିତା ସଂକଳନ । ଏଥିରେ ସଂକଳିତ ଗାଥା କବିତା ଗୁଡ଼ିକ ରୂପଗତ ଓ ଗଠନଗତ ଶୈଳୀ ଦୃଷ୍ଟିରୁ ଇଂରାଜୀ ଗାଥା କବିତାଦ୍ୱାରା ବହୁ ପରିମାଣରେ ପ୍ରଭାବିତ ହୋଇଅଛି । ତେବେ କବି ଗୋଦାବରୀଶ ମିଶ୍ର ନିଜସ୍ୱ କଳ୍ପନା ଓ କବିତ୍ୱ ଚାତୁରୀଦ୍ୱାରା ସେହି ସବୁ କବିତାକୁ ମୌଳିକ ଓ ଅଭିନବ ରୂପ ଦେଇଛନ୍ତି । 'ଆଲେଖିକା' କବିତା ସଂକଳନରେ କବି ଐତିହାସିକ ଓ କାଳ୍ପନିକ ବିଷୟବସ୍ତୁ ଉପରେ ବିଭିନ୍ନ ପ୍ରକାରର ଗାଥାକବିତା ରଚନା କରି ଓଡ଼ିଶା ଓ ଓଡ଼ିଆଜୀବନର ମହତ୍ୱକୁ ପ୍ରତିପାଦିତ କରିଛନ୍ତି । ଏହା ରାଜସ୍ଥାନର ଚାରଣ କବିମାନଙ୍କର ବୀରତ୍ୱମୂଳକ ଗାଥା ପରି ଓଡ଼ିଆ ସାହିତ୍ୟର ଏକ ସମୁଜ୍ଜ୍ୱଳ ସୃଷ୍ଟି । ଅତୀତ ଓଡ଼ିଶାର ବିଭିନ୍ନ ଅଞ୍ଚଳର ବୀରପୁତ୍ରମାନଙ୍କର କୀର୍ତ୍ତିଗାଥାକୁ କବି ଗୋଦାବରୀଶ ତାଙ୍କର ଗାଥା କବିତାମାନଙ୍କରେ ପ୍ରକାଶ କରିଛନ୍ତି ।

**ନାଟକ :-** ସତ୍ୟବାଦୀଯୁଗ ଆରମ୍ଭ ହେବା ପର୍ଯ୍ୟନ୍ତ ଓଡ଼ିଆ ନାଟ୍ୟସାହିତ୍ୟର ଭୂୟୋବିକାଶ ସାଧିତ ହୋଇ ପାରି ନ ଥିଲା । ଏହା ଥିଲା ଓଡ଼ିଆ ନାଟ୍ୟସାହିତ୍ୟର ଆଦି ପର୍ଯ୍ୟାୟ । ପରିମାଣଦୃଷ୍ଟିରୁ ତେଣୁ ଏହି ସମୟରେ ସାହିତ୍ୟର ନାଟକ ବିଭାଗ ବିଶେଷ ଭାବରେ ପୁଷ୍ଟ ହୋଇ ପାରି ନ ଥିଲା । ସତ୍ୟବାଦୀ ଯୁଗରେ ମଧ୍ୟ ଓଡ଼ିଆ ନାଟକର ବିକାଶ ଯଥେଷ୍ଟ ପରିମାଣରେ ହୋଇ ନାହିଁ ସତ କିନ୍ତୁ ଆଲୋଚ୍ୟ ଯୁଗରେ ଯେଉଁ ଅଳ୍ପ କିଛି ନାଟକ ରଚିତ ହୋଇଛି ପରିମାଣ ଦୃଷ୍ଟିରୁ ସ୍ୱଳ୍ପ ହେଲେ ମଧ୍ୟ ଓଡ଼ିଆ ନାଟ୍ୟସାହିତ୍ୟର ଇତିହାସରେ ସେଗୁଡ଼ିକର ସ୍ୱତନ୍ତ୍ର ସ୍ଥାନ ରହିଅଛି । କବି ଗୋଦାବରୀଶଙ୍କର 'ପୁରୁଷୋତ୍ତମ ଦେବ', 'ମୁକୁନ୍ଦ ଦେବ' ନାଟକ ଦୁଇଟି ଏହି ପରିପ୍ରେକ୍ଷୀରେ ଉଲ୍ଲେଖଯୋଗ୍ୟ । ଭିକାରୀଚରଣ ପଟ୍ଟନାୟକ ଫକଟକ ବିଜୟ'(୧୯୦୫), 'ସୁଶୀଳା', 'ସଂସାରଚିତ୍ର' (୧୯୧୫) ପ୍ରଭୃତି ସାମାଜିକ ଓ ଜାତୀୟ ଭାବଧାରା ସମ୍ବଳିତ ନାଟକ ଆଲୋଚ୍ୟ କାଳରେ ରଚନା କରିଛନ୍ତି। ଏହି ନାଟକଗୁଡ଼ିକରେ, ବିଶେଷତଃ କବି ଗୋଦାବରୀଶଙ୍କ ନାଟକ ଦ୍ୱୟରେ ମଞ୍ଚ ମୂଲ୍ୟର ଅଭାବ ପରିଦୃଷ୍ଟ ହୋଇଥିଲେ ମଧ୍ୟ ଏଥିରେ ନିହିତ ଅନ୍ୟସବୁ ନାଟକୀୟମୂଲ୍ୟ ଯୋଗୁଁ ତାହା ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶ କ୍ଷେତ୍ରରେ ରେ ମହତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରିଛି ।

**ଗଳ୍ପ ଓ ଉପନ୍ୟାସ :-** ସତ୍ୟବାଦୀଯୁଗର ସାହିତ୍ୟରେ ପଦ୍ୟ ବିଭାଗ ଯେପରି ସମୃଦ୍ଧ ହୋଇପାରିଛି, ଅନ୍ୟ ବିଭାଗ ସେହି ପରିମାଣରେ ବିକାଶ ପାଇପାରି ନାହିଁ। ତଥାପି ଆଲୋଚ୍ୟ କାଳରେ ଗୋଦାବରୀଶ ମିଶ୍ରଙ୍କ 'ଅଭାଗିନୀ', 'ଅଠରଶହ ସତର' 'ଘଟାନ୍ତର', 'ନିର୍ବାସିତା', ପ୍ରଭୃତି କେତୋଟି ଉପନ୍ୟାସ ଏବଂ 'ଗଳ୍ପମାଳା' 'ନଅଟି ଗଳ୍ପ', 'ପୁଆଣିଘର' ଭଳି କେତୋଟି ଗଳ୍ପଗ୍ରନ୍ଥ, ଓଡ଼ିଆ କଥାସାହିତ୍ୟର ଧାରାକୁ ତ୍ୱରାନ୍ୱିତ କରିଛି ।

**ପ୍ରବନ୍ଧ ଓ ସମାଲୋଚନା :-** ସତ୍ୟବାଦୀଯୁଗର ସ୍ରଷ୍ଟାଗଣ ଯୁଗୀୟ ଚିନ୍ତାଧାରାକୁ ସଠିକ ଭାବରେ ପ୍ରକାଶ କରିବା ପାଇଁ କାବ୍ୟ କବିତା ଅପେକ୍ଷା ବିଶେଷ ଭାବରେ ଗଦ୍ୟସାହିତ୍ୟକୁ ଗ୍ରହଣ କରିଥିଲେ । ସତ୍ୟବାଦୀ ଆଭିମୁଖ୍ୟକୁ ଗଦ୍ୟ ସାହିତ୍ୟ ଜରିଆରେ ଅଧିକ ଭାବରେ ଲୋକାଭିମୁଖୀ କରିହେବ, ଏହା ସେମାନେ ଅବଗତ ଥିଲେ। ବିଂଶ ଶତାବ୍ଦୀର ପ୍ରଥମ ଦୁଇଟି ଦଶକରେ ଓଡ଼ିଶାର ସାଂସ୍କୃତିକ, ସାମାଜିକ ଓ ରାଜନୀତିକ ଆନ୍ଦୋଳନର କର୍ଣ୍ଣଧାର ପଣ୍ଡିତ ଗୋପବନ୍ଧୁ, ଗୋଦାବରୀଶ, ନୀଳକଣ୍ଠ, କୃପାସିନ୍ଧୁ, ବାସୁଦେବ, ଜଗବନ୍ଧୁ ପ୍ରମୁଖ ସ୍ରଷ୍ଟା ସେମାନଙ୍କର ସୃଜନ ଆଦର୍ଶ ଓ ମୌଳିକ ଚିନ୍ତାଧାରାକୁ ଗଦ୍ୟରଚନା ମାଧ୍ୟମରେ ହିଁ ତେଣୁ ପ୍ରକାଶ କରିଛନ୍ତି। ଏହି ସମୟରେ ବନବିଦ୍ୟାଳୟର ମୁଖପତ୍ର 'ସତ୍ୟବାଦୀ' (୧୯୧୫) ଓ ସେ ସମୟର ସାପ୍ତାହିକ 'ସମାଜ' (୧୯୧୯) ପ୍ରଭୃତି ପତ୍ରପତ୍ରିକାରେ ସେମାନଙ୍କର ସୃଷ୍ଟି ସମୂହ ପ୍ରକାଶିତ ହୋଇ ଜାଗରଣ ସୃଷ୍ଟି କରିଥିଲା। ଏ ଦୁଇଟି ପତ୍ରପତ୍ରିକାର ସ୍ତମ୍ଭରେ ଉତ୍କଳମଣି ଗୋପବନ୍ଧୁଙ୍କ ବହୁ ଆହ୍ୱାନଧର୍ମୀ ପ୍ରବନ୍ଧ, ନୀଳକଣ୍ଠଙ୍କ 'ଆର୍ଯ୍ୟଜୀବନ' ପରି ନିବନ୍ଧ, ଗୋଦାବରୀଶଙ୍କ ସମବାୟ ଆନ୍ଦୋଳନମୂଳକ ପ୍ରବନ୍ଧ, କୃପାସିନ୍ଧୁଙ୍କ ବିବିଧ ଐତିହାସିକପ୍ରବନ୍ଧ ଓ ଆଲୋଚନା ସବୁ ପ୍ରକାଶିତ ହୋଇ ଓଡ଼ିଆ ଗଦ୍ୟସାହିତ୍ୟକୁ ଏକ ସମୃଦ୍ଧ କରି ଗଢି ତୋଳିଥିଲା । ବାଗ୍ମୀ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବଙ୍ଗଳାସାହିତ୍ୟର ଗଦ୍ୟବିଭାଗକୁ ଯେପରି ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ନୂତନ ରୂପ ପ୍ରଦାନ କରିଥିଲେ, ଓଡ଼ିଆ ସାହିତ୍ୟରେ ସତ୍ୟବାଦୀଯୁଗର ସାଧକଗଣ ମାର୍ଜିତ ଓଡ଼ିଆ ଗଦ୍ୟସାହିତ୍ୟର ପ୍ରବର୍ତ୍ତନରେ ଅନୁରୂପ କାର୍ଯ୍ୟ ସଂପାଦନ କରିଛନ୍ତି। ସତ୍ୟବାଦୀ ସାହିତ୍ୟସ୍ରଷ୍ଟାଙ୍କ ଦ୍ୱାରା ଓଡ଼ିଆ ଗଦ୍ୟ ସାହିତ୍ୟର ଶ୍ରୀବୃଦ୍ଧି ହେବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ସମୟର ଗଦ୍ୟ ସାହିତ୍ୟକୁ ପ୍ରଭାବିତ କରିଅଛି ।

**ବ୍ୟଙ୍ଗାତ୍ମକ ରଚନା :-** ସତ୍ୟବାଦୀ ଯୁଗରେ ସାହିତ୍ୟର ନୂତନଆଙ୍ଗିକ ଶୈଳୀଟି ମାର୍ଜିତ ଓ ସୁରୁଚିସମ୍ପନ୍ନ ହୋଇଥିବାର ଦେଖାଯାଏ। ପଣ୍ଡିତ ନୀଳକଣ୍ଠଙ୍କ 'ମୋ ନିଶ' ଓ 'ସାମାଜିକ କୁସଂସ୍କାର' ପ୍ରଭୃତି ପ୍ରବନ୍ଧରେ ଯେଉଁ ଉଚ୍ଚକୋଟୀର ବ୍ୟଙ୍ଗ ବିଦ୍ରୁପ ବା ସାଟାୟାର ରହିଅଛି, ତାହା ପ୍ରଣିଧାନ ଯୋଗ୍ୟ । ଏ ସଂପର୍କରେ ଓଡିଆ ସାହିତ୍ୟର ସୁସମାଲୋଚକ ନଟବର ସାମନ୍ତରାୟ କହିଛନ୍ତି - "ସମାଜସଂସ୍କାର ଯୁଗରେ ଯେଉଁମାନେ ସାହିତ୍ୟର ଏହି ବିଭାଗରେ ହାତ ଦେଇଥିଲେ। ସେମାନଙ୍କ ଭିତରୁ ଫକୀରମୋହନ ବର୍ତ୍ତମାନ ଜଣେ ଅଦ୍ୱିତୀୟ ସ୍ରଷ୍ଟାରୂପେ ଗୃହୀତ ହୋଇଛନ୍ତି। କିନ୍ତୁ ସଂସ୍କାରକ ନୀଳକଣ୍ଠଙ୍କ ଏହି ଦୁଇ ପ୍ରବନ୍ଧରେ (ମୋ ନିଶ ଓ ସାମାଜିକ କୁସଂସ୍କାର) ସାଟାୟାର ଯେଉଁ ରୂପରେ ଦେଖିବାକୁ ମିଳେ ତାହା ସେନାପତିଙ୍କ ଲେଖାରେ ନାହିଁ। ସମଗ୍ର ଓଡ଼ିଆ ସାହିତ୍ୟରେ ଏହାର ତୁଳନା ମିଳିବା ମଧ୍ୟସମ୍ଭବପର ନୁହେଁ।" ସତ୍ୟବାଦୀ ଯୁଗରେ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟର ଏହି ନୂତନ ଆଂଗିକଶୈଳୀଟି ଜନମାନସରେ ଓ ପରବର୍ତ୍ତୀ ସାହିତ୍ୟରେ ଗଭୀର ପ୍ରଭାବ ପକାଇଥିଲା।

**ଭାଷା :-** ସତ୍ୟବାଦୀଯୁଗର ସ୍ରଷ୍ଟାଗଣ ତାଙ୍କ ସାହିତ୍ୟକୃତିର ଭାଷା ବ୍ୟବହାର କ୍ଷେତ୍ରରେ ଖୁବ୍ ସଚେତନ ଥିଲେ। ସାହିତ୍ୟର ଅଂଗଶୋଭନ ପାଇଁ ଭାଷା ପ୍ରୟୋଗରେ କୁଶଳତା ଯେ ନିହାତି ଗୁରୁତ୍ୱପୂର୍ଣ୍ଣ ତାହା ସେମାନେ ଅବଗତ ଥିଲେ । ସେଥିପାଇଁ ଭାଷାପ୍ରୟୋଗରେ ସେମାନେ ଗଣମୁଖୀ ଆଦର୍ଶକୁ ଗ୍ରହଣ କରିଛନ୍ତି। ପଣ୍ଡିତ ଗୋପବନ୍ଧୁ ସାହିତ୍ୟର ଭାଷା ପ୍ରୟୋଗ କ୍ଷେତ୍ରରେ ଏହି ଆଦର୍ଶ ସଂପର୍କରେ କହିଛନ୍ତି-"ପଲ୍ଲୀର ଓଡ଼ିଆ ଯେଉଁ ଭାଷା ବୁଝେ, ତାହା ହିଁ ଯଥାର୍ଥ ଓଡ଼ିଆଭାଷା।" ସତ୍ୟବାଦୀଯୁଗର ସମସ୍ତସ୍ରଷ୍ଟା ଭାଷା ପ୍ରୟୋଗ ପାଇଁ ଏହି ଆଦର୍ଶକୁ ଅନୁସରଣ କରିଛନ୍ତି । ସତ୍ୟବାଦୀଯୁଗର ସାହିତ୍ୟର ଭାଷାପ୍ରୟୋଗରେ ଯେଉଁ ଆଙ୍ଗିକଆଦର୍ଶ ଦେଖିବାକୁ ମିଳିଥାଏ , ତାହାର ନିମ୍ନଲିଖିତ କେତୋଟି ଲକ୍ଷଣ ନିର୍ଦ୍ଦିଷ୍ଟ କରାଯାଇପାରେ -

(କ) ସରଳ ପ୍ରସାଦ ଗୁଣପୂର୍ଣ୍ଣ

(ଖ) ବ୍ୟାକରଣସମ୍ମତ ଶୁଦ୍ଧ ଭାଷା

(ଗ) ସଭ୍ୟଜନପ୍ରଯୁକ୍ତ

(ଘ) ସର୍ବଜନବୋଧ୍ୟ

ନୀଳକଣ୍ଠଙ୍କ 'କୋଣାର୍କେ' କାବ୍ୟର କିଛି ପଂକ୍ତିକୁ ଛାଡ଼ିଦେଲେ ପ୍ରାୟ ସମସ୍ତ ଗଦ୍ୟ ଓ ପଦ୍ୟ ସାହିତ୍ୟରେ ସତ୍ୟବାଦୀର ସ୍ରଷ୍ଟା ଭାଷାର ଏହି ଆଙ୍ଗିକ ଆଦର୍ଶଗୁଡ଼ିକୁ ଅନୁସରଣ କରି ସାହିତ୍ୟ ସର୍ଜନା କରିଛନ୍ତି ।

**ଛନ୍ଦ :-** ସତ୍ୟବାଦୀଯୁଗର କବି କାବ୍ୟ କବିତା ରଚନାରେ ଛନ୍ଦ ବିଧାନ ପ୍ରତି ବିଶେଷ ଦୃଷ୍ଟି ଦେଇଥିବା ପରି ମନେହୁଏ ନାହିଁ। ଏ ଦିଗରେ ମଧସେମାନେ ଗଣମୁଖୀ ଆଦର୍ଶକୁ ଗ୍ରହଣ କରିଥିବାର ଜଣାଯାଏ। ସାଧାରଣ ଲୋକଙ୍କ ପାଇଁ ସାହିତ୍ୟ ସୃଷ୍ଟିକରିଥିବାରୁ ପଣ୍ଡିତ ଗୋପବନ୍ଧୁ ଭାଗବତ ବୃତ୍ତରେ ବା ଗୁଜ୍ଜରୀ ରାଗରେ ହିଁ କବିତା ରଚନା କରିଥିଲେ। 'ବଙ୍ଗଳାଶ୍ରୀ', 'ରାମକେରୀ', 'ଚତୁର୍ଦ୍ଦଶାକ୍ଷରୀ', 'ବାରଅକ୍ଷରୀ' ରାଗ ଓ ପଦରେ ସତ୍ୟବାଦୀ କାବ୍ୟକବିତା ରଚିତ ହୋଇଥିବାର ଦେଖାଯାଏ। ସଂସ୍କୃତସାହିତ୍ୟାଦର୍ଶ ଅନୁସରଣରେ ଗୁରୁଲଘୁ ନିୟମ ଅନୁଯାୟୀ କେତେକ କବିତା ରଚିତ ହୋଇଅଛି। କବିବର ରାଧାନାଥଙ୍କ ପ୍ରଣିତ ଅମିତ୍ରାକ୍ଷର ଛନ୍ଦକୁ ସତ୍ୟବାଦୀଯୁଗର କବି ନୀଳକଣ୍ଠ ଦାସ ତାଙ୍କର 'ପ୍ରଣୟିନୀ' କାବ୍ୟରେ ବ୍ୟବହାର କରିଥିଲେ । ରାଧାନାଥ ଯୁଗର ପୂର୍ଣ୍ଣଉପଧା ମିଳନ ରୀତି ନୀଳକଣ୍ଠଙ୍କ 'କୋଣାର୍କେ' ବ୍ୟତୀତ ଗୋପବନ୍ଧୁ ଏବଂ ଗୋଦାବରୀଶଙ୍କ ରଚନାରେ କେତେକ ସ୍ଥାନରେ ଉପଲବ୍ଧ ହୋଇଥାଏ।

## ୪.୫ ସତ୍ୟବାଦୀ ସାହିତ୍ୟର ଆତ୍ମିକ ବିଭବ

ସତ୍ୟବାଦୀ ସାହିତ୍ୟର ଆତ୍ମିକବିଭବକୁ ନିମ୍ନ ଲିଖିତ କତୋଟି ଶିରୋନାମା ଭିତ୍ତିରେ ନିରୂପିତ କରାଯାଇଛି ।

**ବିଷୟବସ୍ତୁ ଚୟନ :-** ସତ୍ୟବାଦୀ ଯୁଗର ସ୍ରଷ୍ଟାମାନେ ତାଙ୍କର ସୃଷ୍ଟ କାବ୍ୟ, କବିତା ତଥା ଗଦ୍ୟ ସାହିତ୍ୟ ପାଇଁ ସର୍ବଦା ନିଜର ଆଭିମୁଖ୍ୟକୁ ଚରିତାର୍ଥ କଲାଭଳି ବିଷୟବସ୍ତୁ ଗ୍ରହଣ କରିଛନ୍ତି । ସେମାନେ ଯେଉଁ ବିଷୟବସ୍ତୁର ଚୟନ କରିଛନ୍ତି ସେ ସବୁରେ ଉଚ୍ଚକୋଟୀର ଆଦର୍ଶ ଓ ସମୁନ୍ନତ ଅଭିରୁଚିର ପରିଚୟ ମିଳିଥାଏ । ତାଙ୍କ ସାହିତ୍ୟରେ ଗ୍ରହଣ କରାଯାଇଥିବା ବିଷୟବସ୍ତୁ ହିଁ ସତ୍ୟବାଦୀସାହିତ୍ୟର ଆଦର୍ଶକୁ ପ୍ରତିଷ୍ଠା ଦେବାରେ ମହନୀୟଭୂମିକା

ଗ୍ରହଣ କରିଥିଲା । ସତ୍ୟବାଦୀ ସାହିତ୍ୟର ବିଷୟବସ୍ତୁ ଚୟନରେ ଯେଉଁ ବିବିଧତା ପରିଦୃଷ୍ଟ ହୋଇଥାଏ ତାହାକୁ ତିନୋଟି ଭାଗରେ ବିଭକ୍ତ କରା ଯାଇ ପାରେ ।

୧ - ଐତିହାସିକ ବିଷୟବସ୍ତୁ

୨ - କିମ୍ବଦନ୍ତୀମୂଳକ ବିଷୟବସ୍ତୁ

୩ - ମାନବୀୟ ବିଷୟବସ୍ତୁ

**ଜାତୀୟତାବାଦ :-** ପୂର୍ବରୁ କୁହାଯାଇଛି ଯେ, ଓଡ଼ିଶାରେ ଜାତୀୟତାର ଯେଉଁ ନୂତନ ଧ୍ୱନି ଶୁଣାଯାଇଥିଲା, ତାରି ପୃଷ୍ଠଭୂମି ଉପରେ ଗଢ଼ି ଉଠିଥିଲା 'ସତ୍ୟବାଦୀ ସାହିତ୍ୟ' । ତେଣୁ ସତ୍ୟବାଦୀ ସାହିତ୍ୟର ସୃଷ୍ଟି ପଛରେ ରହିଛି ଦୀର୍ଘ ଏକ ଶହବର୍ଷରୁ ଊର୍ଦ୍ଧ୍ୱ ସମୟର ସଂଗ୍ରାମର ଇତିହାସ । ସତ୍ୟବାଦୀସାହିତ୍ୟର ବିକାଶରେ ମୁଖ୍ୟ ଭାବରେ ଗୋପବନ୍ଧୁ, ନୀଳକଣ୍ଠ ଓ ଗୋଦାବରୀଶଙ୍କ ଦାନକୁ ଅସ୍ୱୀକାର କରିହେବ ନାହିଁ । ଓଡ଼ିଶା ଇଂରେଜ ଶାସନାଧୀନ ହେବା ପରେ ଜାତୀୟତାର ଅର୍ଥ ବଦଳି ଯିବାକୁ ଲାଗିଲା । ୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ' ଗଠନଦ୍ୱାରା ସମଗ୍ର ଉତ୍କଳକୁ ଏକତ୍ରିତ କରିବାର ଯୋଜନା ପ୍ରସ୍ତୁତ କରାଗଲା । ଗୋପବନ୍ଧୁ ଓଡିଶାର ଜାତୀୟତାବାଦୀ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଗୋଟିଏ ବଡକଥା ହେଉଛି ଯେ, ଗୋପବନ୍ଧୁ ଜାତୀୟତାକୁ ବୃହତ୍ତର ଅର୍ଥରେ ବୁଝିଥିଲେ । ସେ ଏହି ଭାବକୁ ଉତ୍କଳ ଭିତରେ ସୀମିତ ରଖିବାକୁ ଚାହୁଁ ନ ଥିଲେ । ତାଙ୍କ ମତରେ ଭାରତୀୟ ଜାତୀୟ ସ୍ରୋତରେ ଉତ୍କଳ ନିଜକୁ ସାମିଲ କରି ତାର ସ୍ୱପ୍ନକୁ ସାକାର କରି ପାରିବ । ସେ କହୁଥିଲେ, ଆମେମାନେ ପ୍ରଥମେ ମନୁଷ୍ୟ, ପରେ ଭାରତୀୟ ଏବଂ ସର୍ବଶେଷରେ ଓଡ଼ିଆ । ତାଙ୍କ ଭାଷାରେ, "ସଂକୀର୍ଣ୍ଣ ସୀମା ମଧ୍ୟରେ ପ୍ରକୃତ ଜାତୀୟତାର ପୂର୍ଣ୍ଣ ବିକାଶ ଅସମ୍ଭବ । ଯେ ଯେଉଁ ଜାତିର ହୁଅନ୍ତୁ ; ସେ ମନୁଷ୍ୟ ଈଶ୍ୱରଙ୍କ ସନ୍ତାନ । ଏହି ମମତା ଓ ଭାତୃଭାବ ପତ୍ୟେକ ଜାତିର ଧର୍ମଶାସ୍ତ୍ରରେ ପ୍ରତିପାଦିତ ହୋଇଛି ଓ ଏହାହିଁ ଜାତୀୟ ଜୀବନର ମୂଳମନ୍ତ୍ର ହେବା ଉଚିତ ।"

ଜାତୀୟତାର ମହତ ତଥା ବ୍ୟାପକ ଅର୍ଥକୁ ସୂଚାଇବାକୁ ଯାଇ ସେ 'ବନ୍ଦୀର ଆତ୍ମକଥା'ରେ ଲେଖିଛନ୍ତି —

"ଜାତୀୟ ମମତା ବିଶ୍ୱଜନ ପ୍ରୀତି      ଉତ୍କଳବାସୀର ହେଉ ଏହା ନୀତି
ନିରବେ ନିଶ୍ଚଳେ ବସି ବନ୍ଦୀଘରେ   ମାଗେ ଏହି ଭିକ୍ଷା ପ୍ରଭୁ ଶ୍ରୀପୟରେ ।"

ଗୋପବନ୍ଧୁଙ୍କ ଜାତୀୟଚେତନା ମହାଭାରତୀୟ ହୋଇଥିଲେ ମଧ୍ୟ ଉତ୍କଳର କଲ୍ୟାଣ ପାଇଁ ସେ ସର୍ବଦା ବ୍ୟସ୍ତ ରହୁଥିଲା । ଉତ୍କଳର ମାଟି ଓ ଜନସାଧାରଣଙ୍କ ପ୍ରତି ରହିଥିବା ତାଙ୍କର ପ୍ରୀତି ଓ ତ୍ୟାଗ ମନୋଭାବ 'ବନ୍ଦୀର ବିରହ ବ୍ୟଥା' କବିତାର ଏହି ପଂକ୍ତିରୁ ଭଲ ଭାବେ ଜାଣିହୁଏ ।

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ,
ସ୍ୱରାଜ୍ୟର ପଥେ ଅଛି ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।"

ସତ୍ୟବାଦୀ ସାହିତ୍ୟର ଛତ୍ରେଛତ୍ରେ ଉଗ୍ର ଜାତୀୟତାବାଦର ସ୍ୱର ଅନୁରଣିତ ହୋଇଥାଏ । ସତ୍ୟବାଦୀ ଯୁଗରସ୍ରଷ୍ଟା କଳା ପାଇଁ ସାହିତ୍ୟ ସୃଷ୍ଟି କରି ନାହାଁନ୍ତି । ଜାତୀୟତାର ପ୍ରଚାର ପାଇଁ ସେମାନେ ସାହିତ୍ୟକୁ ବଡ଼ ମାଧ୍ୟମ ଭାବରେ ଗ୍ରହଣ କରିଛନ୍ତି । ଏଯୁଗର କବି ପ୍ରତ୍ୟକ୍ଷଭାବରେ ନିଜ ଦେଶ ଓ ଜାତିର ପରାଧୀନତାରେ ଜର୍ଜରିତ ହେବା ସହ ବିଦେଶୀ ଶାସନର ନିନ୍ଦା ପ୍ରକାଶ କରିଛନ୍ତି । ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କର 'ଖାରବେଳ' କାବ୍ୟରେ ଲେଖିଛନ୍ତି :-

"ପଶ୍ଚିମ ସଭ୍ୟତାର ଏସନ ରୀତି,
କାହୁଁ ବୁଝିବେ ସେହୁ ସୁଗମ ନୀତି
ଜୀବନେ ଜାଣନ୍ତି ସେ ଆପଣା ସୁଖ,
କଥା କହନ୍ତି ସତେ ବକଧାର୍ମିକ ।"

ସେହିପରି ଗୋଦାବରୀଶ ମିଶ୍ର ତାଙ୍କର 'ଆଲେଖିକା'ରେ ଲେଖିଛନ୍ତି:-

"ବିଦେଶୀ ଗୋରାଙ୍କ ପୂଜାରେ ବରଷୁ
ଛଅମାସ ଯାଏ ବିତି
ତହୁଁ ସିନା ମର୍ତ୍ତ୍ୟେ ବୋଲାନ୍ତି ରାଜା ହେ
ପ୍ରକଟ କରନ୍ତି କୀର୍ତ୍ତି"

ଜାତୀୟତା ଓ ଦେଶାତ୍ମବୋଧତା ଦୁଇଟି ଅଲଗା ଜିନିଷ। ଜାତୀୟତାର ପରିସର ବ୍ୟାପକ ମାତ୍ର ଦେଶାତ୍ମବୋଧର ପରିସର ସଂକୀର୍ଣ୍ଣ। ସତ୍ୟବାଦୀର ସାଧକମାନେ ଥିଲେ ଏହି ମହାନ୍ ଜାତୀୟତାବାଦର ପ୍ରଚାରକ। ସେମାନଙ୍କ ପ୍ରସାରିତ ଦୃଷ୍ଟିଭଙ୍ଗୀ ସେମାନଙ୍କୁ ଜାତୀୟକବିର ଆସନରେ ଆସୀନ କରାଇଛି। ପଣ୍ଡିତ ନୀଳକଣ୍ଠ ଯଥାର୍ଥରେ କହିଛନ୍ତି – "ରକ୍ତ, ମାଂସ, ପିଣ୍ଡ ବା ଅପରିବର୍ତ୍ତିତ ଭୂଖଣ୍ଡରେ ଜାତୀୟତା ରହେ ନାହିଁ, ଜାତୀୟତା ରହେ ଭାବରେ, ଆଦର୍ଶରେ, ଜାତୀୟ ଜୀବନର ମୌଳିକତା ଓ ଶକ୍ତିରେ।" ପରାଧୀନ ଓ ଖଣ୍ଡବିଖଣ୍ଡିତ ଜାତିକୁ ସଂଗଠିତ କରିବାକୁ ଓ ପ୍ରାଣରେ ଉନ୍ମାଦନା ସୃଷ୍ଟି କରିବାକୁ ଜାତୀୟତାବାଦୀ କବିର ଆବଶ୍ୟକ ହୋଇଥାଏ। ପରାଧୀନ ଭାରତବର୍ଷରେ ସ୍ୱାଧୀନତାର ଆଶା ମଉଳି ପଡୁଥିବା ବେଳେ ସତ୍ୟବାଦୀ ଗୋଷ୍ଠୀର ଆବିର୍ଭାବ ସମଗ୍ର ଜାତି ପାଇଁ ଏକ ଆଶୀର୍ବାଦ ସ୍ୱରୂପ ଥିଲା।

**ସଂସ୍କାରବାଦୀ ଚିନ୍ତାଧାରା :-** ସତ୍ୟବାଦୀ ଯୁଗର ସମକାଳୀନ ସମାଜ ବିଭିନ୍ନ ଦୃଷ୍ଟିରୁ ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇଥିଲା । ବିଶେଷକରି ଓଡ଼ିଶାର ଶିକ୍ଷିତ ଯୁବସମାଜ ଓଡ଼ିଶାର ସଂସ୍କୃତି ଓ ମୂଲ୍ୟବୋଧକୁ ପରିହାର କରି ପାଶ୍ଚାତ୍ୟ ଆଧୁନିକ ଜୀବନ ପ୍ରତି ଆକୃଷ୍ଟ ହୋଇଥିଲେ । ଠିକ୍ ସେହି ସମୟରେ ସତ୍ୟବାଦୀର ସ୍ରଷ୍ଟାଗଣ ତାଙ୍କର ବଳିଷ୍ଠ ଲେଖନୀ ଦ୍ୱାରା ସମାଜରେ ସଂସ୍କାର ଆଣିବାର ପ୍ରୟାସ କରିଥିଲେ । ପଣ୍ଡିତ ଗୋପବନ୍ଧୁ ତାଙ୍କ ରଚନା ମାଧ୍ୟମରେ ଓଡ଼ିଶା ଓ ଭାରତୀୟ ଜନଜୀବନ ଓ ସମାଜରେ ଦେଖା ଦେଇଥିବା ଯାବତୀୟ କୁସଂସ୍କାରର ଚିତ୍ର ପରିବେଷଣ କରି ତାର ସଂସ୍କାର ପାଇଁ ପାଠକ ମାନଙ୍କୁ ଆହ୍ୱାନ ଦେଇଛନ୍ତି । ତାଙ୍କର

'ଅବକାଶଚିନ୍ତା', ଫକାରାକବିତା', 'ବନ୍ଦୀର ଆତ୍ମକଥା' କବିତା ସଙ୍କଳନରେ କବିଙ୍କ ଏହି ଆଭିମୁଖ୍ୟ ସ୍ପଷ୍ଟ ଭାବରେ ଦେଖିବାକୁ ମିଳିଥାଏ । ଗୋପବନ୍ଧୁ ତାଙ୍କ ରଚନାମାନଙ୍କରେ ବିଭିନ୍ନ କିମ୍ବଦନ୍ତୀ ଇତିହାସ,ପୁରାଣର ଆଦର୍ଶ ଓ ତ୍ୟାଗପୂତ ଜୀବନର ଗୁଣାବଳୀକୁ ଉପସ୍ଥାପିତ କରି ସମାଜରେ ସଂସ୍କାର ଆଣିବା ପାଇଁ ଉଦ୍ୟମ କରିଛନ୍ତି। ତତ୍‌କାଳୀନ କଳୁଷିତ ଗ୍ରାମ୍ୟ ଜୀବନ ଓ ସମାଜରେ ସଂସ୍କାର ଆଣିବା ପାଇଁ ଗୋପବନ୍ଧୁ ଲେଖିଛନ୍ତି :-

"ପଶି ଗଲେ ଗ୍ରାମେ ନ ଶୁଭେ ଶବଦ
ବେଦମନ୍ତ୍ର କିବା ଭାଗବତ ପଦ ।
ଗ୍ରାମବାସୀ ଗଣେ ନାହିଁ ପୂର୍ବମେଳ
ଶିଶୁ ଖେଳେ ଦାଣ୍ଡ ନ ହୁଏ ଉଦ୍‌ବେଳ
ଶୋଇ ଅଛି ଭାଙ୍ଗି ଗ୍ରାମ ଦେବାଳୟ
ପୁରିଲାଣି ତାଙ୍କ ବନ୍ଧେ ଜଳାଶୟ ।
ଗ୍ରାମର ଗୋକୁଳ କ୍ରମେ ଅତି କ୍ଷୀଣ,
ଯେଣେ ଅନାଇବ ସବୁ ଶିରୀହୀନ ।

ପଣ୍ଡିତ ନୀଳକଣ୍ଠଙ୍କ ପ୍ରବନ୍ଧମାନଙ୍କ ଭିତରେ ମଧ୍ୟ ସମାଜସଂସ୍କାର ଦୃଷ୍ଟି, ଉଚ୍ଚକୋଟୀର ଗଦ୍ୟଶୈଳୀରେ ଲିପିବଦ୍ଧ ହୋଇଛି । ତାଙ୍କ ଦ୍ୱାରା ରଚିତ 'ଅଛୁଁ ଓ ହେବୁଁ' , 'ତନ୍ତ୍ର ଉପାସନା ସମ୍ବନ୍ଧରେ ଦୁଇ ଏକ କଥା', 'ନୀତି ଓ ପ୍ରକୃତି', 'ପ୍ରତିଭା ପୂଜା' ଓ 'ପ୍ରତିମା ପୂଜା', 'ମୋ ନିଶ' ଆଦି ପ୍ରବନ୍ଧରେ ଏହି ସଂସ୍କାରବାଦୀ ଦୃଷ୍ଟିକୋଣକୁ ଦେଖି ହୁଏ । ଏକ କୁସଂସ୍କାରମୁକ୍ତ ସୁସ୍ଥ ସମାଜଜୀବନ ଗଠନ କରିବା ଥିଲା ଏହି ସମସ୍ତ ପ୍ରବନ୍ଧର ମୂଳ ଉଦ୍ଦେଶ୍ୟ। ଗୋଦାବରୀଶ ମିଶ୍ରଙ୍କର ଗାଥାକବିତାରେ ମଧ୍ୟ ଅନୁରୂପ ଭାବରେ ସମାଜସଂସ୍କାରର ବାର୍ତ୍ତା ସୂଚୀତ ହୋଇ ଅଛି।

**ମାନବବାଦୀ ଚିନ୍ତାଧାରା :-** ସତ୍ୟବାଦୀ ସାହିତ୍ୟରେ ମାନବିକତା ହେଉଛି ତାହାର ପ୍ରାଣ ଓ ଆତ୍ମାର ସ୍ୱର । ମଣିଷ ଭାବରେ ଅନ୍ୟ ମଣିଷକୁ ଭଲ ପାଇବା, ତାର ବ୍ୟକ୍ତିତ୍ୱପ୍ରତି ସମ୍ମାନ ପ୍ରଦର୍ଶନକରିବା ସହିତ ତାର ସୁଖଦୁଃଖରେ ସାମିଲ ହେବା ହିଁ ମାନବବାଦୀ ଚିନ୍ତାଧାରା । ମାନବହୃଦୟର ପ୍ରେମ, ପ୍ରୀତି, ସୋହାଗ, ଦୟା, କ୍ଷମା, ସ୍ନେହ, ଏହି ସମସ୍ତ ମାନବୀୟ ଗୁଣ ଓ ପ୍ରବୃତ୍ତି ସତ୍ୟବାଦୀ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ମାନବଜୀବନରେ ମାନବିକତା ସୁଲଭ ପ୍ରେମ, ପ୍ରୀତିର ମହତ୍ୱ ପରିପ୍ରକାଶ କରିବାକୁ ଯାଇ ଗୋପବନ୍ଧୁ କହିଛନ୍ତି :-

"କଣ୍ଟକସଂକୁଳ ପଥେ କୁସୁମ ବିତାନ
ମରୁଭୂମେ ପ୍ରେମସ୍ନିଗ୍ଧ ସଲୀଳ ସମାନ
ମରପିଣ୍ଡେ ପ୍ରେମ ଏକ ଅମର ସଞ୍ଚାର
ପାର୍ଥିବ ଜଗତେ ପ୍ରେମ ସ୍ୱର୍ଗ ସୁଧାଧାର
ପ୍ରେମର ଏ ପ୍ରଶସ୍ତି କି କବି କଳପନା
ପ୍ରେମ କି କେବେ ନୀଚ ସ୍ୱାର୍ଥର ଛଳନା ?"

ସେହିପରି ଗୋଦାବରୀଶଙ୍କ କାବ୍ୟକବିତାରେ ମଧ୍ୟ ମାନବ ପ୍ରତି ଗଭୀର ସଂବେଦନା ପ୍ରକାଶ ପାଇଛି। 'ବିଧାତା କି ଅଛୁ' କବିତାରେ ଜଣେ ଭିକାରୀଙ୍କ ଦୁଃଖ ଓ ଅସହାୟତା ପ୍ରତି କବିଙ୍କ ହୃଦୟରେ ଜାତ ହୋଇଥିବା ବ୍ୟଥା ଓ ବେଦନା ପ୍ରତିଫଳିତ ହୋଇଛି । ଗଭୀର ମାନବୀୟ ସମ୍ବେଦନାରେ କବି ଲେଖିଛନ୍ତି :-

ବିଧାତା କି ଅଛୁ ତୁ ରେ ପ୍ରପଞ୍ଚ ସଂସାରେ
ଏ ସମାଜ ସୃଜି ଅଛୁ ହାତେ,
ଦରିଦ୍ର ମରଇ ଯହିଁ ଧନୀକ ପ୍ରହାରେ
ବଳହୀନ ସକଳ ଆଘାତେ ।

ସତ୍ୟବାଦୀସ୍ରଷ୍ଟାମାନଙ୍କର ଏତାଦୃଶ ଚିନ୍ତାଧାରା ଆଲୋଚ୍ୟକାଳର କାବ୍ୟ କବିତା ତଥା ଗଳ୍ପ ଉପନ୍ୟାସମାନଙ୍କରେ ପ୍ରତିଫଳିତ ହୋଇଛି। କବି ମାତ୍ରେ ହିଁ ମାନବବାଦୀ। କାରଣ ସାହିତ୍ୟ ହେଉଛି ମାନବଜୀବନର ରୂପକାର । ମାନବଜୀବନର ସୁଖ ଦୁଃଖର ଉପସ୍ଥାପନା ଯଦି ସାହିତ୍ୟରେ ନାହିଁ, ମାନବ ପ୍ରତି ସଂବେଦନା ଯଦି ନାହିଁ, ତେବେ ସେ ସାହିତ୍ୟ କାଳଜୟୀ ହୋଇ ପାରେ ନାହିଁ । ସତ୍ୟବାଦୀ ଯୁଗର ସାହିତ୍ୟସ୍ରଷ୍ଟା ଏହା ପ୍ରତି ସଚେତନ ଥିଲେ ତେଣୁ ଆଲୋଚ୍ୟଯୁଗର ସାହିତ୍ୟରେ ମଣିଷର ଅନ୍ତରର କଥା ମଣିଷ କହିଛି, ମଣିଷର ଦୁଃଖରେ ମଣିଷ କାନ୍ଦିଛି । ମଣିଷର ପ୍ରେମରୁ ବଂଚିତ ହୋଇ ମଣିଷର ପ୍ରାଣ ବ୍ୟଥିତ ହୋଇଛି । ମଣିଷର ଦୁଃଖ, ଦୁର୍ଦ୍ଦଶା ଓ ନିର୍ଯ୍ୟାତନାରେ ମଣିଷର ପ୍ରାଣ ବିଦ୍ରୋହରେ ଗର୍ଜି ଉଠିଛି । ସତ୍ୟବାଦୀଯୁଗୀୟ ସାହିତ୍ୟରେ ରହିଥିବା ଏଭଳି ମାନବୀୟ ମୂଲ୍ୟବୋଧର ଚିତ୍ର ସାହିତ୍ୟକୁ ରସମୟ କରିଛି ।

**ପ୍ରକୃତିବାଦ :-** ସତ୍ୟବାଦୀର କବିମାନେ ପ୍ରକୃତିର ଉପାସକ। ଅନ୍ୟ ଭାଷାରେ କହିଲେ ସତ୍ୟବାଦୀ କବିର ଅନ୍ତରପ୍ରକୃତି ସୌନ୍ଦର୍ଯ୍ୟରେ ଗଢ଼ା। ଫଳରେ ପ୍ରକୃତିପ୍ରୀତି ସତ୍ୟବାଦୀ କବିଗୋଷ୍ଠୀର ସହଜାତ ଧର୍ମ ହୋଇପଡ଼ିଛି। ପ୍ରକୃତି ସହିତ ନିଜ ଅନ୍ତରକୁ ମିଶାଇ ଦେଇ ଆତ୍ମପ୍ରସାରରେ ସେ ନିଜର ଅସ୍ମିତାକୁ ଭୁଲାଇଦେଇଛି। ବନବିଦ୍ୟାଳୟର କମନୀୟ ପ୍ରାକୃତିକ ପରିବେଶ ମଧ୍ୟରେ କବି ନିଜ ଅନ୍ତରର ପ୍ରକୃତିକୁ ମିଶାଇଦେଇଥିବା ହେତୁ ସାଧାରଣତଃ ବାହ୍ୟପ୍ରକୃତି ଓ ଅନ୍ତଃପ୍ରକୃତିର ମିଳନରେ ପ୍ରେମର ମନ୍ଦାକିନୀଧାରା ପ୍ରବାହିତ ହୋଇଅଛି। ଗୋଦାବରୀଶ ମିଶ୍ରଙ୍କର ସୃଷ୍ଟିରେ ଏହାର ଅନେକ ଉଦାହରଣ ଦେଖିବାକୁ ମିଳିଥାଏ । ଯେମିତିକି -

"ତରୁଲତା କୁଞ୍ଜେ ତରୁଲତା ମୁଁ କି
ବସିଛି ନୀରବେ ରହି,
ପତ୍ରଗହଳରୁ ଗୀତି ମଧୁ ଧାର
ପରାଣେ ଯାଉଛି ବହି।
ସମୀରଣ ଆସି ପଲକ ପରଶେ
ଛୁଇଁଯାଏ ତରୁଲତା,
ଚାଲିଗଲା ବେଳେ କହିଯାଏ କେତେ
ହୃଦୟ ଗୁପତ କଥା।

ତରୁଲତା କୁଞ୍ଜେ ବସିଛି ନୀରବେ
ଧୀର ତରୁଲତା ପରି,
ତରୁଲତା ଅଙ୍ଗୁ ପଡୁଛି ମୋ ଅଙ୍ଗେ
ମଉନେ ସୁମନ ଝଡ଼ି।"

କବିତାରେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଅଙ୍କନ କରିବା ଓ ପ୍ରକୃତି ମାଧ୍ୟମରେ ଇଂରେଜ କବି ଶେଲିଙ୍କ ପରି ଅନ୍ତରର ବାଣୀ ପ୍ରକାଶ କରିବା, ଜନଜୀବନକୁ ଉଦ୍‌ବୋଧିତ କରିବା ଏ ଦୁଇଟି ଧାରା ସତ୍ୟବାଦୀଯୁଗୀୟ କବିତାରେ ସୁନ୍ଦର ଭାବେ ଉପସ୍ଥାପିତ ହୋଇଛି। କବି ନୀଳକଣ୍ଠ 'କୋଣାର୍କେ'ର 'ରାମଚଣ୍ଡୀ ରେ ରାତି'ରେ ବାଆ ବତାସକୁ ସମ୍ବୋଧନ କରି ବାହ୍ୟ ପ୍ରକୃତି ସହ ମାନବ ପ୍ରକୃତିର ଯେପରି ସମନ୍ୱୟ କରି ଲେଖିଛନ୍ତି -

"ରହ ରହ ବାଆ ବତାସି, ରହ ବରଷାଧାରା ;
କୁଆଁର ପୁନିଅଁ ହେଉ ରେ ଆଜି ରଜନୀ ସାରା।
ଉଠିଆସୁ ନୀଳ ଲହରୀ ଭେଦି ତାରକାରାଜି ;
ନିଶାମଣି ଶୋହୁ ଗଗନେ ମହୀ-ମୁକୁର ମାଜି।
ସରଗୁ ରଜତ କିରଣ ଖେଳିଯାଉ ଭୂତଳେ ;
ସରସ-ବାଲୁକା ବିତାନ ହସୁ ଜୋଛନା-ଖେଳେ।
ପାଦପ-ପତର-ଗହଳେ ତିଳ-ତଣ୍ଡୁଳ-ଛାଇ,
ଦୂର ଚକ୍ରବାକ-ସୀମନ୍ତ, ଭଗ୍ନମନ୍ଦିର ତହିଁ।
ପୁନିଅଁ-ଜୁଆର ପୁଲକେ ଭରା ତଟିନୀ-ମୁଖ,
ମୃଦୁଳ-ଲହରୀ-ହିଲ୍ଲୋଳେ ଚାରୁ-ଚାନ୍ଦ ମୟୁଖ।
ବିହ୍ୱଳିତ-ନଦୀ-ଉରସେ ନଭ-ବିମଳ-ରୁଚି,
ବନ୍ତ ଚୂଳେ ଶିଶୁ ଦେଖିବେ ; ହୃଦ ଉଠିବ ନାଚି।
ମୁହିଁ ଦିନେ ଶିଶୁ ଥିଲଇଁ, ମନେ ପଡୁଛି ମୋର,
ବସି ଶିଶୁମେଳେ ଦେଖନ୍ତି ଏ ବିଭବ ରୁଚିର!"

ଏହିଭଳି ଜୀବନ୍ତ ରଚନାସବୁ ସତ୍ୟବାଦୀ ସାହିତ୍ୟରେ ଦେଖିବାକୁ ମିଳିଥାଏ। କବିତା ଭିତରେ ପ୍ରକୃତି ସ୍ୱଚ୍ଛରୂପ ନେଇ ନୂଆ ହୋଇ ଆତ୍ମପ୍ରକାଶ କରିବାକୁ ସତେ ଯେମିତି ବ୍ୟାକୁଳ। ପ୍ରକୃତିର ସୁଷମାକୁ ଜୀବନ୍ତ କରି ପ୍ରକୃତି ସହିତ ଆତ୍ମୀୟତା ସ୍ଥାପନ କରିବା ସତ୍ୟବାଦୀ ସାହିତ୍ୟର କବିତାର ଧର୍ମ। କାରାଗାରର ନିଷ୍ଠୁର ଆବରଣ ଭିତରେ ଅବରୁଦ୍ଧ ହୋଇ ଗୋପବନ୍ଧୁ ହୃଦୟର ଆବେଗ ଦେଇ ବସନ୍ତ ବାତକୁ କବିତାରେ ଆତ୍ମନିବେଦନ କରିଛନ୍ତି —

"ହେ ବସନ୍ତ ବାତ ମୋ ଦ୍ୱାରେ ଆଘାତ
କର ଭଲା ଆଉ ଥରେ ସଦୟେ,
ଦକ୍ଷିଣ ଦିଗର କହ ସମାଚାର
ସିଞ୍ଚି ଶାନ୍ତିସୁଧା-ବାରି ହୃଦୟେ।"

ସତ୍ୟବାଦୀର କବିଗଣ ପ୍ରକୃତିରୁ ପାଉଥିଲେ ଜୀବନର ଆଦର୍ଶ, ପ୍ରେରଣା, ଜୀବନର ସ୍ନେହ, ସହାନୁଭୂତି ଓ ଅନୁକମ୍ପା। ଆଶା, ନିରାଶା ତଥା ସୁଖ ଦୁଃଖର ଜୀବନ ପାଇଁ ସେମାନେ ପ୍ରକୃତିଠାରୁ ଆଶା ଆଶ୍ୱାସନା ଲାଭ କରୁଥିଲେ। ସତ୍ୟବାଦୀର କବିଙ୍କ ମତରେ ବିଶ୍ୱ ପ୍ରକୃତି ନୀରବ ନୁହେଁ। ପ୍ରକୃତିର ନିଜର ଗୋଟିଏ ଭାଷା ଅଛି। ସେହି ଭାଷାକୁ ନିଜର ବୋଧ ଅନୁଭୂତି ଓ ଆବେଗଦ୍ୱାରା ଆୟତ୍ତ କରିପାରିଲେ ଏକ ସୁବିପୁଳ ଆନନ୍ଦ ଓ ଆଲୋକର ରାଜ୍ୟରେ ବିଚରଣ କରାଯାଇ ପାରିବ। ପ୍ରକୃତିକୁ ମାନବଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ବିଚାର କରି ସତ୍ୟବାଦୀକବି ମାନେ ତେଣୁ ତାର ମହାର୍ଘ ରୂପକୁ ଆପଣା ସୃଷ୍ଟିରେ ଅଙ୍କନ କରିଛନ୍ତି।

ଏତଦ୍‌ବ୍ୟତୀତ ଆଉ ଯେଉଁ ଉଲ୍ଲେଖନୀୟ ବିଷୟ ସବୁ ସତ୍ୟବାଦୀ ସାହିତ୍ୟର ଆତ୍ମିକ ଆଦର୍ଶକୁ ପ୍ରତିଷ୍ଠା କରିବାରେ ମହନୀୟ ଭୂମିକା ନିର୍ବାହ କରିଛି ତାହା ହେଲା, ବିଭୁବୋଧ ବା ଈଶ୍ୱର ଅନୁଚିନ୍ତା, କିମ୍ବଦନ୍ତୀ ଓ ଇତିହାସସଂପ୍ରୀତି, ସାମାଜିକ ଅନୁଚିନ୍ତା, ସୌନ୍ଦର୍ଯ୍ୟବୋଧ, ସଂସ୍କୃତି ଓ ପରଂପରା ସଂପ୍ରୀତ, ଆଦର୍ଶ ଓ ମୂଲ୍ୟବୋଧ ସଚେତନତା ଇତ୍ୟାଦି ।

## ୪.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

(କ) ସତ୍ୟବାଦୀ ଯୁଗରେ ଗାଥାକବିତା ଆଂଗିକରେ ଲେଖା ହୋଇଥିବା କବିତା

(ଖ) ସତ୍ୟବାଦୀ ଯୁଗର ନାଟକ ଓ ନାଟ୍ୟକାର

(ଗ) ସତ୍ୟବାଦୀଯୁଗର ଗଳ୍ପ

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ସତ୍ୟବାଦୀ ଯୁଗର ସାହିତ୍ୟର ଆଙ୍ଗିକ ଆଦର୍ଶ ସଂପର୍କରେ ଆଲୋଚନା କର ।

(ଖ) ସତ୍ୟବାଦୀ ସାହିତ୍ୟରେ ଯେଉଁ ଭାବଧାରା ସବୁ ତାହାର ଆତ୍ମିକ ଆଦର୍ଶକୁ ପୁଷ୍ଟ କରିଛି, ସେ ସଂପର୍କରେ ଆଲୋଚନା କର ।

(ଗ) ସତ୍ୟବାଦୀ ସାହିତ୍ୟର ବୈଶିଷ୍ଟ୍ୟ ପ୍ରତିପାଦିତ କର ।

## ୪.୭ ସହାୟକ ଗ୍ରନ୍ଥସୂଚୀ


- ଆଚାର୍ଯ୍ୟ, ବୃନ୍ଦାବନ ଚନ୍ଦ୍ର – ସତ୍ୟବାଦୀଯୁଗ (୧୯୬୩), ଦାସ୍ ବ୍ରଦର୍ସ, ବ୍ରହ୍ମପୁର
- ମିଶ୍ର, ଡକ୍ଟର ଗୋପାଳଚନ୍ଦ୍ର – ଗୋପବନ୍ଧୁଙ୍କ ସାହିତ୍ୟ ଓ ଜୀବନଦର୍ଶନ(୧୯୯୦) ଗ୍ରନ୍ଥମନ୍ଦିର, କଟକ-୨
- ପ୍ରଧାନ, ଡକ୍ଟର କୃଷ୍ଣଚନ୍ଦ୍ର – ଓଡ଼ିଆ ସାହିତ୍ୟର ଇତିହାସ (୨୦୧୨) ବିଦ୍ୟାପୁରୀ, କଟକ




ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

Odisha State Open University, Sambalpur

www.osou.ac.in

e-mail: info@osou.ac.in